



ଅଲଗା ହେଲେ ତାରା-ବୀର!
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-198 •TUESDAY •13 JANUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୯୮ •ମଙ୍ଗଳବାର •୧୩ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଇସ୍ରୋ ମିଶନ ବିଫଳ: ପିଏସ୍ଏଲ୍ଭି ସି୬୨ ବାଟବଣା

## ଉତ୍କ୍ଷେପଣ ପରେ ଗତିପଥରୁ ବିଚ୍ୟୁତ

## ମହାକାଶରେ ହଜିଗଲା ୧୬ ଉପଗ୍ରହ





■ **ଶ୍ରୀହରିକୋଟା, ୧୨।୧:** ଭାରତର ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ୍ (ପିଏସ୍ଏଲ୍ଭି)ର ୬୪ତମ ମିସନ ଆଜି ଫେଲ୍ ମାରିଛି। ଉତ୍କ୍ଷେପଣ ହେବାର କିଛି ସମୟ ପରେ ରକେଟ୍ ବାଟବଣା ହେବାରୁ ଏହା ସହିତ ଯାଇଥିବା ୧୬ଟି ଉପଗ୍ରହ ମହାକାଶରେ ହଜିଯାଇଛନ୍ତି। କ୍ରମାଗତ ଦ୍ୱିତୀୟ ଥର ଲାଗି ପିଏସ୍ଏଲ୍ଭିର ତୃତୀୟ ପର୍ଯ୍ୟାୟରେ ଏଭଳି ତ୍ରୁଟି ଇସ୍ରୋ ପାଇଁ ବଡ଼ ଧରଣର ଝଟକା ବୋଲି କୁହାଯାଉଛି।

ପିଏସ୍ଏଲ୍ଭି-ସି୬୨ର ଉତ୍କ୍ଷେପଣ ପାଇଁ ଗତକାଲି ରାତିରୁ ଚଳଚଞ୍ଚଳ ଥିଲା ଶ୍ରୀହରିକୋଟା ସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ର। ଆଜି ଦିନ ଠିକ୍ ୧୦ଟା ୧୮ ମିନିଟରେ ପିଏସ୍ଏଲ୍ଭି ସଫଳତା ସହ ଉତ୍କ୍ଷେପଣ ହୋଇଥିଲା। ଏହା ଇଓଏସ୍-ଏନ୍୧ ସମେତ ୧୬ଟି ଉପଗ୍ରହ ନେଇ ଯାତ୍ରା କରିଥିଲା। ପ୍ରଥମ ଦୁଇଟି ପର୍ଯ୍ୟାୟ ଠିକ୍ ଭାବେ କାର୍ଯ୍ୟ କରିଥିଲା। ମାତ୍ର ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ରକେଟ୍ ଏହାର ନିର୍ଦ୍ଧାରିତ ଗତିପଥରୁ ହଟିବା ଆରମ୍ଭ କରିଥିଲା। ଏହାକୁ ନେଇ ମହାକାଶ କେନ୍ଦ୍ରରେ ନିରବତା ଛାଇ ଯାଇଥିଲା। ପରେ ଭାରତୀୟ ମହକାକାଶ ଅନୁସନ୍ଧାନ କେନ୍ଦ୍ର ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ପିଏସ୍ଏଲ୍ଭି-ସି୬୨ ମିସନ ବିଫଳ ହୋଇଛି। ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ଏହି ରକେଟ ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତା ସହିତ କାର୍ଯ୍ୟ କରିଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ଏହା ନିଜର ଗତିପଥରୁ ଅଲଗା ହୋଇଯାଇଥିଲା। ଏପରି କାହିଁକି ହେଲା? ଡାଟା ବିଶ୍ଳେଷଣ କରିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଇସ୍ରୋ ମୁଖ୍ୟ ଡ. ଭି. ନାରାୟଣନ୍ ପ୍ରକାଶ କରିଛନ୍ତି। ଫଳରେ କୌଣସି ଉପଗ୍ରହକୁ ଏହାର କକ୍ଷପଥରେ ସ୍ଥାପିତ କରାଯାଇ ପାରିନାହିଁ। ତେବେ ଏସଂପର୍କରେ ଅଧିକ କିଛି କହିବାକୁ ସେ ମନା କରିଦେଇଛନ୍ତି। ପିଏସ୍ଏଲ୍ଭି ସହ ଆଜି ଯେଉଁ ଉପଗ୍ରହ ପ୍ରେରଣ କରାଯାଇଥିଲା ▶ପୃଷ୍ଠା-୭

# ଆଡ଼ବାୟା ଟ୍ରମ୍ପ

## 'ମୁଁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି'



■ ୱାସିଂଟନ୍, ୧୨।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ସେ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ପୋଷ୍ଟ କରି ଏହି କଥା ଉଲ୍ଲେଖ କରିଛନ୍ତି। ଏହି ପୋଷ୍ଟରେ ଟ୍ରମ୍ପଙ୍କ ଫଟୋ ଓ 'ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତି'ର କ୍ୟାପସନ ରହିଛି। ଏଥିରେ ସେ ୨୦୨୬ରୁ ଦାୟିତ୍ୱ ଗ୍ରହଣ କରିବା ବିଷୟରେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ ନିଜକୁ ୪୫ ଓ ୪୭ତମ ରାଷ୍ଟ୍ରପତି ଭାବେ ମଧ୍ୟ ବର୍ଣ୍ଣନା କରିଛନ୍ତି। ତେବେ ଏହି ପଦବୀ ସମ୍ପର୍କରେ ହ୍ୱାଇଟ୍ ହାଉସ କିମ୍ବା ଆମେରିକା ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ବିବୃତି ଜାରି କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ଜାନୁଆରୀ ୨ରେ ଆମେରିକା ଭେନେଜୁଏଲା ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନ୍ୟୁୟର୍କକୁ ଆଣିଥିଲେ। ଏହି ଦୁଇଜଣଙ୍କ ବିରୋଧରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଇଛି। ଟ୍ରମ୍ପ କହିଛନ୍ତି ଯେ ଭେନେଜୁଏଲା ପ୍ରଶାସନକୁ ଆମେରିକା ହିଁ ଚଳାଇବ। ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ ଉପ- ରାଷ୍ଟ୍ରପତି ରୋଡ୍ରିଗ୍ସେଜଙ୍କୁ ଦେଶର ଅନ୍ତରୀଣ ରାଷ୍ଟ୍ରପତି ନଯୁକ୍ତି କରାଯାଇଥିଲା। ଏବେ ଭେନେଜୁଏଲା ତୈଳ ପାଇଁ କେଉଁ କମ୍ପାନୀ ଆମେରିକା ଯିବ ତାହା ଆମେରିକା ନିଷ୍ପତ୍ତି ନେବ। ଆମେରିକାର ଆକ୍ରମଣରେ ଭେନେଜୁଏଲାର ୧୦୦ ଜଣ ସୈନିକ ମୃତ୍ୟୁବରଣ କରିଥିଲେ।

## ବଡ଼ ଚାଷୀଙ୍କୁ ସରକାରୀ ଝଟ୍‌କା

# ମିଳିବନି ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି

### ୧୫୦ କ୍ୱିଣ୍ଟାଲ ପରେ ଅବଶିଷ୍ଟ ଧାନ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା

### କ୍ଷତିଗ୍ରସ୍ତ ହେବେ ୭ ଏକରରୁ ଅଧିକ ଚାଷ କରିଥିବା ଚାଷୀ



■ ଭୁବନେଶ୍ୱର, ୧୨।୧(ସମିସ): ରାଜ୍ୟରେ ଧାନ କିଣାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ମଧ୍ୟରେ ଚାଷୀ ଦହଗଞ୍ଜ ହେଉଥିବା ବେଳେ ସେମାନଙ୍କ କଟା ଘା'ରେ ଚୂନ ମାରିଛନ୍ତି ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଯୋଗାଣମନ୍ତ୍ରୀଙ୍କ ଘୋଷଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଜ ଘୋଷଣା ଅନୁଯାୟୀ ଚାଷୀଙ୍କଠାରୁ ସବୁ ଧାନ ଉଠାଇବେ। ମାତ୍ର ୧୫୦ କୁଇଣ୍ଟାଲ ଧାନ ପରେ ଆଉ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଦିଆଯିବ ନାହିଁ। ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଚାଷୀ ୩୧୦୦ ଟଙ୍କା ପାଇବେ। ଏହା ପରେ ଆଉ ଯେତେ ଧାନ ଦେବେ, ସରକାର ତାହାକୁ ୨୩୬୯ ଟଙ୍କାରେ କିଣିବେ। ଅର୍ଥାତ୍ ହାରାହାରି ୭ ଏକରରୁ ଅଧିକ ଜମିରେ ଧାନ ଚାଷ କରିଥିବା ଚାଷୀ ସିଧାସଳଖ କ୍ଷତିଗ୍ରସ୍ତ ହେବେ।

ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସହାୟତା ଘୋଷଣା କରିବା ପରେ ଅନେକ ପ୍ରଶଂସା ନେଇଥିଲେ; ହେଲେ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟ୍‌ନୀଛଟ୍‌ନୀ ପରିମାଣ ବଢ଼ିଗଲା। କ୍ୱିଣ୍ଟାଲ ପିଛା ୧୨-୧୫ କିଲୋ ଧାନ କଟ୍‌ନୀଛଟ୍‌ନୀ କରିବା ପରେ ସରକାରଙ୍କ ଉପରେ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ କିଣା ସ୍ୱାଭାବିକ ହୋଇପାରୁ ନାହିଁ। ପଶ୍ଚିମ ଓଡ଼ିଶାରେ ୨ ମାସ ହେବ ସରକାରୀ ଭାବେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ ମଧ୍ୟ ମିଳିପାରି ନାହିଁ। ଏହାକୁ ନେଇ ଉପକୂଳରୁ-ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସବୁଠି ଚାଷୀ ପ୍ରତିକ୍ରିୟାଶୀଳ ହେଉଛନ୍ତି। ଏହାକୁ ପ୍ରଶମିତ କରିବା ବଦଳରେ ଚାଷୀ ନୌଟଙ୍କି କରୁଛନ୍ତି ଓ ଦଲାଲଗିରି କରୁଥିବା ଉପମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି। ଏହି ସମୟରେ ଯୋଗାଣ ମନ୍ତ୍ରୀ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ଉପରେ ଚାଷୀଙ୍କୁ ଇନ୍‌ପୁଟ ସବସିଡ଼ି ▶ପୃଷ୍ଠା-୭

## ଜଗଦୀପ ଧନଖଡ଼ ଅସୁସ୍ଥ



■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୋମବାର ଅସୁସ୍ଥତା କାରଣରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଗତ ସପ୍ତାହନ୍ତରେ ଦୁଇଥର ବେହୋଶ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା। ୭୪ ବର୍ଷୀୟ ଧନଖଡ଼ ଜାନୁଆରୀ ୧୦ରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ ଏମ୍ସ ନିଆଯାଇଥିଲା। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ୍ଆ ଆଡ୍‌ମିଟ୍ ହେବାକୁ ପରାମର୍ଶ ଦେଇଥିଲେ। ଶନିବାର ଦିନ ଶୌଚାଳୟକୁ ଯିବା ସମୟରେ ଦୁଇଥର ଚେତାଶୂନ୍ୟ ହୋଇପଡିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଇଥିଲା। ତାଙ୍କର ଏମ୍ଆରଆଇ କରାଯିବ ବୋଲି ଏମ୍ସର ତରଫରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଧନଖଡ଼ କିମ୍ବା ତାଙ୍କ ପରିବାର ତରଫରୁ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସୂଚନା ଦିଆଯାଇନାହିଁ।

ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଗତବର୍ଷ ଜୁଲାଇ ୨୧ରେ ଉପ-ରାଷ୍ଟପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେଳେ ବେଶ ଚର୍ଚ୍ଚା ଚାଲିଥିଲା।

## ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲା

# ୭ ପରୀକ୍ଷାର୍ଥୀଙ୍କୁ ନୋଟିସ

■ ଭୁବନେଶ୍ୱର, ୧୨।୧ (ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ ପୂର୍ବରୁ ପୁଲିସ ଦ୍ୱାରା ଗିରଫ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣଙ୍କୁ ଜେରା କରିବ ସିବିଆଇ। ଏ ସଂକ୍ରାନ୍ତରେ ସିବିଆଇ ପକ୍ଷରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ନୋଟିସ ଜାରି କରାଯାଇଛି। ସମସ୍ତ ପରୀକ୍ଷାର୍ଥୀ ବ୍ରହ୍ମପୁରର ବୋଲି ଜଣାପଡ଼ିଛି। ଓପିଆର୍‌ବି, ସିଲିକନ୍ ଏବଂ ଶଙ୍କର ପୃଷ୍ଟି ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ କ'ଣ ଲିଙ୍କ୍ ରହିଥିଲା, ପରୀକ୍ଷା ପୂର୍ବରୁ ସେମାନଙ୍କୁ କିଭଳି ପ୍ରଶ୍ନପତ୍ର ମିଳିଯାଉଥିଲା ଏବଂ ଓପିଆର୍‌ବିର କିଏ ଏହି ପ୍ରଶ୍ନପତ୍ର ଲିକ୍‌ରେ ସାମିଲ ଅଛି ସେ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ତେବେ ସିବିଆଇ ଆଜି ଆଉ ୭ ଜଣଙ୍କୁ ଏହି ମାମଲାରେ ଜେରା କରିଥିବା ଜଣାପଡ଼ିଛି।

ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ଏସଆଇ ପଦବୀର ଡିଲ୍ କରିଥିଲେ; ମାତ୍ର ଏହି ଖବର କୌଣସି ସୂତ୍ରରୁ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପରେ ବଢ଼ିଲା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଚର୍ଚ୍ଚା

# ୨୦୦ ଛୁଇଁବ ବିଧାନସଭା ଆସନ !

■ ଭୁବନେଶ୍ୱର, ୧୨।୧ (ସମିସ): ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେସନ) ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ ଛୁଇଁପାରେ। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ସୂଚନା

### ▶ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ କ୍ଷତିରେ ପଡ଼ିବ ଓଡ଼ିଶା

### ▶ ୨୦୨୯ ନିର୍ବାଚନ ପୂର୍ବରୁ ସମ୍ଭବ ହେବନି ସୀମା ପୁନଃ ନିର୍ଦ୍ଧାରଣ



ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଟିପ୍ପଣୀ ପରେ ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ମହଲରେ ସୀମା ପୁନଃନିର୍ଦ୍ଧାରଣକୁ ନେଇ ପୁଣି ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବରୁ ଜନସଂଖ୍ୟା ଆଧାରରେ ଡ଼ିଲିମିଟେସନ ହେବ ବୋଲି ହେଉଥିବା ଚର୍ଚ୍ଚା ସତ୍ୟ ହେଲେ ଓଡ଼ିଶା କ୍ଷତିରେ ପଡ଼ିବାର ସମ୍ଭାବନା ରହିଛି। ମାତ୍ର ମୁଖ୍ୟମନ୍ତ୍ରୀ ବିଧାନସଭା ଆସନ ସଂଖ୍ୟା ୨୦୦ ଛୁଇଁବ ବୋଲି ଦେଇଥିବା ଟିପ୍ପଣୀ ରାଜ୍ୟରେ ରାଜନୈତିକ ମହଲକୁ ଉଷ୍ମ କରି ଦେଇଛି।

ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ରାଜ୍ୟ ବିଧାନସଭା ଅଛି, ସେଥିରେ ଅତି ବେଶିରେ ଆଉ ୩-୪ ଜଣ ବସିପାରିବେ। ନୂଆଦିଲ୍ଲୀରେ ଯେପରି ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଛି, ଠିକ୍ ସେପରି ଭାବେ ରାଜ୍ୟରେ ନୂଆ ବିଧାନସଭା ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଡିଲିମିଟେସନ ପ୍ରକ୍ରିୟାରେ ପ୍ରାୟ ୫୦ଟି ବିଧାନସଭା ଆସନ ବଢ଼ି ଏହା ୨୦୦ରେ ପହଞ୍ଚିବାର ସମ୍ଭାବନା ରହିଛି। ଆଗାମୀ ୫୦ରୁ ୧୦୦ ବର୍ଷକୁ ଆଖି ଆଗରେ ରଖି ୩୦୦ ସିଟ୍ ବିଶିଷ୍ଟ ବିଧାନସଭା ସୌଧ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

## ବିଶ୍ୱର ୪ର୍ଥ ବୃହତ୍ ମହଙ୍ଗା ଛାଡ଼ପତ୍ର

# ପତ୍ନୀଙ୍କୁ ୧୪ ହଜାର କୋଟି ଦେବେ ଜୋହୋ ପ୍ରତିଷ୍ଠାତା



■ ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଛାଡପତ୍ର ଘଟଣାକୁ ନେଇ ଚର୍ଚ୍ଚାରେ ଜୋହୋ ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଧର ଭେମ୍ବୁ। କାରଣ ଭେମ୍ବୁ ଛାଡ଼ପତ୍ରରେ ପତ୍ନୀଙ୍କୁ ଦେବେ ୧୪,୦୦୦ କୋଟି ଟଙ୍କା କ୍ଷତିପୂରଣ। ତେବେ ଏହାକୁ ବିଶ୍ୱର ୪ର୍ଥ ବୃହତ୍ ଏବଂ ଭାରତର ସବୁଠାରୁ ମହଙ୍ଗା ଛାଡ଼ପତ୍ର ବୋଲି କୁହାଯାଉଛି। ଆମେରିକାର କାଲିଫର୍ଣ୍ଣିଆରେ ଚାଲିଥିବା ଛାଡପତ୍ର ମାମଲାରେ କୋର୍ଟ ଭେମ୍ବୁଙ୍କୁ ୧.୭ ବିଲିୟନ ଡଲାର (୧୪ ହଜାର କୋଟି ଟଙ୍କା)ର ବଣ୍ଡ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଭେମ୍ବୁ ଏବଂ ତାଙ୍କ ପତ୍ନୀ ପ୍ରମିଳା ଶ୍ରୀନିବାସନଙ୍କ ମଧ୍ୟରେ ଛାଡପତ୍ରର ମୁଖ୍ୟ କାରଣ ହେଉଛି, ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
■ B.A. LL.B. (H) - Integrated
■ BBA LL.B. (H) - Integrated
■ LL.B. (H) - 3 Years
■ LL.M. - 1 Year
APPROVAL & RECOGNITIONS
■ Approved by UGC and BCI
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2025
■ 10th Best in Law Category
■ 15th Best in University Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in


## ସଂକଟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

# ବିନା ବନ୍ଧକରେ ୪୭ ଲକ୍ଷ କୋଟି ଋଣ

### ୨୦ ବର୍ଷରେ ଋଣ ପରିମାଣ ବଢ଼ିଛି ୨୩ ଗୁଣା

### ୨୦୦୫ରେ ୨ ଲକ୍ଷ କୋଟି, ୨୦୨୫ରେ ୪୭ ଲକ୍ଷ କୋଟି



■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି)): ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅନାଦାୟ ଋଣ ବା ଏନ୍‌ପିଏରେ ବୃଦ୍ଧିକୁ ନେଇ ବ୍ୟାଙ୍କଗୁଡିକ ସମସ୍ୟାରେ ରହିଥିବା ବେଳେ ଏବେ ବିନା ଗ୍ୟାରେଣ୍ଟି ।।ରେ ଋଣ ପରିମାଣ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କଗୁଡିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷରେ ଏହି ଏଭଳି ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡିକ ୨ ଲକ୍ଷ କୋଟି ଟଙ୍କାର ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ୍ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶରେ ଅସୁରକ୍ଷିତ ଋଣ ପରିମାଣ ରେକର୍ଡ ୪୬.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣରେ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକବର୍ଷରେ ଏହା ୨୪.୫%କୁ ବୃଦ୍ଧିପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକବର୍ଷଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣଗୁଡ଼ିକ ବିନା ବନ୍ଧକରେ ଦିଆଯାଇଛି, ତେଣୁ ସେଗୁଡିକର ବର୍ଦ୍ଧିତ ▶ପୃଷ୍ଠା-୭

# କେନ୍ଦ୍ର ଓ ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନରଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରିଥିବା ନୂଆ ଆଇନକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି । ଏହାକୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କୁ ନୋଟିସ ଜାରି କରିଛନ୍ତି । ତେବେ ଏସଂକ୍ରାନ୍ତ ନୂଆ ଆଇନ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ଆଇନର ଅନୁଧ୍ୟାନ କରାଯିବ । ଲୋକ ପ୍ରହରୀ ନାମକ ଏକ ଏନ୍‌ଜିଓ ଜନସ୍ୱାର୍ଥ ମାମଲା ଦାୟର କରି ଏହି ଆଇନକୁ ଚାଲେଞ୍ଜ କରିଛି । ସଂସଦ ଦ୍ୱାରା ଅନୁମୋଦିତ ନିର୍ବାଚନ କମିସନ ନିଯୁକ୍ତି ସର୍ତ୍ତ ଆଇନରେ ମୁଖ୍ୟ ନିର୍ବାଚନ କମିସନ ଏବଂ ଅନ୍ୟ ନିର୍ବାଚନ କମିସନଙ୍କୁ ଯେକୌଣସି ସିଭିଲ ଏବଂ ଫୌଜଦାରୀ ମାମଲାରୁ ଆଜୀବନ ମୁକ୍ତି ପ୍ରଦାନ କରାଯାଇଛି । ନିଜ କାର୍ଯ୍ୟକାଳ ସମୟରେ ନେଇଥିବା ନିଷ୍ପତ୍ତି ସଂପର୍କରେ ସେମାନଙ୍କ ବିରୋଧରେ କୌଣସି ମାମଲା ଦାୟର କରାଯାଇପାରିବ ନାହିଁ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି । ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରାଷ୍ଟ୍ରପତି, ରାଜ୍ୟପାଳ କିମ୍ବା ବିଚାରପତିମାନଙ୍କ ପାଇଁ କରାଯାଇ ନାହିଁ, ତାହା ନିର୍ବାଚନ କମିସନଙ୍କ ପାଇଁ କାହିଁକି କରାଯାଇଛି ବୋଲି ସଂଗଠନ ପ୍ରଶ୍ନ କରିଛି ।

# ତେଲଙ୍ଗାନାରେ ବିଷ ଦେଇ ୩୦୦ ବୁଲା କୁକୁରଙ୍କୁ ହତ୍ୟା

ହାଇଦରାବାଦ୍, ୧୨ ।୧(ଏଜେନ୍ସି): ତେଲଙ୍ଗାନାର ହନମକୋଣ୍ଡା ଜିଲ୍ଲାରେ ୩୦୦ ବୁଲା କୁକୁରଙ୍କ ହତ୍ୟା କରାଯିବା ଘଟଣା ସାମ୍ନାକୁ ଆସିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ୍‌ର ପ୍ରାସଙ୍ଗିକ ଧାରା ଅନୁଯାୟୀ ୨ ଜଣଙ୍କ ବିରୋଧରେ ଏହି ମାମଲା ନେଇ ଏଫ୍‌ଆଇଆର ରୁଜୁ କରାଯାଇଛି । ପଶୁ କଲ୍ୟାଣ କର୍ମୀ ଆଦୁଲାପୁରମ ଗୌତମ ଓ ଫରଜାନା ବେଗମ ଜାନୁଆରୀ ୨ରେ ଶ୍ୟାମପେଟ ଥାନାରେ ଅଭିଯୋଗ କରିଥିଲେ । ଜାନୁଆରୀ ୬ରୁ ଆରମ୍ଭ ହୋଇ ତିନିଦିନ ମଧ୍ୟରେ ଶ୍ୟାମପେଟ ଓ ଆରେପାଲି ଗାଁରେ ୩୦୦ ବୁଲା କୁକୁରଙ୍କୁ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି । ହତ୍ୟା ପରେ ମୃତଦେହଗୁଡ଼ିକୁ ଗାଁ ବାହାରେ ପୋତି ଦିଆଯାଇଥିଲା । ଗାଁର ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ସଚିବଙ୍କ ସମେତ ୮ ଜଣ ଲୋକ ହିଁ ଏହି ଅପରାଧ ଘଟାଇଛନ୍ତି ବୋଲି ଅଭିଯୋଗ କରାଯାଇଛି । ସରପଞ୍ଚ ଓ ସଚିବ ଦୁଇ ଲୋକଙ୍କୁ ପଇସା ଦେଇ ବୁଲା କୁକୁରଙ୍କୁ ହତ୍ୟା କରିବା ପରେ ମୃତଦେହ ଗୁଡ଼ିକୁ ପୋତିବା ପାଇଁ ନିୟୋଜିତ କରିଥିଲେ । ପୁଲିସ ମଧ୍ୟ ଏନେଇ ମାମଲା ରୁଜୁ କରିଛି । ପ୍ରଶାସନ ଏହି ମାମାଲାକୁ ଗମ୍ଭୀରତା ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ କରିବ ବୋଲି ପ୍ରତିଶ୍ରୁତି ଦେଇଛି ।

# ଜର୍ମାନୀରେ ଭାରତୀୟଙ୍କ ପାଇଁ ଭିସା ମୁକ୍ତ ଟ୍ରାନ୍‌ଜିଟ୍

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜର୍ମାନୀ ଚାନ୍ସଲର ଫ୍ରେଡ୍ରିଚ ମର୍ଜ ଗୁଜରାଟର ଗାନ୍ଧୀନଗରରେ ପରସ୍ପରକୁ ଭେଟିଛନ୍ତି । ଦୁହେଁ ମହାତ୍ମା ମନ୍ଦୀର କନଭେନସନରେ ଏକାଠି ବସି ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ । ଆଲୋଚନା ପରେ ମୋଦୀ କହିଥିଲେ ଯେ, ଭାରତ ଓ ଜର୍ମାନୀ ଘନିଷ୍ଠ ସହଯୋଗୀ । ଏଥିପାଇଁ ଭାରତରେ ଆଜି ଜର୍ମାନୀର ୨୦୦୦ କମ୍ପାନୀ ଅଛନ୍ତି । ଦୁଇ ଦେଶ ନୂଆ ପ୍ରକଳ୍ପକୁ ଆଗକୁ ବଢ଼ାଉଛନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ଏକାଠି କାର୍ଯ୍ୟ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଓ ଏହା ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ସେ କହିଥିଲେ । ଦୁଇ ନେତା ସବୁ କାର୍ଯ୍ୟକ୍ରମରେ ଗୋଟିଏ କାର୍‌ରେ ହିଁ ସାଥି ହୋଇ ଯାତ୍ରା କରିଥିଲେ । ସୋମବାର ସକାଳେ ଦୁହେଁ ସାବରମତୀ ଆଶ୍ରମରେ ପହଞ୍ଚିଥିଲେ । ଦୁହେଁ ସେଠାରେ ସାଥି ହୋଇ ଗୁଡ଼ି ଉଡାଇଥିଲେ । ଆଜିର ଯୁଗରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନୀତିର ବହୁତ ଆବଶ୍ୟକତା ରହିଛି ବୋଲି ମର୍ଜ କହିଛନ୍ତି । ଏହାସହିତ ସେ ଘୋଷଣା କରିଛନ୍ତି ଯେ, ଜର୍ମାନୀରେ ପାସପୋର୍ଟ ଧାରୀ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ମୁକ୍ତ ଟ୍ରାନଜିଟ ସୁବିଧା ଯୋଗାଇ ଦିଆଯିବ ।

# ପକ୍ଷୀ ମାଡ଼ ପରେ ବାରାଣସୀରେ ବିମାନର ଜରୁରୀ ଅବତରଣ

ବାରଣାସୀ, ୧୨ ।୧(ଏଜେନ୍ସି): ଗୋରଖପୁରରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ବାରାଣସୀରେ ଜରୁରୀକାଳୀନ ଅବତରଣ କରିଛି । ପକ୍ଷୀ ମାଡ଼ ହେବା କାରଣରୁ ଏଭଳି ସ୍ଥିତି ଉପୁଜିଥିଲା । ଏହି ବିମାନରେ ୨୧୬ ଜଣ ଯାତ୍ରୀ କରୁଥିଲେ । ସୁରକ୍ଷା କାରଣରୁ ବିମାନକୁ ଅବତରଣ କରାଯାଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ପକ୍ଷୀ ମାଡ଼ ହେବା ପରେ ବିମାନକୁ ଆଗକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା । ଗୋରଖପୁରରୁ ଏହି ୬ଇ-୪୩୭ ବିମାନ ରବିବାର ସନ୍ଧ୍ୟା ୬.୨୫ରେ ଉଡାଣ ଭରିଥିଲା ଓ ଏହା ବେଙ୍ଗାଲୁରୁରେ ୯.୦୨ରେ ଅବତରଣ କରିଥାନ୍ତା । କିନ୍ତୁ ଟେକଅଫ୍‌ର ୧୫ ମିନିଟ ପରେ ହିଁ ବିମାନରେ ପକ୍ଷୀ ମାଡ଼ ହୋଇଥିଲା । ଏହି ସମୟରେ ବିମାନ ଜୋନପୁରର ଆଖପାଖ ଆକାଶରେ ଥିଲା । ଫଳରେ ପାଇଲଟ ତୁରନ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରିଥିଲେ । ଏହାପରେ ବିମାନ ୬.୫୬ରେ ବାରଣାସୀ ବିମାନ ବନ୍ଦରରେ ଅବତରଣ କରିଥିଲା ।

# ସମୀର ପୁଟାଟୁଣ୍ଡୁଙ୍କ ପରଲୋକ

କୋଲକାତା, ୧୨ ।୧(ଏଜେନ୍ସି): ପଶ୍ଚିମବଙ୍ଗର ବରିଷ୍ଠ ବାମପନ୍ଥୀ ନେତା ସମୀର ପୁଟାଟୁଣ୍ଡୁ ରବିବାର ରାତିରେ ପରଲୋକ ଗମନ କରିଛନ୍ତି । କୋଲକାତାର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଥିଲା । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା ଓ ତାଙ୍କ ନିକଟରେ ପତ୍ନୀ ଅନୁରାଧା ଉପସ୍ଥିତ ଥିଲେ । ପୁଟାଟୁଣ୍ଡୁ ପଶ୍ଚିମବଙ୍ଗ ବାମପନ୍ଥୀ ଆନ୍ଦୋଳନର ଜଣେ ପ୍ରମୁଖ ଅଗ୍ରଣୀ ବ୍ୟକ୍ତିଥିଲେ । ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଣେ ପ୍ରଭାବଶାଳୀ ନେତା ଥିଲେ ।

# ମକରରେ ବଦଳିବ ପ୍ରଧାନମନ୍ତ୍ରୀ ଅଫିସ ଠିକଣା

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଦିଲ୍ଲୀର ରାଇସିନା ହିଲ୍ସ ନିକଟରେ ପ୍ରଧାନମନ୍ତ୍ରୀଙ୍କ ନୂଆ କର୍ଯ୍ୟାଳୟର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତିରେ ନୂଆ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ନୂଆ କାର୍ଯ୍ୟାଳୟ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୁହାଯାଉଛି । ଏହି ନୂଆ କର୍ଯ୍ୟାଳୟ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପର ଅଂଶବିଶେଷ । କାର୍ଯ୍ୟାଳୟ ନିକଟରେ ପ୍ରାଧାନମନ୍ତ୍ରୀଙ୍କ ବାସଭବନ ମଧ୍ୟ ନିର୍ମାଣ କରାଯାଉଛି । ଏହାର ନିର୍ମାଣ ଶେଷ ପରେ ପ୍ରଧାନମନ୍ତ୍ରୀ ୭ ଲୋକକଲ୍ୟାଣ ମାର୍ଗସ୍ଥିତ ଏବେକାର ବାସଭବନ ଛାଡି ନୂଆ ବାସଭବନକୁ ଯିବେ । ପ୍ରଧାନମନ୍ତ୍ରୀଙ୍କ ନୂଆ ଅଫିସର ନାମ ପ୍ରଥମେ ଏକଜିକ୍ୟୁଟିଭ କମ୍ପ୍ଲେକ୍ସ ରଖାଯାଇଥିଲା । ତେବେ ପରେ ଏହାକୁ ବଦଳାଯାଇ 'ସେବା ତୀର୍ଥ' ରଖାଯାଇଛି । ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅନୁସାରେ ନୂଆ ସଂସଦ ଭବନ ଓ ଉପ-ରାଷ୍ଟ୍ରପତି ଏନକ୍ଲେଭ ପୂର୍ବରୁ ପ୍ରସ୍ତୁତ ହୋଇସାରିଛି । ସେବା ତୀର୍ଥ କମ୍ପ୍ଲେକ୍ସରେ ୩ଟି କୋଠା ରହିଛି । ସେବା ତୀର୍ଥ-୧ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟ ହେବ । ସେବା ତୀର୍ଥ-୨ କ୍ୟାବିନେଟ ସଚିବାଳୟ ହେବ । ସେବା ତୀର୍ଥ-୩ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟାଙ୍କ କାର୍ଯ୍ୟାଳୟ ହେବ । ୭୮ ବର୍ଷ ପରେ ପ୍ରଧାନମନ୍ତ୍ରୀ ଅଫିସ ନର୍ଥ ବ୍ଲକରୁ ସ୍ଥାନାନ୍ତର ହେବ ।



# ଇରାନରେ ବ୍ୟାପୁଛି ହିଂସା; ୫୫୦ ମୃତ

ଲସ୍ ଏଞ୍ଜେଲସ, ୧୨ ।୧(ଏଜେନ୍ସି): ଗତ ଦୁଇ ସପ୍ତାହ ଧରି ଇରାନରେ ସରକାର ବିରୋଧୀ ପ୍ରତିବାଦ ଜାରି ରହିଛି । ଇରାନରେ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା (ଏଚ୍‌ଆରଏଏନ୍‌ଏ) ଦେଇଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୮ ଜଣ ଶିଶୁଙ୍କ ସମେତ ଏହି ହିଂସ୍ରକ ଆନ୍ଦୋଳନରେ ମୋଟ୍ ୫୪୪ ଜଣ ମୃତ୍ୟୁବରଣ କରିଛନ୍ତି । ୧୦ହଜାର ଲୋକଙ୍କୁ ଗିରଫ କରାଯାଇ ଜେଲ୍‌ରେ ଭର୍ତ୍ତି କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏଭଳି ଦମନ ଚଳାଇ ଇରାନ ତା'ର ରେଡ୍ ଲାଇନ୍ ଅର୍ଥାତ ଲକ୍ଷ୍ମଣ ରେଖା ପାର୍ କରିଛି । ତେଣୁ ଆମେରିକା ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଚିନ୍ତା କରୁଛି । ।।ସେ କହିଛନ୍ତି ଯେ, ଇରାନ ବି ।।କ୍ଷୋଭକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ଓ କ'ଣ କରୁଛି ସେ ତାହା ଉପରେ ଆମେରିକା ତୀକ୍ଷ୍ଣ ନଜର ରଖିଛି । ଇତିମଧ୍ୟରେ ଇରାନ ଆଲୋଚନା ପାଇଁ ଏକ ପ୍ରସ୍ତାବ ଦେବା ସହ ଆମେରିକା ସହ ଯୋଗାଯୋଗ କରିଛି । ଏ ନେଇ ଏକ ବୈଠକ ସ୍ଥିତ କରିବା ପାଇଁ ଆଲୋଚନା ଚାଲିଛି । ତଥାପି, ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମ ପଦକ୍ଷେପ ନେବାକୁ ପଡ଼ିପାରେ । କାରଣ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ଓ ଗିରଫ ହେଉଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତେଣଉ ବୈଠକ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ।

ଅନପଟେ ଇରାନ ବୈଦେଶିକ ମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ, ଦେଶରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଏବେ ରକ୍ତାକ୍ତ ହୋଇଛି ଓ ଏହା ଟ୍ରମ୍ପଙ୍କୁ ହସ୍ତକ୍ଷେପ କରିବା ପାଇଁ ବାହାନା ଦେଉଛି । ବି ।।କ୍ଷୋଭକାରୀମା ।।ନେ ପୁଲିସକର୍ମୀଙ୍କୁ ମାରିବା ସହ ଜିଅନ୍ତା ଜଳାଉଛନ୍ତି । ଦେଶବ୍ୟାପୀ ଚାଲିଥିବା ପ୍ରତିବାଦ ଏବେ ନିୟନ୍ତ୍ରଣକୁ ଆସିଛି । ଅନ୍ୟପକ୍ଷରେ ଆନ୍ଦୋଳନ ଚାଲିଥିବା ବେଳେ ଭାରତୀୟ ନାଗରିକଙ୍କୁ ଗିରଫ କରାଯିବା କଥା ମିଛ ବୋଲି ଇରାନ ରାଷ୍ଟ୍ରଦୂତ ମୋହମ୍ମଦ ଫଥାଲୀ ଏକ୍ସରେ ସୂଚନା ଦେଇଛନ୍ତି । ଯଦି ଆମେରିକା ଆକ୍ରମଣ କରେ ତେବେ ଇରାନ ଆମେରିକା ସମେତ ଇସ୍ରାଏଲ ସୈନ୍ୟଙ୍କୁ ଆକ୍ରମଣ କରିବ ବୋଲି ସେ ଧମକ ଦେଇଛନ୍ତି ।



## ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରେ ଆମେରିକା

ଆମେରିକାରେ ଇରାନ ସର୍ବୋଚ୍ଚ ନେତା ଅଲି ହୋସେଇନି ଖାମେନେଇଙ୍କ ବିରୋଧରେ ଆୟୋଜିତ ରାଲି ଭିତରକୁ ଏକ ଟ୍ରକ ମାଡିଯିବା ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା । ଏହି ଘଟଣା ରବିବାର ଅପରାହ୍ନରେ ଲସ୍ ଏଞ୍ଜେଲ୍ସର ୱେଷ୍ଟଉଡ ଅଞ୍ଚଳରେ ଘଟିଥିଲା । ଏଠାରେ ଇରାନରେ ଚାଲିଥିବା ପ୍ରତିବାଦକୁ ସମର୍ଥନ କରି ଶହଶହ ଲୋକ ଶୋଭାଯାତ୍ର କରୁଥିଲେ । ତେବେ ଏହି ଘଟଣାରେ କେତେଲୋକ ଆହତ ହୋଇଛନ୍ତି ସେ ନେଇ କିଛି କୁହାଯାଇନାହିଁ । ରାଲି ଭିତରକୁ ଟ୍ରକ୍ ମାଡିଯିବା ଫଳରେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ିବା ଆରମ୍ଭ କରିଥିଲେ । ଉତ୍ତ୍ୟକ୍ତ ପ୍ରଦର୍ଶନକାରୀମାନେ ସମ୍ପୃକ୍ତ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ।

**ଇରାନରେ ଥିବା ନାଗରିକଙ୍କୁ ସତର୍କ କରାଇଲା ଭାରତ**

ଇରାନରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବା ବେଳେ ଭାରତ ସେଠାରେ ଥିବା ନିଜର ନାଗରିକଙ୍କୁ ସତର୍କ କରାଇଛି । ଭାରତ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କୁ ବାହାରକୁ ନ ବହାରିବା ପାଇଁ ଓ କୌଣସି ପ୍ରକାର ଘଟଣାରେ ନ ଫସିବା ସତର୍କ କରାଇଛି । ଇରାନ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ଓ ପ୍ରବାସୀ ରହୁଛନ୍ତି । ପ୍ରତିବନ୍ଧକ ସତ୍ତ୍ୱେ ରାଜଧାନୀ ତେହେରାନସ୍ଥିତ ଭାରତୀୟ ଦୂତାବାସ ଛାତ୍ରଙ୍କ ସଂଘଗୁଡିକ ସହ ସମ୍ପର୍କ ରକ୍ଷା କରିଛି । ଏପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଅଛନ୍ତି ଓ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି । ଘରୁ ବାହାରକୁ ବାହାରିଲେ ଭାରତୀୟ ନାଗରିକମାନେ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

ଚେନ୍ନଇ, ୧୨ ।୧(ଏଜେନ୍ସି): ସିବିଆଇ ସୋମବାର ତାମିଲ ଅଭିନେତା ତଥା ତାମିଲିଗା ଭେଟ୍ରୀ କାଝଗମ (ଟିଭିକେ) ପାର୍ଟି ମୁଖ୍ୟ ବିଜୟ ଥାଲାପତିଙ୍କୁ ୬ ଘଣ୍ଟା ପଚରାଉଚରା କରିଛି । ବିଜୟ ସକାଳ ୧୧.୨୯ରେ କଡ଼ା ସୁରକ୍ଷା ବଳୟ ଭିତରେ ସିବିଆଇ ମୁଖ୍ୟ କାର୍ଯ୍ୟାଳୟ ପହଞ୍ଚିଥିଲେ ଓ ସନ୍ଧ୍ୟା ୬ଟାରେ ବାହାରକୁ ବାହାରିଥିଲେ । କରୁର ଦଳାଚକଟା ମାମଲାରେ ତାଙ୍କୁ ପଚରା ଉଚରା କରାଯାଇଥିଲା । ତେବେ ଏହି ଘଟଣା ପାଇଁ ତାଙ୍କ ପାର୍ଟି ଦାୟୀ ନୁହେଁ ବୋଲି ସେ ସିବିଆଇକୁ ସ୍ପଷ୍ଟ କରିଥିଲେ । ଦଳାଚକଟା ଆଗକୁ ନ ବଢ଼ିବା ପାଇଁ ସେ ତୁରନ୍ତ ସେ ସ୍ଥାନ ଛାଡି ଚାଲିଯାଇଥିଲେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା । ଏଥିରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଥିଲେ । ବିଜୟଙ୍କୁ ପାଖରୁ ଦେଖିବା ପାଇଁ ଆବଶ୍ୟକତାଠାରୁ ଭିଡ଼ ଏକାଠି ହେବା କାରଣରୁ ଏହି ଘଟଣା ଘଟିଥିଲା । ସେତେବେଳେ ଏହି ଘଟଣାକୁ ନେଇ ଦେଶ ସାରା ଚର୍ଚ୍ଚା ଚାଲିଥିଲା । ଏହାପୂର୍ବରୁ ସିବିଆଇ ଜାନୁଆରୀ ୬ରେ ବିଜୟଙ୍କ ସମନ ଜାରି କରିଥିଲା । ରାଲି ପାଇଁ ବିଜୟଙ୍କୁ ୧୦ ହଜାର ଲୋକଙ୍କ ପାଇଁ ଅନୁମତି ଥିଲା । ପ୍ରଶାସନ ୫୦ ହଜାର ଲୋକ ଏକାଠି ହେବେ ବୋଲି ଅନୁମାନ କରୁଥିଲା । କିନ୍ତୁ ୧ ଲକ୍ଷ ୨୦ ହଜାର ଲୋକ ଏକାଠି ହେବା ଫଳରେ ଦଳଚକଟା ସ୍ଥିତି ସୃଷ୍ଟି ହୋଇଥିଲା ।



# ଦିଲ୍ଲୀରେ ତାପମାତ୍ରା ୩.୨ ଡିଗ୍ରୀ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଦିଲ୍ଲୀ ସମେତ ସାରା ଉତ୍ତର ଭାରତରେ ପ୍ରବଳ ଶୀତ ଓ ଥଣ୍ଡା ଜାରି ରହିଛି । ରାଜଧାନୀ ଦିଲ୍ଲୀରେ ଚଳିତ ଶୀତଋତୁରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି । ଆୟା ନଗରରେ ସର୍ବନିମ୍ନ ତାପମାତ୍ରା ୨.୯ ଡିଗ୍ରୀ ରେକର୍ଡ କରାଯାଇଛି । ରବିବାର ପାଲମ ବିମାନ ବନ୍ଦରରେ ୧୩ ବର୍ଷ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପୁରୁଣା ରେକର୍ଡ ଭାଙ୍ଗିଛି । ସେହିପରି ପ୍ରବଳ ଥଣ୍ଡା ପାଇଁ ନୋଏଡ଼ାରେ ଜାନୁଆରୀ ୧୫, ଗୋରଖପୁର-




ଆଗ୍ରାରେ ୧୩, ମିରଟ୍‌ରେ ୧୨ ତାରିଖ ପର୍ଯ୍ୟନ୍ତ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ପାର୍ବତ୍ୟାଞ୍ଚଳରେ ତୁଷାରପାତ କାରଣରୁ ସାରା ଉତ୍ତର ଭାରତରେ କଡ଼ା ଥଣ୍ଡା ଅନୁଭୂତ ହେଉଛି । ରବିବାର ରାଜସ୍ଥାନରେ ବହୁ ଅଞ୍ଚଳରେ ତାପମାତ୍ରା ଶୂନ ଡିଗ୍ରୀକୁ ଖସିଛି । ଫତେପୁରରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୨ ଓ ନାଗୋରରେ ବିୟୁକ୍ତ ୧ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଉତ୍ତରାଖଣ୍ଡର ପିଥୋରାଗଡ଼, ଆଦି କୈଳାଶ, ରୁଦ୍ରପ୍ରୟାଗ ଓ କେଦାନାଥଧାମରେ ତାପମାତ୍ରା ବିୟୁକ୍ତ ୧୬ ଡିଗ୍ରୀରେ ପହଞ୍ଚିଛି । ମଧ୍ୟପ୍ରଦେଶରେ ଅଧିକାଂଶ ଜିଲ୍ଲାରେ ରାତିରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା । ସେହିପରି ବିହାରର ୫ଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ର ୬ ଓ ୧୧ ଜିଲ୍ଲାରେ ୮ ଡିଗ୍ରୀ ଥିଲା ଏବଂ ୨୪ଟି ଜିଲ୍ଲାରେ ଘନ କୁହୁଡି ଦେଖିବାକୁ ମିଳିଥିଲା ।

# ଆସନ୍ତାବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଭାରତରେ ଆମେରିକାର ନୂଆ ରାଷ୍ଟ୍ରଦୂତ ସର୍ଗିଓ ଗୋର ସୋମବାର ନୂଆଦିଲ୍ଲୀରେ ଦାୟିତ୍ୱ ସମ୍ଭାଳିଛନ୍ତି । ପଦ ସମ୍ଭାଳିବା ପରେ ସେ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ନେଇ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି । ଭାରତ ଅପେକ୍ଷା ଆମେରିକା ପାଇଁ କୌଣସି ଦେଶ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଦୁଇଦେଶ ଆସନ୍ତାକାଲି ଫୋନ୍ ମାଧ୍ୟମରେ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋର କହିଛନ୍ତି । ସେ ଏହି କ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଥିବା ବନ୍ଧୁତାକୁ ପ୍ରକୃତ ବୋଲି ବର୍ଣ୍ଣନା କରିଥିଲେ । ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ମତଭେଦ ରହିଥାଏ, କିନ୍ତୁ ଶେଷରେ ସେମାନେ ସର୍ବଦା ମତଭେଦକୁ ଦୂର କରିବାରେ ସକ୍ଷମ ହୋଇଥାନ୍ତି । ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସହଭାଗୀତାକୁ ପରବର୍ତ୍ତୀ ସ୍ତରକୁ ନେବା ଆମର ଲକ୍ଷ୍ୟ । ଆସନ୍ତାବର୍ଷ ଟ୍ରମ୍ପ ଭାରତ ଆସିପାରନ୍ତି ବୋଲି ସେ କହିଛନ୍ତି ।

ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନେବା ପରେ ଗୋର ପ୍ରଥମେ 'ନମସ୍ତେ' ସହିତ ତାଙ୍କର ଭାଷଣ ଆରମ୍ଭ କରିଥିଲେ । ଭାରତରେ ଆମେରିକା ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଥିଲେ । ସେ ଭାରତକୁ ଏକ ଅସାଧାରଣ ରାଷ୍ଟ୍ର ଭାବେ ବର୍ଣ୍ଣନା କରିଥିଲେ । ଭାରତରେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ଏକ ସମ୍ମାନର ବିଷୟ । ଭାରତ ହେଉଛି ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଓ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସଂଗମ । ଭାରତ ଏକ ବଡ଼ ଦେଶ । ତେଣୁ ବାଣିଜ୍ୟ ନେଇ ଚୁକ୍ତି ପ୍ରକ୍ରିୟା ସେତେଟା ସହଜ ନୁହେଁ । କିନ୍ତୁ ଦୁଇ ଦେଶ ଏ ନେଇ ଚେଷ୍ଟିତ ଅଛନ୍ତି ବୋଲି ସେ କହିଛନ୍ତି । ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଚୟନ କରିବାକୁ ଟ୍ରମ୍ପ ୭ ମାସ ସମୟ ନେଇଥିଲେ । ୨୦୨୫ ଜାନୁଆରୀରେ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଭାବେ ମନୋନୀତ କରିଥିଲେ । ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପଙ୍କ ପାଇଁ ଗୋର ପାଣ୍ଠି ସଂଗ୍ରହ କରିବାରେ ଆଗୁଆ ରହିଥିଲେ । ଗୋର ଟ୍ରମ୍ପଙ୍କ ପୁଅ ଜୁନିଅର ଟ୍ରମ୍ପଙ୍କ ବନ୍ଧୁ ଭାବେ ଜଣାଶୁଣା ।


ସର୍ଗିଓ ଗୋର

# ଥାନାରେ ପତ୍ନୀଙ୍କୁ ଗୁଳିକରି ହତ୍ୟା

ହରଦୋଇ, ୧୨ ।୧(ଏଜେନ୍ସି): ଉତ୍ତରପ୍ରଦେଶର ହରଦୋଇରେ ଜଣେ ସ୍ୱାମୀ ଥାନା ଭିତରେ ହିଁ ନିଜ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ପତ୍ନୀ ୫ ଦିନପୂର୍ବେ ନିଜ ପ୍ରେମିକଙ୍କ ସହ ପଳାଇଯାଇଥିଲେ । ପୁଲିସ ରବିବାର ମହିଳା ଓ ତାଙ୍କ ପ୍ରେମିକଙ୍କୁ ଥାନାକୁ ଆଣିଥିଲେ ଓ ପତିଙ୍କୁ ଫୋନ କରି ସୂଚନା ଦେଇଥିଲେ । ସୋମବାର ସକାଳେ ୩୦ ବର୍ଷୀୟ ସୋନୀ ଜଳଖିଆ କରି ଥାନା ମେସ୍‌ରୁ ବାହରୁଥିବା ସମୟରେ ସ୍ୱାମୀ ଅନୁପ (୩୮) ସେଠାରେ ପହଞ୍ଚିଥିଲେ । ହଠାତ ସେ ପିସ୍ତଲ ବାହାର କରି ସୋନୀଙ୍କୁ ଗୁଳି କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ । ଗୁଳି ତାଙ୍କ ଛାତିର ଏପଟରୁ ସେପଟକୁ ବାହରି ଯାଇଥିଲା । ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଏହି ସମୟରେ ଅନୁପ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କୁ ପୁଲିସ କର୍ମୀ ଧରି ପକାଇଥିଲେ । ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ପୁଲିସ ଅଧିକକ୍ଷ ସବ-ଇନ୍ସପେକ୍ଟରଙ୍କ ସମେତ ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି । ସହର ମୁଖ୍ୟାଳୟଠାରୁ ୫୦ କିମି ଦୂରରେ ଥିବା ପାଲି ଥାନାରେ ଏହି ଘଟଣା ଘଟିଛି । ସୋନୀ ଓ ଅନୁପ ୧୭ ବର୍ଷ ତଳେ ବିବାହ କରିଥିଲେ । ହରିୟାଣାର ଗୁରୁଗ୍ରାମର ଏକ କମ୍ପାନୀରେ ଚାକିରି କରୁଥିବା ବେଳେ ଅନୁପଙ୍କ ସହ ସୁରଜିତଙ୍କ ପରିଚୟ ହୋଇଥିଲା ଓ ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା । କିନ୍ତୁ ସୁରଜିତଙ୍କ ସହ ସୋନୀ ସମ୍ପର୍କ ସ୍ଥାପନ କରିଥିଲେ । ପୁଲିସଠାରୁ ସୂଚନା ପାଇବା ପରେ ରାତିସାରା ଶୋଇ ନଥିଲି ବୋଲି ଅନୁପ କହିଛନ୍ତି । ଶେଷରେ ସକାଳ ୪ଟାରେ ସୋନୀଙ୍କୁ ମାରିବାକୁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି ।

ପ୍ରେମିକ ସହ ପଳାଇଯାଇଥିଲେ


# ଏକତରଫା ପ୍ରେମ; ଇଞ୍ଜିନିୟରଙ୍କୁ ହତ୍ୟା

ବେଙ୍ଗାଲୁରୁ, ୧୨ ।୧(ଏଜେନ୍ସି): ବେଙ୍ଗାଲୁରୁରେ ଜାନୁଆରୀ ୩ରେ ଜଣେ ସଫ୍ଟୱୟାର ଇଞ୍ଜିନିୟର ଶର୍ମିଳା ଡିକେ (୩୪)ଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ଜଣେ ୧୮ ବର୍ଷୀୟ ପଡୋଶୀ ଯୁବକ କର୍ଣ୍ଣେଲ କୁରାଇଙ୍କୁ ପୁଲିସ ଗିରଫ କରିଛି ବୋଲି ରବିବାର ସୂଚନା ଦେଇଛି । ପୁଲିସ ପଚରାଉଚରା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛି । ଶର୍ମିଳା ଅଭିଯୁକ୍ତ କୁରାଇଙ୍କ ସହ ଯୌନ ସମ୍ପର୍କ ରକ୍ଷା କରିବାକୁ ମନା କରିଥିଲେ । ଏଥିରେ ଉତକ୍ଷୀପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲା । ପୁଲିସର କହିବା ଅନୁଯାୟୀ ଜାନୁଆରୀ ରାତି ୩ ରାତି ପ୍ରାୟ ୧୦.୩୦ରେ ରାମମୂର୍ତ୍ତି ନଗରର ସୁବ୍ରମଣ୍ୟ ଲେଆଉଟରେ ଏକ ଭଡ଼ା ଆପାର୍ଟମେଣ୍ଟରେ ନିଆଁ ଲାଗିଥିଲା । ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ସମୟରେ ଶର୍ମିଳାଙ୍କ ମୃତଦେହ ଶୋଇବା ଘରୁ ମିଳିଥିଲା । ପ୍ରାରମ୍ଭିକ ଭାବେ ଏହା ସର୍ଟ ସର୍କିଟ କାରଣରୁ ଘଟିଥିବା ସନ୍ଦେହ କରାଯାଇଥିଲା । କିନ୍ତୁ ଫରେନସିକ ଯାଞ୍ଚ୍ ପରେ ମାମଲାଟି ସନ୍ଦେହଜନକ ବୋଲି ଜଣାପଡ଼ିଥିଲା । ପୁଲିସ ପଡୋଶୀ କୁରାଇକୁ ସନ୍ଦେହ କରିଥିଲା । କୁରାଇ ରାତି ୯ଟାରେ ସ୍ଲାଇଡିଂ ଝରକା ଜରିଆରେ ଫ୍ଲାଟ ଭିତରରେ ପ୍ରବେଶ କରିଥିଲା । ସେ ଶର୍ମିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲା । କିନ୍ତୁ ଶର୍ମିଳା ପାଟି କରିଥିଲେ । ଏହାପରେ ଦୁହିଁଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ସେ ଶର୍ମିଳାକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରିଥିଲା । ଫଳରେ ଶର୍ମିଳା ବେହୋସ ହୋଇଯାଇଥିଲେ । ଏହାପରେ ଅଭିଯୁକ୍ତ କୋଠରୀରେ ନିଆଁ ଲଗାଇ ଦେଇଥିଲା ଓ ତାଙ୍କ ମୋବାଇଲ ଫୋନ ନେଇ ସେଠାରୁ ପଳାଇଯାଇଥିଲା । ଶ୍ୱାସରୁଦ୍ଧ ହୋଇ ଶର୍ମିଳା ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

୧୮ ବର୍ଷୀୟ ପଡ଼ୋଶୀ ଗିରଫ


# ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

## ଛୁଟି ପୂର୍ବରୁ ସଚିବଙ୍କୁ ଦେବେ ବସ୍ତା ଭର୍ତ୍ତି ଦରଖାସ୍ତ

ଭୁବନେଶ୍ୱର, ୧୨।୧(ସମିସ): ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ପ୍ରାଥମିକ ଶିକ୍ଷକଙ୍କ ଦାବି ସରକାର ପୂରଣ କରୁନାହାଁନ୍ତି। ଏକାଧିକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ବିଳମ୍ବିତ କରୁଛନ୍ତି। ଏଣୁ ଜାନୁଆରୀ ଶେଷ ସୁଦ୍ଧା ଶିକ୍ଷକଙ୍କ ସମସ୍ତ ଦାବିକୁ ସରକାର ପୂରଣ ନକଲେ ଫେବୃଆରୀ ପହିଲାରୁ ସମୂହ ଭାବେ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ରାଜ୍ୟ ଷ୍ଟିଅରିଂ କମିଟି ସଦସ୍ୟ ଓ ଜିଲ୍ଲା ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ସେମାନଙ୍କ ଏକାଧିକ ଦାବିକୁ ପୂରଣ ପାଇଁ ପ୍ରକ୍ରିୟା ଓ ସରକାରଙ୍କ ଆନ୍ତରିକତା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିଛନ୍ତି। ସରକାର ଦାବି ପୂରଣ କରିବା ବଦଳରେ ଏକ କମିଟି ଗଢ଼ି କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଣୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ଲକ୍ଷଲକ୍ଷ ଶିକ୍ଷକ ସେମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକଙ୍କ ମାଧ୍ୟମରେ ଦୁଇଟି ଛୁଟି ଦରଖାସ୍ତ ପ୍ରଦାନ କରିବେ। ତନ୍ମଧ୍ୟରୁ ଗୋଟିଏ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଅନ୍ୟଟି ଶିକ୍ଷା ବିଭାଗ ସଚିବଙ୍କୁ ପ୍ରଦାନ କରିବେ। ଜାନୁଆରୀ ଶେଷ ସପ୍ତାହରେ ବିଇଓଙ୍କୁ ଏବଂ ଫେବୃଆରୀ ପହିଲାରେ ସମସ୍ତ ଦରଖାସ୍ତକୁ ବସ୍ତାରେ ଭର୍ତ୍ତି କରି ସଚିବଙ୍କୁ ପ୍ରଦାନ କରିବେ। ଏହା ସହିତ ସମୂହ ଛୁଟି ସମ୍ପର୍କରେ ସେହିଦିନ ଘୋଷଣା କରାଯିବ ବୋଲି ମହାସଂଘର ଆବାହକ ରାମଲାଲ ପଟେଲ କହିଛନ୍ତି।

ଶିକ୍ଷକଙ୍କ ଏହି ନିଷ୍ପତ୍ତି ଅଭିବାବକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ପରୀକ୍ଷା ପୂର୍ବରୁ ଶିକ୍ଷକମାନେ ଆନ୍ଦୋଳନ କଲେ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା କରୁଛନ୍ତି। ଅପରପକ୍ଷରେ ଶିକ୍ଷକଙ୍କ ନିଷ୍ପତ୍ତିରେ ସରକାର ମଧ୍ୟ ଅକଳରେ ପଡ଼ିବାର ଆଶଙ୍କା ଅଧିକ ରହିଛି। ସାରା ରାଜ୍ୟରେ ଶିକ୍ଷାଦାନ ଠପ୍ ହୋଇଗଲେ ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇ ପାରନ୍ତି। ଏଣେ ଶିକ୍ଷକମାନେ ସେମାନଙ୍କ ଦାବି ପୂରଣ ପାଇଁ ଚୂଡ଼ାନ୍ତ ଲଢ଼େଇ ଲଢ଼ିବାକୁ ପ୍ରସ୍ତୁତିକୁ ଜୋରଦାର କରୁଛନ୍ତି। ଏହି ବୈଠକରେ ମହାସଂଘର ସମସ୍ତ ଜିଲ୍ଲା ସଭାପତି ସମେତ ବ୍ଲକ୍ ସ୍ତରୀୟ ଶିକ୍ଷକ ନେତୃତ୍ୱ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

## ଦୁର୍ଘଟଣାରେ ଦୁଇ ଭାଇ ମୃତ

ଗୁଣୁପୁର,୧୨।୧(ସମିସ): ଗୁଣୁପୁର ସହର ନିକଟସ୍ଥ ଲିମାମଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ଗତ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ସମ୍ପର୍କୀୟ ଭାଇଙ୍କର ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗୁଡାରି ବ୍ଲକ୍ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ବାକା (୨୪) ଏବଂ କ୍ରିଷ୍ଣା କିମ୍ବାକା(୨୧)। ସୂଚନାନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସ କାମରେ ଗୁଣୁପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମଡା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗୁଣୁପୁର ପୁଲିସ ସେମାନଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ନବୀନଙ୍କୁ ଭେଟିଲେ ୧୦ ବିଧାୟକ



**ଲୋକ ସମ୍ପର୍କ ସହ ସଙ୍ଗଠନକୁ ଦୃଢ଼ କରିବାକୁ ନବୀନଙ୍କ ପରାମର୍ଶ**

ଭୁବନେଶ୍ୱର,୧୨।୧(ସମିସ): ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିଜେଡିର ୧୦ ଜଣ ବିଧାୟକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରିବା ସହ ଲୋକଙ୍କ ସହ ସିଧା ସଳଖ ସମ୍ପର୍କ ରଖିବା ପାଇଁ ନବୀନ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

ସାକ୍ଷାତ ସମୟରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହା ସହିତ ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଶ୍ରୀ ପଟ୍ଟନାୟକ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ,ବିଧାୟିକା ସୁଜାତା ସାହୁ,ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାରକାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ନବୀନଙ୍କୁ ଭେଟିଛନ୍ତି ।

# ପୁଣି ଫେରିଲା ଶୀତ

ଭୁବନେଶ୍ୱର,୧୨।୧(ସମିସ): ପୁଣି ଫେରିଲା ଶୀତ। ପାକିସ୍ତାନ ଏବଂ ଆଫଗାନିସ୍ତାନ ବାୟୁମଣ୍ଡଳର ମଧ୍ୟ ଭାଗରେ ସକ୍ରିୟ ପଶ୍ଚିମାଝଡ଼ ବର୍ତ୍ତମାନ ଅପସାରଣ ହୋଇଛି। ଏହାସହ ଦେଶର ମଧ୍ୟ ଭାଗରେ ଗୁରୁଚାପବଳୟ ସକ୍ରିୟତା ହେତୁ ଉତ୍ତର ତଥା ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ବଢ଼ିଛି। ଫଳରେ ରାଜ୍ୟରୁ ଜଳୀୟବାଷ୍ପର ହ୍ରାସ ହେବା ସହ ତାପମାତ୍ରା ହ୍ରାସ ହୋଇଛି। ଏଥିଯୋଗୁଁ ରାଜ୍ୟରେ ପୁଣି ହାଡ଼ଭଙ୍ଗା ଶୀତ ଦେଖାଦେଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପ୍ରାୟ ୩-୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ପାଣିପାଗ କେନ୍ଦ୍ର କହିଛି, ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୭, କେନ୍ଦୁଝରରେ ୧୦, ସମ୍ବଲପୁରରେ ୧୧.୭, ବାଲେଶ୍ୱରରେ ୧୧.୮, ଭୁବନେଶ୍ୱର ୧୨.୩, ହୀରାକୁଦରେ ୧୩.୧, ଚାନ୍ଦବାଲିରେ ୧୩.୬ ଓ ପାରାଦୀପରେ ୧୪ଡିଗ୍ରୀ ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ରାଜ୍ୟରେ ତାପମାତ୍ରା ଆହୁରି ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ପାରଦ ତଳମୁହାଁ ହେବା ସହ ଆଜିଠୁ ପୁଣି ଶୀତ ଅନୁଭବ ହେବ। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଉପକୂଳଠୁ ନେଇ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଦେଖିବାକୁ ମିଳିବ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଶୀତକୁ ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବୌଦ୍ଧ, ଅନୁଗୋଳ ଓ ଝାରସୁଗୁଡ଼ା ରହିଛି। ସେହିପରି ପରବର୍ତ୍ତୀ ୨ ଦିନ ପାଇଁ ମଧ୍ୟ ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

# ୩୬୨୩ କୋଟିରେ ହେବ ନୂଆ ଲୋକସେବା ଭବନ

ଭୁବନେଶ୍ୱର,୧୨।୧(ସମିସ): ରାଜ୍ୟରେ ନିର୍ମାଣ କରାଯିବ ନୂଆ ଲୋକସେବା ଭବନ, ବିଧାନସଭାର ନୂତନ ଗୃହ। ମୋଟ୍ ୭୧.୧ ଏକର ଜମିରେ ଏହି କ୍ୟାମ୍ପସ ତିଆରି ହେବ। ଏହି ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୋମବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ୭୧.୧୩ ଏକର ଜାଗାରେ ଗୋଟିଏ କ୍ୟାମ୍ପସ ଭିତରେ ଲୋକସେବା ଭବନ ଓ ରାଜ୍ୟ ବିଧାନସଭା ରହିବ। ଡିଲିମିଟେସନକୁ ଦୃଷ୍ଟିରେ ରଖି ବିଧାନସଭାକୁ ୩୦୦ ଆସନ ବିଶିଷ୍ଟ କରାଯିବ। ଏଥିପାଇଁ ୩,୬୨୩ କୋଟି ଟଙ୍କା ବ୍ୟୟ ହେବ। ଏପରିକି ନୂଆଦିଲ୍ଲୀରେ ନବନିର୍ମିତ ସଂସଦ ଭବନ ସେଣ୍ଟ୍ରାଲ ଭିଷ୍ଟା ଢ଼ାଞ୍ଚାରେ ଲୋକସେବା ଭବନ ଓ ବିଧାନସଭା ନିର୍ମାଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ତେବେ କେଉଁ ସ୍ଥାନରେ ଏହି ନୂତନ ଲୋକସେବା ଭବନ ନିର୍ମାଣ ହେବ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୂର୍ତ୍ତ ବିଭାଗ ମଧ୍ୟ ସ୍ଥାନ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ରାଜଧାନୀର କେନ୍ଦ୍ରସ୍ଥଳରେ ଏତେ ପରିମାଣର ଖାଲି ଜମି ନ ଥିବାରୁ ବର୍ତ୍ତମାନ ଲୋକସେବା ଭବନ ଓ ବିଧାନସଭାକୁ



ଭାଙ୍ଗି ସେହି ସ୍ଥାନରେ ନୂତନ ନିର୍ମାଣ ହୋଇପାରେ ବୋଲି ସାଧାରଣରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ଭୁବନେଶ୍ୱର ପାଇଁ ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଭିତ୍ତି ପଡ଼ିଛି। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ୍ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏ-ଓଭର ନିର୍ମାଣ କରାଯିବ। ଏହାଦ୍ୱାରା

- ଭବିଷ୍ୟତକୁ ଦୃଷ୍ଟିରେ ରଖି ୩୦୦ ଆସନର ବିଧାନସଭା କକ୍ଷ
- ଗୋଟିଏ ପରିସରରେ ବିଧାନସଭା ଓ ଲୋକସେବା ଭବନ
- ୯୫୨ କୋଟିରେ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ୍ କରିଡର

ରାଜ୍ୟର ଏକ ଗହଳିପୂର୍ଣ୍ଣ ସଡକରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯିବାଆସିବା କରିପାରିବେ ବୋଲି ସରକାର ଆଶା ରଖିଛନ୍ତି। ଏହି ରାସ୍ତା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କଳିଙ୍ଗ ଷ୍ଟାଡିୟମ୍ (ଗେଟ୍ ନଂ-୪)ଠାରୁ ରଘୁନାଥପୁର ବ୍ରିଜ୍ ପର୍ଯ୍ୟନ୍ତ ୯.୫ କିଲୋମିଟର ରାସ୍ତାର ଆଧୁନିକୀକରଣ କରାଯିବ। ବର୍ତ୍ତମାନର ୬-ଲେନ୍ ରାସ୍ତାକୁ ୮-ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି କଳିଙ୍ଗ ହସ୍ପିଟାଲ୍ ଛକ, ଡମଣା ଛକ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନଠାରେ ୪-ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ କରାଯିବ। ସେହିପରି ଜୟଦେବ ବିହାର ଛକଠାରେ ଏନ୍‌ଏଚ୍-୧୬ ଉପରେ ଏକ ୧୯୦ ମିଟର ଲମ୍ବର ୪-ଲେନ୍ ବିଶିଷ୍ଟ କେବୁଲ୍-ଷ୍ଟେଡ୍ ବ୍ରିଜ୍ ନିର୍ମାଣ କରାଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରାୟ ୧୭.୫ କିଲୋମିଟର ଲମ୍ବର ୫.୫ ମିଟର ଓସାର ବିଶିଷ୍ଟ ସର୍ଭିସ୍ ରୋଡ୍ ଏବଂ ୯ କିଲୋମିଟର ଲମ୍ବର ୭.୫ ମିଟର ଓସାର ବିଶିଷ୍ଟ ସ୍ଲିପ୍ ରୋଡ୍ ନିର୍ମାଣ କରାଯିବ। ସହରର ବିଭିନ୍ନ ପ୍ରମୁଖ ଛକ ଯେପରିକି - ଜୟଦେବ ବିହାର, ଜାଭିୟର୍ ଛକ, କଳିଙ୍ଗ ହସ୍ପିଟାଲ୍ ଛକ, କେୟାର୍ ହସ୍ପିଟାଲ୍ ଛକ, ଡମଣା ଛକ, ଇନଫୋସିଟି ଛକ, ଶିଶୁ ବିହାର ଜଙ୍କସନ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନ୍‌ଠାରେ 'ଏଟ୍ ଗ୍ରେଡ୍' ରାଉଣ୍ଡଅବାଉଟ୍ (ଗୋଲେଇ) ଆକୃତିରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଗଞ୍ଜାମରେ ଦୁର୍ଘଟଣା ନେଲା ୫ ଜୀବନ

ବ୍ରହ୍ମପୁର/କବିସୂର୍ଯ୍ୟନଗର/ଶେରଗଡ଼,୧୨।୧(ସମିସ): ଗଞ୍ଜାମ ଜିଲ୍ଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ସୋମବାର ୫ଜଣଙ୍କ ଜୀବନ ଯାଇଛି। ଏଥିରେ ଏକାଧିକ ଆହତ ମଧ୍ୟ ହୋଇଛନ୍ତି।

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣପୁର ଛକରେ ଏକ ବସ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ସୋନପୁର ଜିଲ୍ଲାର ବିନୟକୁମାର ବିଶି (୫୫) ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅର୍ଥଘର ପଟଣାର ତେଜସ୍ୱିନୀ ରାୟ (୨୪)। ବିନୟ ଓ ତେଜସ୍ୱିନୀ ଗୋଟିଏ କମ୍ପାନୀରେ

- ବାଳକୃଷ୍ଣପୁର ଛକରେ ଯାତ୍ରୀବାହୀ ବସ୍ ଧକ୍କାରେ ୨ ମୃତ
- ଆଠଗଡ଼ପାଟଣାରେ ଟ୍ରାକ୍ଟର ଓଲଟି ଜଣେ ମୃତ
- ମୃତକଙ୍କ ପରିବାରକୁ ଭେଟି ଫେରିବା ବେଳେ ଜଣେ ମୃତ

କାମ କରନ୍ତି। ଆଜି ମଧ୍ୟାହ୍ନରେ ଦୁହେଁ ଏକ ସ୍କୁଟିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦିଗପହଣ୍ଡି ଅଭିମୁଖେ ଆସୁଥିବା ଏକ ବସ୍ ବାଳକୃଷ୍ଣପୁର ଛକରେ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିନୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ତେଜସ୍ୱିନୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଅନ୍ୟ ଏକ ଘଟଣା କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ନିକଟରେ ଘଟିଛି। ଇଲେକ୍ଟ୍ରି ଖୁଣ୍ଟ ସହ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଟିକରପଡ଼ା ଅଞ୍ଚଳର ଶିବ ଦାସ। ଗୁରୁତରମାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସେହିଭଳି, ବନ୍ଧାଗୁଡା ପଞ୍ଚାୟତ ବି.ଚିକିଲି ଛକଠାରେ ଡାଲାଅଟୋ ଓଲଟି ପଡ଼ିବାରୁ ଅଟୋରେ ବସିଥିବା ୧୪ଜଣ ମହିଳା ଛିଟିକି ପଡ଼ିଥିଲେ। ସମସ୍ତଙ୍କୁ ଶେରଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରୋହିଗାଁର ଉଲ୍ଲା ବିଷୋୟୀଙ୍କ ସ୍ତ୍ରୀ ସାରସୁ ବିଷୋୟୀ (୬୫)ଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ଗତକାଲି ଖିରିଡା ପଞ୍ଚାୟତ ହାଡ଼ିଚିରା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା।

ସେହିପରି, ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ନିକଟରେ କଲଭର୍ଟରେ ଏକ ସ୍କୁଟି ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଆମ୍ବପୁଆର ଜିଲୁ ବାହାଦୂର(୨୫)। ସେହିପରି ଏହି ଦୁର୍ଘଟଣାରେ ପଲ୍ଲିଗୁମୂଳାର ଗୟା ଗୌଡ (୨୮) ଗୁରୁତର ଆହତ ହୋଇଛନ୍ତି। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧୧ଟାରେ ଉଭୟ ସ୍କୁଟିରେ ଗୋପାଳପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ଆଜି ସରିବ ପହିଲି ଭୋଗ ନୀତି

ପୁରୀ,୧୨।୧(ସମିସ): ପବିତ୍ର ଧନୁ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ପହିଲି ଭୋଗ ନୀତି। ଏହା ମକର ସଂକ୍ରାନ୍ତି ପୂର୍ବ ମାସାନ୍ତ ପର୍ଯ୍ୟନ୍ତ ଚାଲିବାର ବିଧି ରହିଛି। ତେଣୁ ମଙ୍ଗଳବାର ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଶେଷ ହେବ। ଏହି ଦିନ ମହାପ୍ରଭୁଙ୍କ ନବାଙ୍କ ବେଢ଼ା ଓ ନବାଙ୍କ ବେଶ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ,



ପହିଲି ଭୋଗରେ ଠାକୁରଙ୍କ ପାଖରେ ବଡ଼ଝିଲ୍ଲୀ, ଦରସୁଆ, ବଡ଼ବଡ଼ା, ସାନ ଅମାଲୁ, ନଳୀ, ଆରିସା, ଏଣ୍ଡୁରୀ, ମୁଗେଇ, ଝଡ଼େଇନଦା, ଚୁଡ଼ାପୁଆ, ଛତୁ, ନଡୁ, ଖଜା, ଖଇରଚୁଳ, ଗଇଣ୍ଠା, ମଣ୍ଡା, ଛତୁପୁଆ, କଣ୍ଟେଇ ଆଦି ଲାଗି କରାଯାଇଥାଏ। ମାସେ ଧରି ଗୋପାଳବଲ୍ଲଭ ଭୋଗ ସହ ପହିଲି ଭୋଗ ହୋଇଥାଏ। କାଉ କା ନ କରିବା ପୂର୍ବରୁ ଏହି ଭୋଗ ଠାକୁରଙ୍କ ପାଖରେ ଅର୍ପଣ କରାଯିବାର ବିଧି ରହିଛି। ଶ୍ରୀମନ୍ଦିରରେ ପହିଲି ଭୋଗ ମା' ଯଶୋଦାଙ୍କ ସେବା। ମା' ଯଶୋମତି ପୁଷମାସ ଶୀତ ଦିନରେ ଶୀତକାଳୀନ ସୁସ୍ୱାଦୁ ପିଠା ତିଆରି କରିଥା'ନ୍ତି। ଥଣ୍ଡା ଲାଗିଯିବ ବୋଲି କୁଆ କା ନ କରିବା ପୂର୍ବରୁ କଳାକାହ୍ନୁଙ୍କୁ ଖୁଆଇ ଶୀତବସ୍ତ୍ର ଘୋଡ଼ାଇ ଦେଇ ଜଗତବାସୀଙ୍କ ଗୁହାରି ଶୁଣିବା ନିମନ୍ତେ ପ୍ରସ୍ତୁତ କରାଇଥା'ନ୍ତି।

## ରଣକ୍ଷେତ୍ର ପାଲଟିଲା ବିଦ୍ୟାଳୟ ପରିସର

# ସ୍କୁଲ ଭିତରେ ପଶି ୨ ଛାତ୍ରଙ୍କୁ ହାଣିଲେ ଅଣଛାତ୍ର

ବ୍ରହ୍ମପୁର, ୧୨।୧ (ସମିସ): ସ୍କୁଲ ପରିସର ପାଲଟିଲା ରଣକ୍ଷେତ୍ର। ସାମାନ୍ୟ ବଚସାକୁ କେନ୍ଦ୍ର କରି ସ୍କୁଲ ଭିତରେ ପଶି କିଛି ଅଣଛାତ୍ର ୨ ଛାତ୍ରଙ୍କୁ ହାଣି ଗୁରୁତର କରିଛନ୍ତି। ସ୍ଥାନୀୟ ଫୁଲଟାସ୍ଥିତ ମା' ନାରାୟଣୀ ଉଚ୍ଚବିଦ୍ୟାଳୟରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଆହତ ଛାତ୍ରଦ୍ୱୟ ହେଲେ, ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ। ଉଭୟଙ୍କୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଓମ୍‌ଙ୍କର ନିଜ ସହପାଠୀଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ଛାତ୍ରମାନେ ବିଦ୍ୟାଳୟ ନିକଟସ୍ଥ ଏକ ସାହିର କିଛି ଅସାମାଜିକ ବ୍ୟକ୍ତିଙ୍କୁ ଜଣାଇବା





ପରେ ସେମାନେ ସ୍କୁଲକୁ ଆସି ଓମ୍‌ଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମାରଣାସ୍ତ୍ରରେ ଓମ୍‌ଙ୍କୁ ହାଣି ଦେଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ମଧ୍ୟାହ୍ନଭୋଜନ ବିରତି ସମୟରେ କିଛି ଅଣଛାତ୍ର ସ୍କୁଲ ପରିସରରେ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀଙ୍କୁ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଅନ୍ୟ ଛାତ୍ରମାନେ ଜୀବନ ବିକଳରେ ଦୌଡ଼ାଦୌଡ଼ି କରୁଥିବା ବେଳେ ଜଣେ ଦୁର୍ବୃତ୍ତ ଅଷ୍ଟମ ଛାତ୍ର ରାମକୃଷ୍ଣ ପ୍ରଧାନଙ୍କୁ ଢେଲା ମାଡ଼ କରିଥିଲା। ସ୍କୁଲ କର୍ତ୍ତୃପକ୍ଷ ଉଭୟଙ୍କୁ ଉଦ୍ଧାର କରି ଏମ୍‌କେସିଜି ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମୁଖ୍ୟ ଫାଟକ ଚଢ଼ି କିଛି ଦୁର୍ବୃତ୍ତ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀଙ୍କୁ ଆକ୍ରମଣ କରିଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ପିଲାମାନଙ୍କୁ ସୁରକ୍ଷା ଦେବାକୁ ଯାଇ ବିଦ୍ୟାଳୟର କିଛି କର୍ମଚାରୀ ଆହତ ହୋଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ଏମ୍‌କେସିଜି ବଡମେଡ଼ିକାଲରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍. ଧନଞ୍ଜୟ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଆହତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ଜଣ୍ଡିସ; ୧୦ ଆକ୍ରାନ୍ତ

ଢେଙ୍କାନାଳ,୧୨।୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବିଶ୍ୱନାଥପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ରୁ ଅଧିକ ଛାତ୍ରଛାତ୍ରୀ ଜଣ୍ଡିସ ଆକ୍ରାନ୍ତ ହୋଇଛନ୍ତି। ସ୍କୁଲ ନିକଟ ଏକ ଘରୋଇ ହଷ୍ଟେଲରେ ରହୁଥିବା ବିଦ୍ୟାଳୟର ୪ ଛାତ୍ରଛାତ୍ରୀ ଓ ହଷ୍ଟେଲ ପରିଚାଳକ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏହାସହ ନିୟମିତ ଘରୁ ସ୍କୁଲକୁ ଯାଆସ କରୁଥିବା ଅନ୍ୟ କିଛି ଛାତ୍ରଛାତ୍ରୀ ମଧ୍ୟ ଜଣ୍ଡିସ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ସ୍କୁଲରେ ସ୍ୱାସ୍ଥ୍ୟ ଟିମ୍ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ୱଚ୍ଛତା କ୍ଷେତ୍ରରେ ଯତ୍ନବାନ ହେବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲରେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଜଣ୍ଡିସ ବ୍ୟାପୁଥିବା ଅଭିଯୋଗ ହୋଇଛି। ସ୍କୁଲର ଶୌଚାଳୟଗୁଡ଼ିକ ସଫାସୁତୁରା ରଖାଯାଉ ନ ଥିବା ବେଳେ ପିଲାଙ୍କ ମଧ୍ୟାହ୍ନଭୋଜନ ଓ ପିଇବା ପାଣିର ସୁବ୍ୟବସ୍ଥା ନ ଥିବାରୁ ଜଣ୍ଡିସ ବ୍ୟାପୁଥାଇପାରେ ବୋଲି କୁହାଯାଇଛି। ଏନେଇ ଅଷ୍ଟମ ଶ୍ରେଣୀ ଛାତ୍ର ପୃଥ୍ୱୀରାଜ ସିଂହ କହନ୍ତି, ଶୌଚାଳୟଗୁଡ଼ିକରୁ ଗୁଟ୍‌ଖା ଜରି ବାହାରୁଛି। ପାଣି କେତେବେଳେ ଆସୁଛି ତ କେତେବେଳେ ନାହିଁ। ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଅଭିଭାବକ ଅଶୋକ କୁମାର ସାହୁ ଦାବି କରିଛନ୍ତି। ତେବେ ସବୁ କିଛି ଠିକ୍‌ଠାକ୍ ଥିବା କହି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘଟଣାକୁ ଏଡ଼ାଇ ଦେଇଛନ୍ତି।

## 'ସୁଶାସନ'ରେ ସାମିଲ ହେଲା ସଡ଼କ ସୁରକ୍ଷା

# ୧୪ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ସରକାର ସଡ଼କ ସୁରକ୍ଷାକୁ ସୁ-ଶାସନର ଏକ ଅଂଶ ଭାବେ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ସଡ଼କ ସୁରକ୍ଷା ଉପରେ ଅଧିକ ସତର୍କ ରହିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାକୁ ଭିତ୍ତି କରି ରାଜ୍ୟରେ ଆଜିଠାରୁ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା ହୋଇଛି।

ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତି କରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡ଼ିକ ଭଲ ପ୍ରଦର୍ଶନ କରିବେ, ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପଣ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ଏହାସହ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି।

ଏହାବ୍ୟତୀତ, କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି କଟକ-ଭୁବନେଶ୍ୱରର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେସନ୍‌ର ଲୋକାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ମହିଳା ଗାଡ଼ି ଚାଳକମାନଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୃଥ୍ୱୀରାଜ ହରିଚନ୍ଦନ ଓ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ।




# ହାତୀ ଆତଙ୍କ; ୩ ଗ୍ରାମବାସୀଙ୍କ ଦ୍ୱିତୀୟ ବୈଠକ

ବଅଁରପାଳ,୧୨।୧(ସମିସ): ଅଞ୍ଚଳରେ ପ୍ରତ୍ୟେକ ଦିନ ହାତୀ ଉପଦ୍ରବର କୌଣସି ସ୍ଥାୟୀ ପ୍ରତିକାର ନ ହେବା, ହାତୀଙ୍କ ଉପସ୍ଥିତି ପାଇଁ ବାରମ୍ବାର ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିବା ଓ ଏ ବିଷୟରେ ବିଭାଗୀୟ ଜିଲ୍ଲା ପଦାଧିକାରୀଙ୍କୁ ଲିଖିତ ଅଭିଯୋଗ ପରେ ସମାଧାନର କେବଳ ପ୍ରତିଶ୍ରୁତି ଦେଇ ହାତ ଗୁଡ଼ାଇଥିବା ନୀତି ଅବଲମ୍ବନ କରାଯାଉଥିବା ପ୍ରତିବାଦରେ ରବିବାର ତୁଳସୀପାଳ, ଲକ୍ଷ୍ମୀଆବେଡ଼ା ଏବଂ ଗାତରଖାଇ ଗ୍ରାମ ସଭାପତିଙ୍କ ତତ୍ତ୍ୱାବଧାନରେ ତୁଳସୀପାଳ ଗ୍ରାମ ପାଲମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନିଆ ପ୍ରସ୍ତାବ ଆଗତ କରାଯିବା ସହ ରାସ୍ତାରୋକ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି।

ଗତ ୫ ବର୍ଷ ହେଲା ଏହି ଅଞ୍ଚଳରେ ହାତୀପଲଙ୍କ ଅବାଧ ଚଳପ୍ରଚଳ ଓ ସେମାନଙ୍କ ଦ୍ୱାରା ବ୍ୟାପକ ଫସଲହାନି, ଜୀବନହାନି, ଜୀବିକାହାନି ହେଉଥିବାରୁ ଗ୍ରାମବାସୀ ଅତିଷ୍ଠ ଓ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ନିକଟରେ କିଛି ଲୋକଙ୍କ ଜୀବନ ସହ କିଛି ଲୋକ ଆହତ ହୋଇଛନ୍ତି। ବେଳ ବୁଡ଼ିଲେ ବସତି ଭିତରକୁ ହାତୀଙ୍କ ପ୍ରବେଶ, ବିଜୁଳିକାଟ ଓ ବନ ବିଭାଗର ଗଜଗଜ ସାଇରନ ଭୟାକ୍ରାନ୍ତ ପରିସ୍ଥିତି ସୃଷ୍ଟି କରୁଛି। ବିଲରେ ଧାନ ନ ଥିବାରୁ ହାତୀପଲ ଦଳ ଦଳ ହୋଇ ଜନବସତିକୁ ଆସି ପନିପରିବା, ରବି ଫସଲ ଖାଇ ନଷ୍ଟ କରିବା ସହ ଘର ଭାଙ୍ଗି ଘରେ ଥିବା ଧାନ ଖାଉଛନ୍ତି। ଏହାର ପ୍ରତିବାଦରେ ଗତ ମାସରେ ବୈଠକ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗପତ୍ର ଦିଆଯାଇଥିଲା। ସପ୍ତାହକ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଅଧିକନ୍ତୁ ଗୁରୁବାର ତିନି ଗ୍ରାମ ପ୍ରତିନିଧି ଶେଷଥର ପାଇଁ ଅଧିକାରୀଙ୍କୁ ଭେଟି ପୁନର୍ବାର ଅଭିଯୋଗ କରିଛନ୍ତି। ଯଦି କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ରାସ୍ତାରୋକ ଅବରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ତୁଳସୀପାଳ ଗ୍ରାମ ସଭାପତି ଉମେଶ ଚନ୍ଦ୍ର ଗଡ଼ନାୟକ, ଲକ୍ଷ୍ମୀଆବେଡ଼ା ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳ, ଗାତରଖାଇ ଗ୍ରାମ ସଭାପତି ଅର୍ଜୁନ କୁମାର ବେହେରା, ମାନବାଧିକାରୀ କର୍ମୀ ଉଦୟନାଥ ଦାଶ, ଅକ୍ଷୟ କୁମାର ବିଶୋଇ, ବାଉରୀବନ୍ଧୁ ସାହୁ, ସନ୍ତୋଷ ଦାଶ, ବିକାଶ ସାହୁ, ନିମେଇଁ ସାହୁ ଓ ଅଜୟ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତାଳଚେର କଲେଜରେ ଜାତୀୟ ଯୁବ ଦିବସ ପାଳିତ




ତାଳଚେରସହର,୧୨।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାକକ୍ଷରେ ଟ୍ରଷ୍ଟ ଫର ଏନଭର୍ଣ୍ଣମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି ଦିବସ ପାଳନ ଅବସରରେ ଥିବା ଆଭିମୁଖ୍ୟ "ନିଜକୁ ପ୍ରଜ୍ୱଳିତ କରି ବିଶ୍ୱକୁ ଆଲୋକିତ କର' ବିଷୟ ଉପରେ ଆଲୋକପାତ କରାଯାଇଥିଲା। ବିଶ୍ୱର ଯୁବଶକ୍ତି ସଶକ୍ତ ହେଲେ ଶୃଙ୍ଖଳିତ ବିଶ୍ୱ ଗଠନ ହୋଇପାରିବ ବୋଲି ଆଲୋଚକମାନେ ମତ ରଖିଥିଲେ। ସମାଜ ଓ ପରିବେଶରୁ ମୁଁ କ'ଣ ପାଇବି ନୁହେଁ, ପରନ୍ତୁ ମୁଁ କଣ ଦେଇପାରିବି ଏହି ପ୍ରଶ୍ନ ଯୁବକ ଯୁବତୀଙ୍କ ମନରେ ଉଦ୍ରେକ ହେଲେ ସମାଜ ଶୃଙ୍ଖଳିତ ହୋଇପାରିବ। ଆମେ ଆମର ପୂର୍ବପୁରୁଷଙ୍କଠାରୁ ଏକ ସୁନ୍ଦର ପୃଥିବୀକୁ ପାଇଛୁ ଏବଂ ଏହାକୁ ଆହୁରି ସରସସୁନ୍ଦର କରି ଆମ ପରବର୍ତ୍ତୀ ପିଢ଼ି ହାତରେ ଟେକିଦେବାର ସଂକଳ୍ପ କରିବା ପାଇଁ ଯୁବପିଢ଼ିଙ୍କୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୁବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପ୍ରାଧ୍ୟାପକ ଶଶାଙ୍କ କୁମାର ପ୍ରଧାନ ପରିଚାଳନା କରିଥିଲେ। ଟ୍ରଷ୍ଟ ଫର ଏନଭର୍ଣ୍ଣମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ତିଥି ପଟ୍ଟନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ମିହିର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ସଙ୍ଗଠିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ରାସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସତ୍ୟନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୁନିତା ସାହୁ, ରୋହିତକାନ୍ତ ମିଶ୍ର, ଅରୁଣ କୁମାର ନାୟକ, ସତ୍ୟବ୍ରତ ପଣ୍ଡା, ଶାନ୍ତି ବୁଡ଼େକ, ମଧୁସ୍ମିତା ନାୟକ, କ୍ରିଷ୍ଟିଆନା ରାଣୀ ଲିମା ଏବଂ ହୋଟେଲ ସୂର୍ଯ୍ୟ ଗାର୍ଡେନର ଲୋକରଞ୍ଜନ ବୀର, ସୁଶାନ୍ତ କୁମାର ମହାପାତ୍ର, ବିଶ୍ୱଜିତ ସାହୁ, ଶିବପ୍ରସାଦ ନାୟକ, ସୀମାଞ୍ଚଳ ବେହେରା, ଚଗଲା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଉନ ଉଚ୍ଚ ବିଦ୍ୟାଳୟରେ ଖାଦ୍ୟ ମେଳା

ଅନୁଗୋଳ,୧୨।୧(ସମିସ): ଟାଉନ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଖାଦ୍ୟମେଳା (ଫୁଡ୍ ଫେଷ୍ଟିଭାଲ୍) ଆୟୋଜିତ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଇଚାରା, ସମନ୍ୱୟ ବୃଦ୍ଧି, ଖାଦ୍ୟ ଓ ଖାଦ୍ୟସାର ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ ପାଇଁ ଏହି ଖାଦ୍ୟମେଳା ଆୟୋଜିତ ହୋଇଥିଲା। ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅଳକା ସାହୁ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ପିଲାମାନେ ଦଳଗତ ଭାବେ ବିଭିନ୍ନ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରକାରର ପିଠା, ମିଠା, ଦହିବରା, ଚାର୍ଟ, ଗୁପଚୁପ୍, ସୁଇଟକର୍ଣ୍ଣ, ଘୁଗୁନି ଆଦି ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଅନେକ ଅଭିଭାବକ ଏହି ଖାଦ୍ୟ କିଣି ଖାଇବା ସହ ପିଲାମାନଙ୍କ ପ୍ରୟାସକୁ ଉତ୍ସାହିତ କରିଥିଲେ।



## ବାଜିରାଉତ ଯୁବକ ସଂଘ ତରଫରୁ ରକ୍ତଦାନ ଶିବିର

# ୭୨ୟୁନିଟ ରକ୍ତ ସଂଗ୍ରହ

କଣିହାଁ,୧୨।୧(ସମିସ): କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ହାଇସ୍କୁଲରେ ବାଜିରାଉତ ଯୁବକ ସଂଘ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ ପ୍ରଧାନ, ଶିକ୍ଷାବିତ ଥବିର ଚନ୍ଦ୍ର ପ୍ରଧାନ, ମାଛିନ୍ଦ୍ର କୁମାର ସାହୁ, ଗିରୀଶ ଚନ୍ଦ୍ର ସାହୁ, ବିକ୍ରମ ଚରଣ ସାହୁ, ସମିତି ସଭ୍ୟା ଦୀପ୍ତିମୟୀ ମହାନ୍ତି, ଗ୍ରାମ ସଭାପତି ସଚ୍ଚିଦାନନ୍ଦ ଦେହୁରୀ, ସାମାଜିକ କର୍ମୀ ଶିବପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ଶିବରକୁ ଉଦଘାଟନ କରିଥିଲେ। କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ କେନ୍ଦ୍ରୀୟ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ୭୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ବିମଳ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜିତ ହେଉଛି। ଏଥିରେ ବାଜିରାଉତ ଯୁବକ ସଂଘ ସଭାପତି ସମିର ରଞ୍ଜନ ସାହୁ, ସମ୍ପାଦକ ଶାନ୍ତନୁ କୁମାର ସାହୁ, ଦିବ୍ୟଜ୍ୟୋତି ସାହୁ, ବାପୁଜୀ କୁମାର ସାହୁ, ପ୍ରଣବ କୁମାର ବେହେରା, ଲିକୁନ କୁମାର ସାହୁ, ବିଶ୍ୱନାଥ ପ୍ରଧାନ, ସୁଦୀପ୍ତ କୁମାର ସାହୁ, ସୁମନ୍ତ କୁମାର ସାହୁ, ଦୀପକ ବେହେରା, ସୁଜନ କୁମାର ସାହୁ, ଅମୀୟ ରଞ୍ଜନ ଦେହୁରୀ, ମାନସ ରଞ୍ଜନ ସାହୁ, ବିକାଶ କୁମାର ସାହୁ, ସୁକାନ୍ତ ଦେହୁରୀ, କୃଷ୍ଣଚନ୍ଦ୍ର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।



# ଠାକୁରଗଡ଼ ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ

କିଶୋରନଗର,୧୨।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସୋମବାର ଖରିଫ ଋତୁ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଛି। ସମିତି ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଃଖବନ୍ଧୁ ନାୟକ, ଜଗବନ୍ଧୁ ବେହେରା, କରୁଣାକର ନାୟକ, ନରୋତ୍ତମ ସାଏ, ଗଣେଶ୍ୱର ଖୁଣ୍ଟିଆ ପ୍ରମୁଖ ସମିତିର ସମସ୍ତ ନିର୍ଦ୍ଦେଶକ ଯୋଗଦେଇଥିଲେ। ପୂଜକ ଗୋକୁଳାନନ୍ଦ ଶତପଥୀ ପୂଜାର୍ଚ୍ଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରଗଡ଼ ବିଜେପି ମଣ୍ଡଳ ସଭାପତି ସୁଜିତ କୁମାର ଦେହୁରୀ, ଅନାମ ଚରଣ ସ୍ୱାଇଁ, ଚାଷୀ କୁମୁଦ ଚନ୍ଦ୍ର ମିଶ୍ର, ଅଜିତ ମିଶ୍ର, ଲୋକନାଥ ରାଉତ, ଦେବରାଜ ଦେହୁରୀ, ପୀତବାସ ମାଝି, ଦୁଷ୍ମନ୍ତ ପ୍ରଧାନ, ଅର୍ଜୁନ ସାହୁ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟର ବିକ୍ରମ ସାହୁ, ଉତ୍ତମ ପ୍ରଧାନ ଓ ବିନୋଦିନୀ ପ୍ରଧାନ ସହଯୋଗ କରିଥିଲେ। ପ୍ରଥମ ଦିନରେ ୬ ଚାଷୀଙ୍କଠାରୁ ୧୨୦.୨୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି।



# ନିଃଶୁଳ୍କ ଓ ନିଶ୍ଚିତ ଶିକ୍ଷା ସଚେତନତା କର୍ମଶାଳା

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଟାଉନ ହାଇସ୍କୁଲରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପାଇଁ ନିଃଶୁଳ୍କ ଓ ନିଶ୍ଚିତ ଶିକ୍ଷା ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ବ୍ଲକ୍ ଏମଆଇଏସ ସଂଯୋଜକ କାଦମ୍ବିନୀ ଦାସ ଯୋଗଦେଇ ଘରୋଇ ସ୍କୁଲ ପ୍ରିନ୍ସିପାଲ୍ ତଥା ସେମାନଙ୍କ ପ୍ରତିନିଧିମାନଙ୍କୁ ଅନ୍‌ଲାଇନ୍‌ରେ ସ୍କୁଲ ପଞ୍ଜୀକରଣଠାରୁ ଆରମ୍ଭ କରି ଆରଟିଇରେ ଦଳିତ ଏବଂ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାଙ୍କୁ କିଭଳି ମାଗଣା ଶିକ୍ଷା ଦେବେ ସେ ସମ୍ପର୍କରେ ବୁଝାଇଥିଲେ। ୨୦୨୬-୨୭ ଶିକ୍ଷାବର୍ଷରେ ପିଲାମାନେ କେବେ ନାମ ପଞ୍ଜୀକରଣ କରିବେ, କେବେ ଲଟେରୀ ମାଧ୍ୟମରେ କେଉଁ ପିଲାଙ୍କୁ କେଉଁ ସ୍କୁଲରେ ମାଗଣା ଆଡ୍‌ମିଶନ ମିଳିବ ତାହା ବୁଝାଇ ଦିଆଯାଇଥିଲା। ୬ରୁ ୧୪ ବର୍ଷ ବୟସ୍କ ପିଲାଙ୍କ ପାଇଁ ଏହି ବ୍ୟବସ୍ଥା ଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଏଥିରେ ଅବହେଳା କଲେ ଜିଲ୍ଲା ଶିକ୍ଷା ବିଭାଗ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପରାମର୍ଶ ଦିଆଯାଇଛି।

# କଂକ୍ରିଟ ରାସ୍ତା କାମ ନିମ୍ନମାନର ଅଭିଯୋଗ

ବଇଣ୍ଡା,୧୨।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ପଞ୍ଚାୟତ ସତ୍ୟବାଦୀପୁର ଗ୍ରାମ କୋଠଘର ନିକଟରୁ ବାଟ ବାୟାଣୀ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତା କାମ ଅତି ନିମ୍ନମାନର ହେଉଥିବା ଶନିବାର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯାଉଛି। ତେବେ ଉପଯୁକ୍ତ ପରିମାଣର ସାମଗ୍ରୀ ବ୍ୟବହାର କରାଯାଉ ନ ଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। କାମ ସମୟରେ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାସଂସ୍ଥା ମନଇଚ୍ଛା କାମ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ତୁରନ୍ତ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆଙ୍କୁ ପଚାରିବାରୁ ରାସ୍ତା କାମ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ୩୪ ଗ୍ରାମ ବ୍ରାଉନସୁଗର ଜବତ, ୭ ଅଟକ

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଟାଉନ ହାଇସ୍କୁଲ ସମ୍ମୁଖ ପୌରପାଳିକା ଭେଣ୍ଡିଂ ଜୋନ୍ ଠାରୁ ୩୪ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ଅନୁଗୋଳ ପୁଲିସ। ଏହି ଘଟଣା ରେ ୭ ଜଣଙ୍କୁ ପୁଲିସ ଅଟକ ରଖୁଥିବା ଜଣା ପଡ଼ିଛି ଓସୂଚନା ଅନୁସାରେ, ଆଜି ଦିନ ଦ୍ୱିପ୍ରହର ବେଳେ ବ୍ରାଉନ ସୁଗାରକୁ ଚିଟ୍ ମାଧ୍ୟମରେ ପୁଡ଼ିଆ କରି ସହରରେ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ଟାଉନ ପୁଲିସ ଖବର ପାଇ ଅତର୍କିତ ଭାବେ ଚଢ଼ାଉ କରିଥିଲା ଓ ଚଢ଼ାଉ ବେଳେ ୭ ଜଣଙ୍କୁ ଅଟକ ରଖି ଜାଞ୍ଚ ବେଳେ ସେମାନଙ୍କ ନିକଟରୁ ବ୍ରାଉନସୁଗାର ଜବତ ହୋଇଥିଲା। ଏହା ସହ ୭ ଗୋଟି ମୋବାଇଲ ଫୋନ ୨୨୦୦ ଟଙ୍କା ଏବଂ ଚିଟ୍ ପେପରକୁ ପୁଲିସ ଜବତ କରିଥିଲା। ଏହି ବେପାରୀ ମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଅନୁଗୋଳ ର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଛି।

# ବିଡିଓଙ୍କଠାରୁ ଦାୟିତ୍ୱ ନେଲେ ସିଡିପିଓ

କିଶୋରନଗର,୧୨।୧(ସମିସ): କିଶୋରନଗର ମହିଳା ଶିଶୁବିକାଶ କାର୍ଯ୍ୟାଳୟରେ ନୂତନ ଅଧିକାରିଣୀ ଭାବେ ସୋମବାର ଭାଗ୍ୟଲତା ସେଠୀ ଯୋଗଦେଇଛନ୍ତି। ସେ ବିଡିଓ ସୁବ୍ରତ ବେହେରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଥିବା ସିଡିପିଓ ଆରତୀ ସିଂହଙ୍କ ବଦଳି ପରେ ବିଡିଓ ବେହେରା ଦାୟିତ୍ୱରେ ରହିଥିଲେ।

# ଶିବିରରୁ ୬୧ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ,୧୨।୧(ସମିସ): କଣିହାଁ ବ୍ଲକ ଏନଟିପିସି ଡିଏଭି ପବ୍ଲିକ୍ ସ୍କୁଲ୍, ଦୀପଶିଖା ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏନଟିପିସି ପ୍ରକଳ୍ପ ସିଆଇଏସଏଫ୍ ୟୁନିଟ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓମ୍‌ପ୍ରକାଶ ପାଲ୍, ଡିଏଭି ପ୍ରିନ୍ସିପାଲ୍ ସଦାନନ୍ଦ ହୋତା, ସ୍ୱାସ୍ଥ୍ୟ କ୍ଲବ୍ ଇନ୍‌ଚାର୍ଜ ଭଗବାନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ତାଳଚେର ରକ୍ତଭଣ୍ଡାର ଟେକ୍ନିସିଆନ୍ କୁମୁଦ ସାହୁ, ଗୋପାଳ ବେହେରା, ଲକ୍ଷ୍ମୀ ନାରାୟଣ ପ୍ରଧାନ, ତ୍ରିନାଥ ହୋତା, ଚନ୍ଦ୍ରମଣି ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ତାଳଚେର ରେଡକ୍ରସ ସଦସ୍ୟ ବଳରାମ ପତି, କଣିହାଁ ବ୍ଲକ ସଂଯୋଜକ ସତ୍ୟାନନ୍ଦ ପ୍ରଧାନଙ୍କ ସମେତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।



# ଜମି ମାଫିଆଙ୍କ ବିରୋଧରେ କୁଇଓବାସୀଙ୍କ ବିକ୍ଷୋଭ

## ଜିଲ୍ଲାପାଳ ଅଫିସ ଆଗରେ ଧାରଣା

ଅନୁଗୋଳ,୧୨।୧(ସମିସ): ୮ ଦଫା ଦାବି ନେଇ କୁଇଓ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ କରିଛନ୍ତି। ଗୋଷ୍ଠୀଗତ ସରକାରୀ ସମ୍ପତ୍ତି ଜବରଦଖଲରୁ ରକ୍ଷା ପାଇଁ ଏହି ବିକ୍ଷୋଭ କରାଯାଇଛି। ପଞ୍ଚାୟତର ଏକମାତ୍ର ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ଜମି ଲିଜ୍ ଓ ଜଙ୍ଗଲ ଜମି ଅନୁମତି ଜମି ମାଫିଆମାନଙ୍କ ସୁଚିନ୍ତିତ ଯୋଜନାର ତଦନ୍ତ ଦାବି କରାଯାଇଛି। ଗ୍ରାମବାସୀଙ୍କ ଗୋଷ୍ଠୀଗତ ସରକାରୀ ଜମିକୁ ବାରମ୍ବାର ଅନ୍ୟମାନଙ୍କୁ ଲିଜ୍ ଦିଆଯିବା ଦ୍ୱାରା ଗୋଷ୍ଠୀଗତ ଅଧିକାର କ୍ଷୁଣ୍ଣ ହେଉଛି ଏବଂ ପଡ଼ୋଶୀ ଗ୍ରାମବାସୀ ଗୋଷ୍ଠୀଗତ ଅଧିକାରକୁ ମଧ୍ୟ ଜୋରଜବରଦସ୍ତ ଅକ୍ତିଆର କରୁଛନ୍ତି। ଏହାର ମଧ୍ୟ ତଦନ୍ତ କରିବାକୁ ଦାବି ହୋଇଛି। ଗ୍ରାମର ଗୋଷ୍ଠୀଗତ ସରକାରୀ ଜମି ଲିଜ୍ ଦେବା ଦ୍ୱାରା ଲୋକଙ୍କ ଜୀବନ ଜୀବିକାରେ ପ୍ରଭାବ ପଡ଼ିବା ସହ ବ୍ୟାପକ କ୍ଷତି ହେଉଛି। ସେହିପରି ଗ୍ରାମର ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ଏବଂ ବାରମ୍ବାର ଜମି ମାଫିଆମାନେ ଗଣ୍ଡଗୋଳ ଓ ମାରପିଟ୍ କରିବା ଘଟଣାରେ ପୁଲିସ୍ ତଦନ୍ତ ନ କରି ମାଫିଆମାନଙ୍କୁ ସୁରକ୍ଷା ଦେଉଥିବା ଏବଂ ଏତଲା ପଞ୍ଜିକୃତ ନ କରି ଫେରାଇ ଦେଉଥିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।




# ଡକାୟତି ଯୋଜନା; ୫ ଅପରାଧୀ ଗିରଫ

ଅନୁଗୋଳ,୧୨।୧(ସମିସ): ରବିବାର ବିଳମ୍ବିତ ରାତିରେ କାର୍ବନ ଫ୍ୟାକ୍ଟ୍ରି ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ୫ ଅପରାଧୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପୀନାଥ ନାୟକ, ତୋଫାନ ଦେହୁରୀ, ଜ୍ଞାନରଞ୍ଜନ ବେହେରା, ସୌମ୍ୟରଞ୍ଜନ ଓଝା ଓ ଗୁଲସନ ଦେହୁରୀ। ଅଭିଯୁକ୍ତମାନଙ୍କଠାରୁ ଭୁଜାଲି, କଟୁରି, ଚାପଡ଼, ଲଙ୍କାଗୁଣ୍ଡ, ମଦ ବୋତଲ, ଗ୍ଲାସ, ଏବଂ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଏମାନଙ୍କ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ଥିବା ପୁଲିସ କହିଛି। ରବିବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ କାର୍ବନ ଫ୍ୟାକ୍ଟ୍ରି ଅଞ୍ଚଳରେ କିଛି ଯୁବକ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ପୁଲିସର ଟିମ ପହଞ୍ଚି ସେମାନଙ୍କୁ କାବୁ କରି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେମାନେ ମଦ୍ୟପାନ କରି ଅସ୍ତ୍ରଶସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିବା ପୁଲିସ ଜାଣିବାକୁ ପାଇଥିଲା।

## ● ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା

# ୪୦ଜଣଙ୍କୁ ମିଳିଲା ନିଯୁକ୍ତିପତ୍ର



ତାଳଚେର,୧୨।୧(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ତାଳଚେର କଲେଜ ପରିସରରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଛି। ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଏଡିଏମ ଉଦୟ ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମିର ଜେନା, ସରକାରୀ ଆଇଟିଆଇ ଅଧ୍ୟକ୍ଷ ଜଗଜୀବନ ମହାରଣା, କଲେଜ ଅଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳରୁ ୫ମ ଶ୍ରେଣୀରୁ ଆରମ୍ଭ କରି ଆଇଟିଆଇ, ଡିପ୍ଲୋମା, ଡିଗ୍ରୀଧାରୀ ୧୫ଶହରୁ ଅଧିକ ଯୁବକ, ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଘରୋଇ ନିଯୁକ୍ତିଦାତା ସଂସ୍ଥାର କର୍ତ୍ତୃପକ୍ଷ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନକରୀ ସଂସ୍ଥା ଯୋଗଦେଇଥିଲେ। ଏଥିସହ ଜିଲ୍ଲାରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ରହିଥିବା ଭେଣ୍ଡରଗୁଡ଼ିକ ଦ୍ୱାରା ପରୋକ୍ଷରେ ନିଯୁକ୍ତି ପ୍ରଦାନ ବ୍ୟବସ୍ଥା ହୋଇଥିଲା। ଏଥିରେ ୪୦ଜଣ ତାଲିମପ୍ରାପ୍ତ ଆଶାୟୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବା ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଦେବାଶିଷ ସାହୁ କହିଛନ୍ତି।

# ଡ୍ୟୁଟି ବେଳେ ପୁଲିସକୁ ଆକ୍ରମଣ; ଜଣେ ଗିରଫ

କଣିହାଁ,୧୨।୧(ସମିସ): ଡ୍ୟୁଟି କରିବାକୁ ଯାଇଥିବା ଜଣେ ପୁଲିସ କର୍ମଚାରୀଙ୍କୁ କାଠଫାଳିଆରେ ଆକ୍ରମଣ ଅଭିଯୋଗରେ କଣିହାଁ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଣିହାଁ ଥାନା ଗୁଣ୍ଡୁରି ଗ୍ରାମର ସୁମନ୍ତ କୁମାର ସାହୁ (୨୭)। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ସୋମବାର ସୁମନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ସୋମବାର କଣିହାଁ ଥାନାରେ କାର୍ଯ୍ୟରତ କନଷ୍ଟେବଳ ଅମରେନ୍ଦ୍ର ବିଶ୍ୱାଳ ରଞ୍ଜନା ଗ୍ରାମରେ ବାଇକ ପାଟ୍ରୋଲିଂ କରୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଗ୍ରାମର ୫ ଯୁବକ ତାଙ୍କୁ ଘେରିଯାଇ କାଠଫାଳିଆରେ ଅମରେନ୍ଦ୍ରଙ୍କ କାନ୍ଧକୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ କାନ୍ଧରେ ଗଭୀର ଆଘାତ ଲାଗିଛି। ଅମରେନ୍ଦ୍ର ଏକାକୀ ଥିବା ସୁଯୋଗରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିବା ପୁଲିସ କହିଛି।








# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



କିଶୋରନଗର,୧୨।୧(ସମିସ): ଆବେଗ, ଅନୁସନ୍ଧିତ୍ସୁ, ଜିଜ୍ଞାସାର ପରିପୂର୍ତ୍ତି ଦିଗରେ ଶିକ୍ଷା ବିଶେଷ ସହାୟକ ହୋଇଥାଏ। ଅନ୍ୱେଷଣ, କ'ଣ, କିଏ, କେବେ, କାହିଁକି ଆଦି ପ୍ରଶ୍ନ ପଚାରିବା ଅଭ୍ୟାସ କଲେ ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ। ଏଣୁ ପିଲାମାନଙ୍କ ମଧ୍ୟରେ ପ୍ରଶ୍ନ ପଚାରିବାର ମାନସିକତା ସୃଷ୍ଟି କରିବା ଶିକ୍ଷକଙ୍କ ଧର୍ମ ହେବା ଉଚିତ୍ ବୋଲି କିଶୋରନଗର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ଦାଶ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ତହସିଲଦାର ବିକ୍ରମ କେଶରୀ ନାୟକ, ଥାନା ଅଧିକାରୀ ବିଭୂତି ପ୍ରଧାନ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଡା. ଅଲେଖ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ବେଦମନ୍ତ୍ର ପାଠ କରିଥିଲେ। ଏଥିସହ ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ, ଦୋକାନ ଯାତ୍ରା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଓ ଆତିଥ୍ୟ, କ୍ରୀଡ଼ାଙ୍ଗନା, କୌଶଳୀ, ଇକୋ କ୍ଲବ୍, ବ୍ୟବସାୟିକ ବୃତ୍ତି ଆଦି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଶୁଚିସ୍ମିତା, କିଞ୍ଜଲ ଓ ସାଥୀ ଚିତ୍ତାକର୍ଷକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଭୈରବ କୁମାର ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ବିନାୟକ ଦେହୁରୀ ଓ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ପୁରସ୍କାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ସଞ୍ଚୟିତା ସାହୁ ଓ ଜିଗରଜିତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ଦ୍ୱୈତ ନିର୍ବାଚନମଣ୍ଡଳୀ, ବ୍ଲକ୍ ଓ ୩ଟି ପଞ୍ଚାୟତରୁ ସିଦ୍ଧବାଲିକୁ ମୁକ୍ତି ଦାବି

**ପଟ୍ଟାମୁଣ୍ଡାଇ,୧୨।୧(ସମିସ):** ସିଦ୍ଧବାଲି ଗ୍ରାମଟି ୧୯୯୯ରୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇ ପଟ୍ଟାମୁଣ୍ଡାଇ ତହସିଲ ଓ ଅଣରା ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବାବେଳେ ଅମୃତମଣୋହି, ନୂଆପଡା, ବଲୁରିଆ ଆଦି ୩ଟି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ, ଆଳି ୨ଟି ବ୍ଲକ ଅଧୀନରେ ରହିଛି। ଏଥିସହିତ କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଅଧୀନରେ ରହିଥିବାରୁ ଏହି ରାଜସ୍ୱ ଗ୍ରାମର ଲୋକେ ସରକାରୀ କାର୍ଯ୍ୟ ଓ ସୁବିଧା ହାସଲ କରିବା ପାଇଁ ଅକଥନୀୟ ଦୁର୍ଦ୍ଦଶା ଭୋଗ କରିବା ସହିତ ସରକାରୀ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ସିଦ୍ଧବାଲି ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ୩।୮।୨୦୨୧ରେ ଜିଲ୍ଲା କାର୍ଯ୍ୟାଳୟ ସରକାରୀ ଚିଠି ନଂ ୬୮୩୮ରେ ଉପଜିଲ୍ଲାପାଳଙ୍କୁ ସରଜମିନ ଅନୁଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ଉପଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ତହସିଲଦାର ଓ ବିଡିଓ, ଆଳି ତହସିଲଦାର, ବିଡ଼ିଓଙ୍କୁ ନେଇ ସରଜମିନ ଅନୁଧାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ପଟ୍ଟାମୁଣ୍ଡାଇ ତହସିଲଦାର, ବିଡିଓ, ଆଳି ତହସିଲଦାର ଓ ବିଡିଓ କ'ଣ ତଦନ୍ତ ରିପୋର୍ଟ ଦେଲେ ଅଦ୍ୟାବଧି ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଯାହାକୁ ନେଇ ସିଦ୍ଧବାଲି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୯ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଶିକ୍ଷାବିତ ଦିଲ୍ଲୀପ ଖଣ୍ଡାୟୀଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ତୁରନ୍ତ ସିଦ୍ଧବାଲି ଗ୍ରାମକୁ ଗୋଟିଏ ପଞ୍ଚାୟତ, ବ୍ଲକ ଓ ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଥିଲେ।

# ଦାଣ୍ଡିସାହିରେ ସଚେତନତା କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୧।୧(ସମିସ):** ସହକାର ଭାରତୀର ୪୭ତମ ସ୍ଥାପନା ଦିବସ ଅବସରରେ ଦାଣ୍ଡିସାହିରେ ସଂଗଠନର ଜିଲ୍ଲା କାର୍ଯ୍ୟକାରିଣୀର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସହକାର ଭାରତୀର ପିଏସିଏସ କକ୍ଷର ସହସଂଯୋଜକ ସ୍ମୃତିରଞ୍ଜନ ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ସଂଗଠନର ଲକ୍ଷ୍ୟ ଓ ସମବାୟ ହିଁ



ଗ୍ରାମୀଣ ବିକାଶର ଏକମାତ୍ର ସାଧନ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ାର ପ୍ରତି ତହସିଲ ସ୍ତରରେ ସହକାର ଭାରତୀର କାର୍ଯ୍ୟକୁ ପହଞ୍ଚାଇବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଉପସ୍ଥିତ ସଦସ୍ୟ ସଂକଳ୍ପ କରିଥିଲେ। ଶକ୍ତିରଞ୍ଜନ ବିଶ୍ୱାଳ, ନିଖିଳ ପ୍ରଧାନ, କଳାକାର ଜେନା, କିଶୋର ରାଉତ, ଦୀପକ ଦାଶ, ଦଶରଥ ମଲିକ, ବାବୁରାମ ସାମଲ, ସୌଭାଗ୍ୟ ବିଶ୍ୱାଳ ଯୋଗ ଦେଇଥିବାବେଳେ ଅରୋଶିଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୀର ନୁର୍ ସାହା ବାବାଙ୍କ ଉର୍ସ ଉତ୍ସବ

**ପଟ୍ଟାମୁଣ୍ଡାଇ,୧୨।୧(ସମିସ):** ପୀର ହଜରତ ନୁର ଅଲ୍ଲୀ ସାହା ବାବାଙ୍କ ୪୫ତମ ବାର୍ଷିକ ଉର୍ସ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ମଦରସା ନିକଟରୁ ଚାଦର ଶୋଭାଯାତ୍ରା



ବାହାରି ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ବାବାଙ୍କ ସମାଧିରେ ଚାଦର ଚଢ଼ାଯାଇଥିଲା। ଏ ଉପଲକ୍ଷେ ଧର୍ମସଭାର ଆୟୋଜନ କରାଯାଇଥିଲା। ଏଥିରେ ଭାରତର ପ୍ରସିଦ୍ଧ ମୌଲାନା ସୟଦ ଅବଦୁଲ କାଦିର ମିଆଁ, ମୌଲାନା ମୁଫତି ମୁସରଫ, ମୌଲାନା ଅକତର ରଜା ଜିୟେ, ମୌଲାନା ମୁବାସୀର ହୁସେନ, ମୌଲାନା ମୁଜିସ ରାଜା କଦ୍ରି, ମୌଲାନା ସେଏରୀ ଯାମଜାମ ଫତେପୁରୀ, ମୌଲାନା ହାଫିଜ ଇସ୍ରାଫିଲ, ମୌଲାନା ଓସୀମ କଦ୍ରି ପ୍ରମୁଖ ଯୋଗ ଦେଇ ଇସଲାମ ଧର୍ମ ଓ ପୀର ବାବା ଜୀବନୀ ଉପରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ସଦସ୍ୟ ଯୋଗଦେଇ ଭାଇଚାରାର ବାର୍ତ୍ତା ଦେଇଥିଲେ। ଉର୍ସ କମିଟି ପକ୍ଷରୁ ଏସଡିପିଓ କ୍ଷମାସାଗର ପଣ୍ଡା ଓ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉର୍ସ କମିଟି ସଭାପତି ଶେଖ ଗୋଲାମ ମଦାନୀ, ସମ୍ପାଦକ ଅଫସାର ଅଲ୍ଲୀ ଖାଁ, ଉସ୍ତାର ଖାଁ, ଶେଖ ସମସର, ଶେଖ ସକିର, ଶେଖ ଜାକିର, ରହିମ ଖାଁ, ଅମୀର ଖାଁ ପ୍ରମୁଖ ଉତ୍ସବ ପାଳିଚାଳନା କରିଥିଲେ।

# ପଟ୍ଟାମୁଣ୍ଡାଇ ଓକିଲ ସଙ୍ଘ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

**ପଟ୍ଟାମୁଣ୍ଡାଇ,୧୨।୧(ସମିସ):** ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର, ଯୁଗ୍ମସମ୍ପାଦକ ମନୋଜ ନାୟକ, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ବିଜ୍ଞାନ ମିହିର ଜେନା, ଗୋପୀନାଥ ତ୍ରିପାଠୀ, ଅଭିରାମ କୁଣ୍ଡ, ଶରତ ମଲିକ, ଗଣେଶ ବାରିକ, ଧୀରେନ୍ଦ୍ର ସାହୁ, ମିର୍ଜା ସରିଫ ବେଗ, ଅରୂପା ପାତ୍ର, ସୁମନ୍ତ ମାଝୀ ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

# ବାରଡାଙ୍ଗ ପ୍ୟାକ୍ସରେ ଧାନମଣ୍ଡି ଉଦ୍‌ଘାଟିତ



**ମହାକାଳପଡ଼ା,୧୨।୧(ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ସୁଶାନ୍ତ ବିଶ୍ୱାଳ, ସମ୍ପାଦକ ଦେବେନ୍ଦ୍ର ସାହୁ, ପରିଚାଳକ ଅକ୍ଷୟ ଦାଶ, ସ୍ଥାନୀୟ ସରପଞ୍ଚ ଅରବିନ୍ଦ ଜେନା ଓ ଚାଷୀ ଉପସ୍ଥିତ ଥିଲେ। ଧାନ ମଣ୍ଡି ଆରମ୍ଭ ହେବାରୁ ଅଞ୍ଚଳର ଚାଷୀ ଖୁସି ପ୍ରକାଶ କରିଛନ୍ତି।

# ବେଣୀପୁର ଗାଁକୁ ଗଡ଼ିଲା ଲକ୍ଷ୍ମୀ ବସ୍

**ପଞ୍ଚୁପାଣ୍ଡବ,୧୨।୧(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ପଞ୍ଚାୟତର ବେଣୀପୁର ଗ୍ରାମକୁ ଲକ୍ଷ୍ମୀ ବସ୍ ଚାଲିଛି। ନବୀନ ସରକାରଙ୍କ ଯୋଜନାରେ ଏହି ବସ୍ ପ୍ରତି ପଞ୍ଚାୟତର ସବୁ ଗ୍ରାମକୁ ଚଳାଚଳ କରିବାକୁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବସ୍‌ଟି ତିନିମୁହାଣୀରୁ ବାହାରି ବଙ୍ଗଳା ସାହି, ରାଏପୁର, ବୀର ନୀଳକଣ୍ଠପୁର, ବେଲାରପୁର, ସଦାନନ୍ଦପୁର, ବଜାର ଓ ଛୋଟି ହାଟକୁ ଯାଇ ବ୍ଲକ କୁ ଫେରୁଥିଲା। ବେଣୀପୁର ଗ୍ରାମକୁ ବସ୍ ନ ଯିବାରୁ ଗ୍ରାମର ଲୋକେ ପ୍ରାୟ ୫ କିମି ଦୂରକୁ ଆସି ବସ୍ ଧରୁଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ବିଡିଓ ନମିତା ବାରିକଙ୍କୁ ଦାବି କରାଯାଇଥିଲା। ଆଜିଠୁ ଗ୍ରାମକୁ ବସ୍ ଚାଲିଥିବାରୁ ପ୍ରକାଶ ସାହୁ, ଶିଶିର ମଲ୍ଲିକ, ପ୍ରଦୀପ ସାମଲ, ସୁଦୀପ୍ତ ସାମଲ, ନମିତା ସାହୁ ବିଧାୟକ ଓ ବିଡିଓଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନେହରୁଙ୍କୁ ସମାଲୋଚନା ମହାପୁରୁଷଙ୍କ ପ୍ରତି ଅପମାନ

**ପଟ୍ଟାମୁଣ୍ଡାଇ,୧୨।୧(ସମିସ):** ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ଓ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପୁରୋଧା ଓ ଦେଶ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସମ୍ପ୍ରତି କିଛି ବ୍ୟକ୍ତିବିଶେଷ ପଣ୍ଡିତ ନେହେରୁଙ୍କୁ ସମାଲୋଚନା କରିବା ଦେଖାଯାଉଛି। ନେହେରୁଙ୍କୁ ସମାଲୋଚନା ସ୍ୱାଧୀନତା ଆନ୍ଦୋଳନ ଓ ଦେଶ ଗଠନରେ ପ୍ରମୁଖ ଭୂମିକା ନିଭାଇଥିବା ମହାମନିଷୀଙ୍କ ପ୍ରତି ଅପମାନ ବୋଲି ଶିକ୍ଷକନେତା ସୁନାମଣି ଦାଶ ପ୍ରକାଶ କରିବା ସହିତ ଦେଶ ପ୍ରତ୍ୟେକ ନାଗରିକ ସମୃଦ୍ଧ ଦେଶ ଗଠନରେ ମନୋନିବେଶ କରିବାକୁ ନିବେଦନ କରିଛନ୍ତି।

# କୁଶିଆପାଳ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଡେରାବିଶ, ୧୨।୧(ସମିସ):** କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଧାନମଣ୍ଡି ଉଦଘାଟନ କରିଛନ୍ତି। ସମବାୟ ସମିତି ପରିଚାଳନା ପରିଷଦ ସଭାପତି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ବିକ୍ରମ ରାଉତରାୟ, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣି, ଜିଲ୍ଲା ସମବାୟ ସମୂହର ସହକାରୀ ନିବନ୍ଧକ ପ୍ରଭାକର ନାୟକ, ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଡିଓ ନମିତା ବାରିକ, ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାସଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ସହସମ୍ପାଦକ ମାନସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ନେତାଜୀ ଆଞ୍ଚଳିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରାଜକନିକା,୧୨।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଫୁଟବଲ ଏନ୍ତୁଡ଼ିଶାଳା ଭାବେ ପରିଚିତ ତରାସ ନେତାଜୀ କ୍ଲବ୍ ଆୟୋଜନରେ ନେତାଜୀ ମିନି ଷ୍ଟାଡ଼ିୟମରେ ନେତାଜୀ ଆଞ୍ଚଳିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୮ଟି ଫୁଟବଲ ଦଳ ଭାଗ ନେଇଛନ୍ତି। ମୁଖ୍ୟଅତିଥି ଭାବେ ଆଳି ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ, ସମ୍ମାନିତ ଅତିଥି ଭାବେ ତରାସ ସରପଞ୍ଚ ମନୋରମା ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନମାଳୀ ରାଉତ, ଭରତ ବାରିକ, ଅକ୍ଷୟ ନାଥ, କ୍ଲବ୍‌ର ସଭାପତି ବନଜ ବାରିକ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ୱାଇୱାଇ କ୍ଲବ ଚେରଣ୍ଟପଡ଼ା ୧-୦ ଗୋଲରେ ଏନଏସି ଚାନ୍ଦବାଲିକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ରାହୁଲ ବାରିକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଖେଳୁ ଶିବପ୍ରସାଦ ମଲ୍ଲିକ, ଅରୁଣ ବାରିକ, ଶରତ ଜେନା, ନିଗମାନନ୍ଦ ନାୟକ ପରିଚାଳନା କରିଥିଲେ।

● ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# 'ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଦେଶର ଉନ୍ନତି'



**କେନ୍ଦ୍ରାପଡ଼ା,୧୨।୧(ସମିସ)**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଉଦଘାଟିତ ହୋଇଛି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶଶାଙ୍କ ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଅପରେସନ ସିନ୍ଦୁର, ଆତ୍ମନିର୍ଭର ଭାରତ, ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଜିଲ୍ଲା ପାଇଁ ଗୌରବ ଆଣିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହ ଅନ୍ୟ ଜିଲ୍ଲାରୁ ଆସିଥିବା କଳାକାର ମନୋରମ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକଙ୍କ ସୁମଧୁର ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୩୭ଟି ଅଭିଯୋଗ ପଞ୍ଜିକୃତ, ୧୯ଟିର ତୁରନ୍ତ ସମାଧାନ

**କେନ୍ଦ୍ରାପଡ଼ା,୧୨।୧(ସମିସ)**



କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସମାଧାନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ୧୩୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୧୨୫ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ଥିଲା। ଏଥିରୁ ୧୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୪ ଜଣ ହିତାଧିକାରୀଙ୍କୁ ୫୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନାଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି: ମୁକ୍ତେଶ୍ୱର ବିଜୟୀ

**ରାଜନଗର,୧୨।୧(ସମିସ):** ରାଜନଗର ବ୍ଲକ ବଡପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଦ୍ୱିତୀୟ କ୍ୱାର୍ଟରରେ ବିଏମସିସି ଯାଜପୁରକୁ ହରାଇ ମୁକ୍ତେଶ୍ୱର ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ୱିକେଟ ହରାଇ ୧୭୩ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଯାଜପୁର ୫ ୱିକେଟ ହରାଇ ୧୭୦ ରନ କରିବାକୁ ସକ୍ଷମ ହୋଇଥିଲା। ଭୁବନେଶ୍ୱରର ଖାଜି ସର୍ଫରାଜଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋଗୁଆ ସରପଞ୍ଚ ପ୍ରମୋଦ ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# କାଜୁ ଜଙ୍ଗଲରୁ ଜବରଦଖଲ ଉଚ୍ଛେଦ



**ମହାକାଳପଡ଼ା, ୧୨।୧ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଜଙ୍ଗଲ ଜମି ଉପରେ ହୋଇଥିବା ଜବରଦଖଲ ବିରୋଧରେ ଜିଲ୍ଲା ପ୍ରଶାସନ କଡା ପଦକ୍ଷେପ ନେଇଛି। ମହାକାଳପଡ଼ା ତହସିଲ ଅନ୍ତର୍ଗତ ବରଜବାହାକୁଦ ଅଞ୍ଚଳର ୧୨ ଏକର କାଜୁ ଜଙ୍ଗଲରେ କାଜୁ ଗଛ କାଟି ବାଡ ବୁଲାଇ ଜବରଦଖଲ କରାଯାଇଥିବା ଜମିକୁ ଆଜି ଉଚ୍ଛେଦ କରାଯାଇଛି। ଏହି କାଜୁ ଜଙ୍ଗଲ ଜମିରେ ବାଡ ପୋତି ଝୁଡ଼ଙ୍ଗ, ମକା, ମୁଳା, ବିମ୍ବ, କନ୍ଦମୁଳ ଓ ଟମାଟର ଭଳି ପନିପରିବା ଚାଷ କରାଯାଉଥିଲା। କେବଳ ବରଜବାହାକୁଦ ନୁହେଁ, ରାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ଜଙ୍ଗଲ ଜମିରେ ବାଡ ପୋତି ଜବରଦଖଲ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଅବୈଧ ଭାବେ ପନିପରିବା ଚାଷ କରୁଥିବା ବ୍ୟକ୍ତିଙ୍କୁ ତହସିଲ ପକ୍ଷରୁ ଦୁଇଥର ନୋଟିସ ଦିଆଯାଇଥିଲେ ମଧ୍ୟ ସେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନ ଥିଲେ। ଆଜି ଜିଲ୍ଲା ପ୍ରଶାସନ, ବନ ବିଭାଗ ଓ ସାମୁଦ୍ରିକ ଥାନା, ଜମ୍ବୁ ପୁଲିସ ସହଯୋଗରେ ଉଚ୍ଛେଦ କରାଯାଇଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ



**ରାଜନଗର,୧୨।୧(ସମିସ):** ଗୁପ୍ତି ପଞ୍ଚାୟତ ଗୋପାଳପୁର ଗ୍ରାମର ବର୍ଷିୟାନ ମହିଳା ସାବିତ୍ରୀ ହାତି (୯୨)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଗଣେଶ ହାତି, ବଡପୁଅ ତଥା ସାମ୍ବାଦିକ ବସନ୍ତ କୁମାର ହାତି, ଶରତ, ପ୍ରଶାନ୍ତ, ବ୍ୱାଇଁ ଉତ୍ତମ, ଅଶୋକ, ସୁଧିର, ଝିଅ ଅଞ୍ଜଳି, ନିରୁପମା, କବିତା, ସବିତାଙ୍କ ସହ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଁ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ ।
-ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## ଶକ୍ତିର ଅହଂକାର ଓ ଅଶାନ୍ତ ବିଶ୍ୱ

ଭେନେଜୁଏଲା ଭଳି ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଯେଉଁଭଳି ଘରୁ ଉଠାଇ ନେଇ ଆମେରିକା ଗରିଫ କରିଛି ତାହା କେବଳ ଅଚିନ୍ତନୀୟ ନୁହେଁ, ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥା ପ୍ରତି ଖୋଲା ଆହ୍ୱାନ । କିନ୍ତୁ କୂଟନୈତିକ ସ୍ତରରେ ଆମେରିକା କୌଣସି ଚାପର ସମ୍ମୁଖୀନ ହୋଇନାହିଁ । ବରଂ ଟ୍ରମ୍ପଙ୍କ ସ୍ପର୍ଦ୍ଧା ବହୁଗୁଣିତ ହୋଇଛି । ସଦାମ ହୁସେନଙ୍କ ଭଳି ମାଦୁରୋଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଭିତ୍ତିହୀନ ପ୍ରମାଣିତ ହୋଇଛି । ଆମେରିକା କଂଗ୍ରେସର ବିନା ଅନୁମୋଦନରେ ନିଜ ଦେଶର ତୈଳ କମ୍ପାନୀର ବ୍ୟବସାୟିକ ଫାଇଦା ପାଇଁ ମାଦୁରୋଙ୍କୁ ବନ୍ଦୀ କରି ଭେନେଜୁଏଲାର କାମଚଳା ସରକାର ଉପରେ ଚାପ ପ୍ରୟୋଗ କରିବାରେ ଟ୍ରମ୍ପ ସଫଳ ହୋଇଛନ୍ତି । ଏହାକୁ ଏକ ଦୃଷ୍ଟାନ୍ତ ରୂପେ ଉପସ୍ଥାପନ କରି କଲମ୍ବିଆ, ମେକ୍ସିକୋ ଓ ଚିଲି ଭଳି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଉପରେ ଚାପ ପ୍ରୟୋଗ ଆରମ୍ଭ କରିଛନ୍ତି । ଗ୍ରୀନଲାଣ୍ଡକୁ ମଧ୍ୟ ନିଜ ଅଧୀନକୁ ଆଣିବା ପାଇଁ ନାଟୋ ସହଯୋଗୀ ଡେନମାର୍କକୁ ନାଲିଆଖି ଦେଖାଇଛନ୍ତି । ବିଶ୍ୱର ଅନ୍ୟ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଚୀନ ଓ ରୁଷର ପ୍ରତିକ୍ରିୟାରେ ପରିଲକ୍ଷିତ ଶିଥିଳତାରୁ ସ୍ପଷ୍ଟ ହୋଇଛି ସେମାନେ ମଧ୍ୟ ତାଇୱାନ ଓ ୟୁକ୍ରେନ କ୍ଷେତ୍ରରେ ନିଜର ସ୍ୱାର୍ଥରକ୍ଷା ପାଇଁ ପରୋକ୍ଷରେ ଆମେରିକା ସହ ସାଲିସ କରିଛନ୍ତି । ଏହି ପରିସ୍ଥିତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମ୍ରାଜ୍ୟରେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ କରଦ ରାଜ୍ୟ । ସମ୍ରାଟଙ୍କ ଇଚ୍ଛାପୂର୍ତ୍ତି ପାଇଁ ସମସ୍ତେ ଜୀହଜୁର କରିବାକୁ ବାଧ୍ୟ ।

ଏହି ଘଟଣାକ୍ରମ ପରେ ଭାରତ ସହ ଆମେରିକାର ବାଣିଜ୍ୟିକ ସଂପର୍କ ନେଇ ଚାଲିଥିବା କଥାବର୍ତ୍ତା ହଠାତ୍ ଦିଗ ପରିବର୍ତ୍ତନ କରିଛି । ଗତ ସପ୍ତାହରେ ଆମେରିକାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମନ୍ତବ୍ୟ ଦ୍ୱିପାକ୍ଷିକ କୂଟନୈତିକ ସଂପର୍କ ସମସ୍ତ ସୀମା ଟପିଯାଇଛି । ଭାରତ ସହ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ତାହା ନିଷ୍ଫଳ ହୋଇଛି । ଏହାର ପୃଷ୍ଠଭାଗରେ କୌଣସି ନୀତିଗତ ପାର୍ଥକ୍ୟ ନ ଥିଲେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଠିକଣା ସମୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥାବାର୍ତ୍ତା ହେବା ପ୍ରସ୍ତାବକୁ ଆଗ୍ରାହ୍ୟ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି । ପାରସ୍ପରିକ ବୁଝାମଣାର ଭିତ୍ତିଭୂମି କୌଣସି ସମୟରେ ଏକପାଖିଆ ନୁହେଁ । ଦୁଇ ଦେଶ ପରସ୍ପରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲଚାଲ କରିଥା'ନ୍ତି । ଏଭଳି ସ୍ଥିତିରେ ଟ୍ରମ୍ପ କିମ୍ବା ମୋଦୀଙ୍କ ଭୂମିକା ଆସିଲା କେଉଁଠୁ? ପରୋକ୍ଷରେ ଭାରତକୁ ଆମେରିକା ଅନୁଗୃହୀତ କରୁଛି ଏବଂ ମୋଦୀ ସେଥିସକାଶେ କୃତଜ୍ଞତା ଜ୍ଞାପନ କରିବାକୁ ଲୁଟିନିକ ତାଙ୍କ ବକ୍ତବ୍ୟରେ ଇଙ୍ଗିତ କରିଛନ୍ତି । ଏହି କୃତଜ୍ଞତା ମାଧ୍ୟମରେ ଟ୍ରମ୍ପଙ୍କ ସବୁ ମିଛ ସହ ଭାରତକୁ ସାଲିସ କରିବାକୁ ହେବ । କୂଟନୈତିକ ସଂପର୍କ ଓ ସହଯୋଗରେ ପରିଲକ୍ଷିତ ଏହି ନିମ୍ନ ରୁଚିରୁ ସ୍ପଷ୍ଟ ହେଉଛି ଯେ କ୍ଷମତା ଓ ଶକ୍ତିର ଅହଂକାର ସମସ୍ତ ସଂଭ୍ରମ ଓ ଶାଳୀନତାକୁ ଅତିକ୍ରମ କରିଛି । ଲୁଟିନିକ ଏକଥା କହିଛନ୍ତି ଯେ ଟାରିଫକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଅବସାନ ପାଇଁ ଆମେରିକା ଏସୀୟ ରାଷ୍ଟ୍ର ଭିଏତନାମ ଓ ଇଣ୍ଡୋନେସିଆ ସହ ବୁଝାମଣା ପୂର୍ବରୁ ୨୦୨୫ ରେ ଭାରତକୁ ଦିଆଯାଇଥିବା ତିନିଟି ସୁଯୋଗକୁ ମଧ୍ୟ ହାତଛଡ଼ା କରିଛି । ଭାରତର ବୈଦେଶିକ ବିଭାଗ ମୁଖପାତ୍ର ଏହି ଅଭିଯୋଗର ଯଥାର୍ଥ ଉତ୍ତର ଦେଇ କହିଛନ୍ତି ଯେ ୨୦୨୫ ରେ ପ୍ରାଧାନମନ୍ତ୍ରୀ ମୋଦୀ କେବଳ ବାଣିଜ୍ୟ ନୁହେଁ, ବୈଷୟିକ ଜ୍ଞାନକୌଶଳ ଏବଂ ବିଶ୍ୱ ନିରାପତ୍ତା ପ୍ରସଙ୍ଗ ଉପରେ ୮ ଥର କଥାବାର୍ତ୍ତା କରିଛନ୍ତି । ତେଣୁ ଆମେରିକା ପକ୍ଷରୁ ଯେଉଁ ରଙ୍ଗ ରୂପ ଦେଇ ଘଟଣାକ୍ରମର ବର୍ଣ୍ଣନା କରାଯାଇଛି ତାହା ଆଦୌ ଠିକ୍ ନୁହେଁ । ଅମେରିକାର ଅସ୍ପଷ୍ଟ ନୀତି ଓ ବ୍ୟକ୍ତିଗତ ବିଦ୍ୱେଷରୁ ଏହି ପରିସ୍ଥିତି ଉପୁଜିଛି ।

ବିଶ୍ୱର ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ସ୍ୱାବଲମ୍ବୀ ଓ ନିଜ ଶକ୍ତି ତଥା ସାମର୍ଥ୍ୟରେ ସବୁ ପରିସ୍ଥିତିକୁ ସମ୍ମୁଖୀନ ହେଉଛି । ବିଶ୍ୱବଜାର ଅର୍ଥନୀତିର ନିର୍ଭରଶୀଳତା ଦୃଷ୍ଟିରୁ ବିଚାର କଲେ ଭାରତର ସର୍ବବୃହତ ବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ସଂକୀର୍ଣ୍ଣ ଭୂ-ରାଜନୈତିକ ରଣନୀତିରେ ଅଂଶୀଦାର ହେବାକୁ ସେ ଚାହେଁ ନାହିଁ । ଭାରତର ଏହି ସ୍ପଷ୍ଟ ଅଭିମୁଖ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଧିକ କ୍ଷୁବ୍ଧ କରିଛି । ରୁଷରୁ ତୈଳ, ପ୍ରାକୃତ ଗ୍ୟାସ ଓ ୟୁରାନିୟମ ସଂଗ୍ରହ କରୁଥିବା ରାଷ୍ଟ୍ରଉପରେ ୫୦୦ ପ୍ରତିଶତ ଟାରିଫ ଲାଗୁ କରିବା ସକାଶେ ସେ ଘୋଷଣା କରିଛନ୍ତି । ଭାରତ କ୍ଷେତ୍ରରେ ମଧ୍ୟ ଏହା ଲାଗୁ କରାଯିବ । ଆମ ସହ ଚୀନ ଓ ବ୍ରାଜିଲକୁ ମଧ୍ୟ ସଂଯୁକ୍ତ କରାଯାଇଛି । ଏ ସଂପର୍କରେ ଆମେରିକା ସୁପ୍ରିମକୋର୍ଟରେ ହୋଇଥିବା ଆବେଦନର ରାୟ ଜାନୁଆରୀ ୧୪ ରେ ପ୍ରକାଶ ପାଇବ । ତେବେ ୧୯୭୭ ରେ ଜାରି ହୋଇଥିବା ଆନ୍ତର୍ଜାତିକ ଜରୁରୀ ଆର୍ଥିକ କ୍ଷମତା ଆଇନ (ଇପା) ବଳରେ ଆମଦାନୀ ଉପରେ ଟାରିଫ ଲାଗୁ କରାଯାଇ ପାରିବ ବୋଲି ଆମେରିକା ଦର୍ଶାଯାଇଛି ।

ଭେନେଜୁଏଲ ଘଟଣାକ୍ରମ ନିରଙ୍କୁଶ ଓ ନିର୍ବାଧାରେ ଅତିକ୍ରମ କରି ଯିବା ପରେ ରାଷ୍ଟ୍ରପତି ଟ୍ରମ୍ପ ଅପେକ୍ଷାକୃତ ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି । ତେଣୁ ଯେକୌଣସି ପ୍ରକାରେ ଗ୍ରୀନଲାଣ୍ଡକୁ ଆମେରିକାର ଅକ୍ତିଆରକୁ ଆଣିବା ସକାଶେ ସେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି । ଗ୍ରୀନଲାଣ୍ଡ ଏକ ସ୍ୱୟଂସଂପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିଲେ ମଧ୍ୟ ଦେଶର ବୈଦେଶିକ ଓ ପ୍ରତିରକ୍ଷା ନୀତି ପାଇଁ ଡେନମାର୍କ ଉପରେ ନିର୍ଭରଶୀଳ । ଟ୍ରମ୍ପଙ୍କ ପ୍ରସ୍ତାବକୁ ଦୁଇରାଷ୍ଟ୍ର ଦୃଢ଼ ବିରୋଧ କରିଛନ୍ତି । ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ ଫ୍ରେଡେରିକ୍‌ସନ ସ୍ପଷ୍ଟ କରିଦେଇଛନ୍ତି ଯେ ଏକ୍ଷେତ୍ରରେ ଆମେରିକା ବଳପ୍ରୟୋଗ କଲେ ନାଟୋ ଭୁଶୁଡ଼ି ପଡ଼ିବ । ସେହିଭଳି ଆମେରିକାକୁ କୋକେନ୍ ଚୋରାଚାଲାଣ କରୁଥିବା ଦର୍ଶାଇ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କ ସହ ମୁହାଁମୁହିଁ ହୋଇଛନ୍ତି ଟ୍ରମ୍ପ । ଏବେ ତୃତୀୟ ଦିଗଟି ହେଲା ଇରାନ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଚାପରେ ଯେ କୌଣସି ସମୟରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଆମେରିକା । ଉଭୟ ପକ୍ଷ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।

କ୍ଷମତା ଅଂକାରର ସ୍ଥିତି ଓ ବିସ୍ତୃତି ସବୁକାଳେ ସୀମିତ ସମୟ ପାଇଁ । ଟ୍ରମ୍ପଙ୍କୁ ଏକଥା ବୁଝାଇବାକୁ ବେଶୀଦିନ ଲାଗିବ ନାହିଁ । ଭାରତ ଆମେରିକାର ସ୍ୱାଭାବିକ ସହଯୋଗୀ । ସ୍ଥିର ରାଜନୀତି ଓ ବିଶାଳ ବଜାର ବ୍ୟବସ୍ଥାକୁ ନେଇ ନିଜର ଆର୍ଥିକ ସାମର୍ଥ୍ୟ ଜାହିର କରୁଥିବା ଭାରତ ଦକ୍ଷିଣ-ଏସିଆ କୂଟନୈତିକ କ୍ଷେତ୍ରକୁ ବଳ ଦେଇ ଆମେରିକାର ପ୍ରମୁଖ ସହଯୋଗୀ ହୋଇପାରିବ । ଏବେ ଭେନେଜୁଏଲାରୁ ତୈଳ ସଂଗ୍ରହ ପାଇଁ ଭାରତକୁ ସୁଯୋଗ ଦେଇ ଟ୍ରମ୍ପ ଆଗକୁ ସ୍ଥିତି ସୁଧାରିବେ ବୋଲି ଆଶା କରାଯାଇପାରେ ।

# ସଫଳ କର୍ମ ସମ୍ପାଦନ ଓ ବ୍ୟବସ୍ଥିତ ବିଶ୍ରାମ

**ଡ.ଉଷାରାଣୀ ଦାଶ**

ବିଶ୍ରାମ ମଣିଷର ଶକ୍ତି, ସ୍ୱାସ୍ଥ୍ୟ, ସୃଜନଶୀଳତା, ସଫଳ କର୍ମ ସମ୍ପାଦନ ଓ ଜୀବନର ଉତ୍କର୍ଷ ପାଇଁ ଏକ ପ୍ରମୁଖ ଉପାଦାନ । ପରନ୍ତୁ ମାତ୍ରାଧିକ ବସ୍ତୁବାଦୀ ଚିନ୍ତାଧାରା, ସାମାଜିକ ଗଣମାଧ୍ୟମର ଚାପ, ମୋବାଇଲ, କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତ୍ତାର କରାଳଛାୟାର ପ୍ରଭାବ ସହିତ ଅତିରିକ୍ତ ଘରୋଇକରଣର ବିଷପ୍ରକ୍ରିୟାରେ ଆଜି ମଣିଷ ଜୀବନରୁ ବିଶ୍ରାମ ଶବ୍ଦଟି ଅପହରଣ ହୋଇ ସଂଜ୍ଞା ହରାଇଥିବା ପରି ଜଣାପଡ଼େ । ପିଲାଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶରୀର ଓ ମନକୁ ଅବିରତ ଅର୍ଥ ପଛରେ ନିୟୋଜିତ କରି ମାନସିକ, ଶାରୀରିକ ଓ ଆର୍ଥିକ ଭାରସାମ୍ୟ ହରାଇ ବସିଛି । ତଥାପି ଇନ୍‌ଫୋସିସର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପରି କିଛି ଉଦ୍ୟୋଗପତି ଭାରତର ଯୁବଶକ୍ତି ଦିନକୁ ୧୨ଘଣ୍ଟାରୁ ଅଧିକ ପରିଶ୍ରମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଚାଲିଛନ୍ତି । ଯଦିଓ ସରକାରଙ୍କ ନିୟମ ଅନୁସାରେ ଜଣେ ବ୍ୟକ୍ତି ଦିନକୁ ୮ ଘଣ୍ଟା କାର୍ଯ୍ୟ କରି ଠିକ ପାରିଶ୍ରମିକ ପାଇବାକୁ ହକଦାର, ତଥାପି ପ୍ରାୟ ୯୦ ପ୍ରତିଶତରୁ ଅଧିକ ଘରୋଇ ସଂସ୍ଥାରେ ଯୁବକଯୁବତୀମାନେ ଦୀର୍ଘବର୍ଷ ଧରି ଅଳ୍ପ ପାରିଶ୍ରମିକରେ ଦିନକୁ ୧୨ ରୁ ୧୬ ଘଣ୍ଟା କାମ କରି ଆସୁଛନ୍ତି, ଯାହା ସରକାରଙ୍କୁ ବା ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନଙ୍କ ପାଇଁ ଅଣଦେଖା ହୋଇରହିଯାଏ । କାରଣ ସେଠାରେ ମାନବିକତା ତୁଳନାରେ ଅର୍ଥାଗମକୁ ଗୁରୁତ୍ୱ ଦିଆଯାଏ । ମଣିଷର ଲୁହଲହୁରୁ ସେମାନେ ଆୟକୁ ଅନୈତିକ ଉପାୟରେ ବହୁଗୁଣିତ କରନ୍ତି ।

ଯଦିଓ ଶ୍ରମ ବିନା ଜୀବନ ଅର୍ଥହୀନ, ବିଶ୍ରାମ ବିନା ଜୀବନ କ୍ଲାନ୍ତିମୟ ଓ ରୋଗାକ୍ରାନ୍ତ ହୋଇପଡ଼େ । ଆଧୁନିକ ଯୁଗରେ ମଣିଷ ଅତ୍ୟଧିକ ବ୍ୟସ୍ତତା, ପ୍ରତିଯୋଗିତା ଓ ଚାପରେ ରହି ବିଶ୍ରାମର ମୂଲ୍ୟକୁ ଅନେକ ସମୟରେ ଭୁଲିଯାଉଛି । କିନ୍ତୁ ଏହା ନିରାଟ ସତ୍ୟ ଯେ ବିଶ୍ରାମ ବିନା କୌଣସି ମଣିଷ ଦୀର୍ଘକାଳ ସୁସ୍ଥ, ସୁଖୀ ଓ ସଫଳ ହୋଇ ରହିପାରିବ ନାହିଁ । ବିଶ୍ରାମକୁ ଆଳସ୍ୟ କୁହାଯାଇ ନ ପାରେ, ବରଂ ଏହା ଶକ୍ତିର ପୁନଃଜାଗରଣ, ଯାହା କେବଳ କାମ ବନ୍ଦ କରି ଶୋଇ ରହିବାକୁ ସୂଚାଇବା ବଦଳରେ ଶରୀର ଓ ମନକୁ କ୍ଲାନ୍ତିରୁ ମୁକ୍ତ କରି ନୂତନ ଶକ୍ତି ସଞ୍ଚୟ କରିବାର ପ୍ରକ୍ରିୟାକୁ ବୁଝାଇଥାଏ । ଶୋଇବା, ଆରାମ କରିବା, ସଙ୍ଗୀତ ଶୁଣିବା, ପ୍ରକୃତି ସହ ସମୟ କାଟିବା ଆଦି ବିଶ୍ରାମର ରୂପ, ଯାହାକୁ ଶ୍ରମର ସଫଳତାର ଗୁପ୍ତ ମନ୍ତ୍ର, ଯନ୍ତ୍ରଣା ଉପଶମ ଓ ଆରୋଗ୍ୟ ପାଇଁ ତଥା ଅସ୍ୱସ୍ତି ଦୂର କରିବା ପାଇଁ ଏକ ଅବଧି ବୋଲି ଧରାଯାଇପାରେ ।

ପ୍ରାଚୀନକାଳରୁ ବିଶ୍ରାମକୁ ମଣିଷ ଜୀବନର ଏକଅଂଶ ଭାବରେ ଗ୍ରହଣ କରାଯାଇଛି । ବୈଷ୍ଣବ ଧର୍ମରେ ଏହାକୁ ଭକ୍ତି ଅଭ୍ୟାସ ଏବଂ କ୍ଳାନ୍ତିରୁ ଉପଶମ ମାର୍ଗ କୁହାଯାଇଥିବା ବେଳେ ଆୟୁର୍ବେଦର 'ଅଷ୍ଟାଙ୍ଗ ହୃଦୟମ୍' ଅନୁସାରେ ଭଲ ଜୀବନ ସୁନିଶ୍ଚିତ କରିବା ପାଇଁ ସୁଷମ ଖାଦ୍ୟ, ସଂଯମ ଆଚରଣ ଓ ବିଶ୍ରାମ ବା ଭଲ ନିଦ୍ରା ହେଉଛି ତିନୋଟି ସ୍ତମ୍ଭ । ସେହିପରି ଭାରତୀୟ ଇତିହାସ ଓ ସ୍ୱାସ୍ଥ୍ୟ ବିଜ୍ଞାନରେ ଏହା ଆରାମ, ଆରୋଗ୍ୟ ଓ ଯନ୍ତ୍ରଣା ଉପଶମର ମାର୍ଗ ଭାବରେ ଗୃହୀତ । ଭାରତୀୟ ସଂସ୍କୃତିରେ ଯୋଗ ଓ ଧ୍ୟାନ ବିଶ୍ରାମର ରୂପ ସହିତ ବେଦ, ଉପନିଷଦ ଓ ଗୀତାରେ କର୍ମ ସହିତ ବିଶ୍ରାମର ସନ୍ତୁଳନର କଥା କୁହାଯାଇଛି । ବୌଦ୍ଧବାଣୀରେ 'ନ ଅତ୍ୟଧିକ ଭୋଗ, ନ ଅତ୍ୟଧିକ କଷ୍ଟ' ଓ 'ସାଙ୍ଖ୍ୟାନ-ଗୃହ୍ୟ-ସୂତ୍ର' ଅନୁସାରେ ବିଶ୍ରାମ ହେଉଛି ମଣିଷର ଆଶୀର୍ବାଦପୂର୍ଣ୍ଣ ଓ ଆନନ୍ଦମୟ ଗୃହ । ସେହିପରି ବାଲ୍ମୀକି ରାମାୟଣ ଅନୁସାରେ ବିଶ୍ରାମ ଶବ୍ଦଟି ଶାନ୍ତିର ଏକ ଅବସ୍ଥାକୁ ବୁଝାଏ । ସେଥିପାଇଁ କୁହାଯାଏ ବିଶ୍ରାମ ହେଉଛି ଜୀବନର ରିଚାର୍ଜ ବଟନ୍ ।

ଆଜିକାଲି ଅଧିକାଂଶ ଲୋକ ଲୋଭ, ଧନ ଓ ଛଦ୍ମ ସଫଳତା ପଛରେ ଧାବମାନ କାରଣରୁ ବିଶ୍ରାମକୁ ଅବହେଳା କରୁଛନ୍ତି, ଯାହା ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି । ବିଶ୍ରାମ ଅଭାବରେ ଟାଇପ୍ ୨ ମଧୁମେହ, ହୃଦରୋଗ, ସ୍ଥୂଳତା, ଅବସାଦ, ଦୁର୍ବଳତା, ପାକସ୍ଥଳୀ ସମସ୍ୟା, ଅନ୍ତଃସ୍ରାବୀ ରୋଗ, ମେଟାବୋଲିକ୍ ସିଣ୍ଡ୍ରୋମ୍, ସ୍ନାୟୁଗତ ବ୍ୟାଧି, ଚିଡ଼ିଚିଡ଼ାପଣ, ମାନସିକ ଚାପ ଆଦି ସମସ୍ୟା ସୃଷ୍ଟି ହୋଇ ପ୍ରାଣଘାତକ ହେଉଛି । ଯଦିଓ ଜୀବନରେ ଅର୍ଥ ଓ ପ୍ରକୃତ ସଫଳତା ଜରୁରୀ, କିନ୍ତୁ ସେଥିପାଇଁ ବିଶ୍ରାମକୁ ଅବହେଳା କରିବା ଗ୍ରହଣୀୟ ନୁହେଁ । ସମୟମତେ ବିଶ୍ରାମ ନେଲେ ଶରୀର ସୁସ୍ଥ ରହିବ ଓ ସଫଳତା ମଧ୍ୟ ଦୀର୍ଘକାଳୀନ ହେବ । ବିଶ୍ରାମହୀନତା ମଣିଷର କାର୍ଯ୍ୟକ୍ଷମତା କମାଇବା ସହିତ ଆୟୁକୁ ହ୍ରାସ କରିଥାଏ । ତେଣୁ 'ବେଟର ଲେଟ ଦାନ ନେଭର' ପ୍ରତି ଆମେ ଯତ୍ନଶୀଳ ହେବା ଜରୁରୀ ।

ପୁରୁଣା ଦିନରେ ଲୋକମାନେ ଜାଣୁଥିଲେ ଯେ କାମ ଓ ବିଶ୍ରାମର ସନ୍ତୁଳନ ରହିଲେ ହିଁ ଜୀବନ ସୁସ୍ଥ ଓ ସୁଖମୟ ହୁଏ । ସେମାନଙ୍କର ଜୀବନଶୈଳୀ ସରଳ ଥିଲା ଏବଂ ପ୍ରକୃତି ସହ ଗଭୀର ସମ୍ପର୍କ ଥିବାରୁ ବିଶ୍ରାମ ସ୍ୱାଭାବିକ ଭାବେ ତାଙ୍କ ଜୀବନର ଏକ ଅଂଶ ଥିଲା । ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କର୍ମରତ, ମଧ୍ୟାହ୍ନରେ ବିଶ୍ରାମ ଓ ସନ୍ଧ୍ୟାରେ ପରିବାର ଓ ପଡ଼ୋଶୀଙ୍କ ସହ ସମୟ କାଟିବା ଥିଲା ଏକ ଚିରାଚରିତ ବିଶ୍ରାମ ପ୍ରକ୍ରିୟା । ଗାଁ ଚଉପାଟିରେ ଗପ, ଗୀତ ଓ ଭାଗବତ ଟୁଙ୍ଗୀରେ ଭଜନ ଆଦି ମାଧ୍ୟମରେ ମନକୁ ଶାନ୍ତ କରି ରାତିରେ ପର୍ଯ୍ୟାପ୍ତ ନିଦ୍ରାରେ ଶୋଇଯାଉଥିଲେ । ପର୍ବପର୍ବାଣି ଓ ଉତ୍ସବଗୁଡ଼ିକ ମଧ୍ୟ ବିଶ୍ରାମର ଏକ ଉପାୟ ଥିଲା । ରଜ, ନୂଆଖାଇ, ଦୀପାବଳୀ ପରି ପର୍ବଗୁଡ଼ିକରେ କାମକୁ କମ୍ କରି ସମସ୍ତେ ବିଶ୍ରାମ ଓ ବିନୋଦନରେ ମନ ଦେଉଥିଲେ । ଶାରୀରିକ କାମ ସହ ମାନସିକ ସନ୍ତୁଳନ ପାଇଁ ଯୋଗ, ପ୍ରାଣାୟାମ, ଧ୍ୟାନ ଓ ଭଜନର ଅଭ୍ୟାସ ଥିଲା । ଏହା ମନକୁ ସ୍ଥିର ରଖୁଥିଲା ଓ ଚିନ୍ତା ଦୂର କରୁଥିଲା । ଭାରତର ପାରମ୍ପରିକ ବିଶ୍ରାମ ବ୍ୟବସ୍ଥାମାନଙ୍କ ମଧ୍ୟରେ ଆଷାଢ଼ରୁ ଆଶ୍ୱିନ ପର୍ଯ୍ୟନ୍ତ ଚାରିମାସରେ ପାଳିତ ଚାତୁର୍ମାସ୍ୟ ବ୍ରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା କେବଳ ମଣିଷମାନେ ବିଶ୍ରାମ ନେଉ ନଥିଲେ, ପ୍ରକୃତି ମଧ୍ୟ ବିନା ବାଧା ଓ ପ୍ରଭାବରେ ପୁନର୍ଜୀବିତ ହୋଇ ପାରୁଥିଲା । ଏତଦ୍‌ବ୍ୟତୀତ ଭାରତୀୟ ପରମ୍ପରାରେ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଆଦି ମାସିକ ଓ ପାକ୍ଷିକ ବିଶ୍ରାମ ଉପବାସ ମାଧ୍ୟମରେ ସ୍ଥିର ହୋଇଥିଲା, ଯାହା ଶରୀର ପାଇଁ ବିଶ୍ରାମ ।

ଆଧୁନିକ ସହରୀ ଜୀବନରେ ଚାକିରିଜୀବୀମାନେ, ବିଶେଷକରି ବେସରକାରୀ ଅନୁଷ୍ଠାନର କର୍ମଚାରୀମାନେ, ଦୀର୍ଘସମୟ ପରିଶ୍ରମ କିମ୍ବା କମ୍ପ୍ୟୁଟର ସାମ୍ନାରେ ବସି କାମ କରନ୍ତି । ଟାର୍ଗେଟ୍ ପୂରଣର ଚାପ ହେତୁ ଘରକୁ ଫେରିଲେ ମଧ୍ୟ ଇମେଲ୍ ଓ ଅତିରିକ୍ତ କାମକୁ ମୋବାଇଲ୍ ଓ ଲାପଟପ୍‌ରେ କରିବାକୁ ବାଧ୍ୟ ହୁଅନ୍ତି । ସେମାନେ ସ୍ୱଳ୍ପ ପାରିଶ୍ରମିକରେ ଭବିଷ୍ୟତ ସୁଖଆଶାରେ ଦିନରାତି କାମ କରି ଶାରୀରିକ ରୋଗ ଓ ମାନସିକ ଚାପର ବଶବର୍ତ୍ତୀ ହେଉଛନ୍ତି । ପରିବାର ସହ ସମୟ କାଟିବା କିମ୍ବା ନିଜ ପାଇଁ କିଛିସମୟ ଦେବାକୁ ଭୁଲିଯାଉଛନ୍ତି । ଫଳରେ ପାରିବାରିକ ସୁଖଶାନ୍ତି ବ୍ୟାହାତ ହେଉଛି । ଛାତ୍ରଛାତ୍ରୀମାନେ ସଫଳତା ପାଇଁ ଅତ୍ୟଧିକ ଚାପରେ ରହି ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଶ୍ରାମ ପାଉ ନ ଥିବାରୁ ଶାରୀରିକ ଓ ମାନସିକ ଥକ୍କାପଣର ସମ୍ମୁଖୀନ ହେଉଛନ୍ତି ।

ପାରମ୍ପରିକ ଜ୍ଞାନ ପରି ଆଧୁନିକ ଗବେଷଣାରୁ ଜଣାଯାଇଛି ବିଶ୍ରାମ ମଧ୍ୟ କାର୍ଯ୍ୟ ପରି ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ଶରୀରକୁ ବିଶ୍ରାମ ଦେଉ ତେବେ ବ୍ୟସ୍ତବହୁଳ ଜୀବନଶୈଳୀରୁ ଜାତ ରୋଗରୁ ନିଜକୁ ସୁସ୍ଥ ରଖିପାରିବା । ତେଣୁ ଆମ ଜୀବନରେ ପୁଣି ଥରେ ଶୈଳୀ ଅନୁସାରେ ବିଶ୍ରାମ ନେବାର ସମୟ ଆସିଛି । ସେଥିପାଇଁ ସର୍ବପ୍ରଥମେ ୨୪ ଘଣ୍ଟିଆ କାର୍ଯ୍ୟ କରିବାର ସଂସ୍କୃତିକୁ ତ୍ୟାଗ କରିବାକୁ ପଡ଼ିବ । ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ଶୋଇବା ନିମିତ୍ତ ବିନିଯୋଗ କରିବାକୁ ପଡ଼ିବ । କାର୍ଯ୍ୟସମୟ ବାହାରେ କାର୍ଯ୍ୟ-ସମ୍ବନ୍ଧୀୟ ଯୋଗାଯୋଗକୁ ଅଣଦେଖା କରିବାକୁ ହେବ । ବ୍ୟକ୍ତି, ସମାଜ, କାର୍ଯ୍ୟାଳୟ ଓ ସରକାର ବିଶ୍ରାମକୁ ମାନବୀୟ ଅଧିକାର ଭାବରେ ସ୍ୱୀକାର କରି ଏକ ସ୍ପଷ୍ଟ ନୀତି, ନିୟମ କିମ୍ବା ସଂକଳ୍ପ ନେବା ଆବଶ୍ୟକ । ବିଶ୍ରାମ ଅଧିକାରକୁ ସଂରକ୍ଷିତ କରିବା ପାଇଁ ପ୍ରସ୍ତାବିତ 'ଅଧିକାର ବିଚ୍ଛିନ୍ନ ବିଲ୍' ର ନୂତନତମ ସଂସ୍କରଣ ଉପରେ ସଂସଦରେ ହୋଇଥିବା ବିତର୍କ ସ୍ୱାଗତଯୋଗ୍ୟ । ଆମେ ନିଜ ଜୀବନ ଓ ପରିସଂସ୍ଥା ପାଇଁ ସକ୍ରିୟ ଭାବରେ ବିଶ୍ରାମକୁ ଅନୁସରଣ କରିବା ଆବଶ୍ୟକ । ପ୍ରତ୍ୟେକ କାର୍ଯ୍ୟନିର୍ଘଣ୍ଟ ୮ ଘଣ୍ଟାରୁ ଅଧିକ ହେବା ଉଚିତ ନୁହେଁ ଏବଂ କାର୍ଯ୍ୟସ୍ଥଳରେ 'ସ୍ୱଳ୍ପବିଶ୍ରାମ'ର ଏକ ନିର୍ଘଣ୍ଟର ଆବଶ୍ୟକ । ସରକାରୀ ବା ବେସରକାରୀ ସଂସ୍ଥାରେ ସମାନ କାର୍ଯ୍ୟ ପାଇଁ ସମାନ ବେତନ ବ୍ୟବସ୍ଥା କଡ଼ାକଡ଼ି ଭାବରେ ପାଳନ ହେବା ଆବଶ୍ୟକ, ଯାହା ସମସ୍ତ କର୍ମଚାରୀଙ୍କୁ ସମ୍ମାନର ସହିତ କାର୍ଯ୍ୟ କରିବା ସହିତ ଗୁଣାତ୍ମକ ଫଳାଫଳ ଦେଇପାରିବ ।

ଭାରତୀୟ ସଂସ୍କୃତିରେ ଜୀବନକୁ କେବଳ କର୍ମମୟ ନୁହେଁ, ବରଂ ଶ୍ରମ ଓ ବିଶ୍ରାମର ସନ୍ତୁଳନ ଭାବରେ ଦେଖାଯାଇଛି । ଆଧୁନିକ ଯୁଗରେ ଯଦିଓ ସପ୍ତାହାନ୍ତ ଦିନେ ବା ଦୁଇଦିନ ଛୁଟି ପ୍ରଦାନ କରାଯାଉଛି, ଭାରତୀୟ ପରମ୍ପରାରେ ଦିନ, ମାସ ଓ ଋତୁ ଆଧାରିତ ବିଶ୍ରାମ ବ୍ୟବସ୍ଥା ରହିଥିଲା । ଭାରତୀୟ ଜୀବନଦର୍ଶନରେ ବିଶ୍ରାମକୁ ଶରୀର, ମନ ଓ ପ୍ରକୃତିକୁ ସନ୍ତୁଳିତ ରଖିବାର ଉପାୟ ଭାବରେ ଦେଖାଯାଇଛି । ଯୋଗ, ଧ୍ୟାନ, ବ୍ରତ, ଉପବାସ ଓ ପର୍ବପର୍ବାଣୀ ସବୁର ମୂଳରେ ବିଶ୍ରାମର ତତ୍ତ୍ୱ ଲୁକ୍କାୟିତ ହୋଇ ରହିଛି । ତେଣୁ ବିଶ୍ରାମ ଶରୀରର ମୌନ ଚିକିତ୍ସା ଓ ସଫଳ କର୍ମ ସମ୍ପାଦନର ମାର୍ଗ ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮ ୧୩୩୬୧୨

# ଜୀବେ ଦୟା

**ଡ଼ ସୀତାକାନ୍ତ ତ୍ରିପାଠୀ**

ଜଣେକ ବ୍ୟବସାୟୀ ରାସ୍ତାରେ ପାରାମାନଙ୍କୁ ଖାଇବାକୁ ଦେଉଥିବାରୁ ତାଙ୍କୁ ଏକ ଅଦାଲତ ପାଞ୍ଚହଜାର ଟଙ୍କା ଜୋରିମାନା କରିଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏହାକୁ ନେଇ ସାଧାରଣ ଜନମାନସରେ ଅନେକ ଅବୁଝା ପ୍ରଶ୍ନ ଉଙ୍କି ମାରିଛି । ଜୀବମାନଙ୍କୁ ଦୟା କରିବା ପାଇଁ ସମସ୍ତ ଧର୍ମର ଶାସ୍ତ୍ରପୁରାଣଗୁଡ଼ିକ ଉତ୍ସାହିତ କରିଥା'ନ୍ତି । ଏଥିପାଇଁ କେତେ ଗଳ୍ପ, ଆଖ୍ୟାୟିକା ଓ ଉଦାହରଣ ମଧ୍ୟ ରହିଛି । ତେବେ ଅଦାଲତଙ୍କର ଇଏ କି ଅଜବ ନିର୍ଦ୍ଦେଶନାମା? କଥା ହେଉଛି ପାରାମାନଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ପାଇବା ଫଳରେ ସେମାନଙ୍କ ମଳରୁ ଅନେକ ରୋଗର ଉତ୍ପତ୍ତି ହେଉଛି, ଯେଉଁଥିପାଇଁ ସ୍ଥାନୀୟ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି । ପାରାମାନଙ୍କର ବଂଶବୃଦ୍ଧି ସହିତ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କର ଖାଦ୍ୟଦାନର ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ସେମାନଙ୍କୁ ଶିକାର ନକରି ଅଭୟ ପ୍ରଦାନ କରୁଥିବା ଲୋକମାନେ ମଧ୍ୟ 'ଜୀବେଦୟା' ଦର୍ଶନର ବିଶ୍ୱାସୀ ନୁହଁନ୍ତି କି?

ପରିବେଶଗତ ସନ୍ତୁଳନ ପାଇଁ ପ୍ରାକୃତିକ ଭାବେ ଖାଦ୍ୟ ଶୃଙ୍ଖଳ ରହିଛି । ଏଥିରେ ଖାଦ୍ୟ ଓ ଖାଦକର ସମ୍ପର୍କ ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଥାଏ । ସେହିକ୍ରମରେ ଦେଖିବାକୁ ଗଲେ ମଣିଷ ପ୍ରାକୃତିକ ଭାବେ ଖାଦକ ନୁହେଁ । ତେବେ ବିଭିନ୍ନ କାରଣରୁ ସିଏ ପଶୁ-ପକ୍ଷୀମାନଙ୍କୁ ଶିକାର କରିଥାଏ । ଯାହାଫଳରେ କିଛି ପ୍ରଜାତିର ପଶୁ-ପକ୍ଷୀ ଏବେ ବିଲୋପ ହେବାକୁ ବସିଲେଣି । ଅନେକ ସମୟରେ 'ଜୀବେଦୟା'କୁ ଲୋକମାନେ ଏକ ନିର୍ଦ୍ଦିଷ୍ଟ ପଶୁ କିମ୍ବା ପକ୍ଷୀଙ୍କୁ ବୁଝିଥା'ନ୍ତି । ଏଥିପାଇଁ କିଏ ରାସ୍ତାକଡ଼ରେ କୁକୁରମାନଙ୍କୁ ଖାଇବା ପାଇଁ ଦେଉଥିବା ବେଳେ ଆଉ କେହି ଉଇହୁଙ୍କାରେ ରହୁଥିବା ସାପମାନଙ୍କୁ କ୍ଷୀର ଦେବା ପାଇଁ ଚେଷ୍ଟା କରିଥା'ନ୍ତି କିମ୍ବା ପିମ୍ପୁଡ଼ି ଗାତରେ ଚିନି ଭରିଥା'ନ୍ତି । ଯେଉଁ ସାପମାନଙ୍କୁ ଜଣେ ଭକ୍ତ ମନ୍ଦିରରେ କିମ୍ବା ଉଇ ହୁଙ୍କାରେ କ୍ଷୀର ଦେଇଥାଏ, ସେଇମାନଙ୍କୁ ଅନ୍ୟ ଜାଗାରେ ମାରିବା ପାଇଁ ସିଏ ପଛାଏ ନାହିଁ । ଅନ୍ୟ କେତେକ କ୍ଷେତ୍ରରେ ତଥାକଥିତ ଦୟାଳୁମାନେ ଖାଦ୍ୟଦାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ପ୍ରୟାସ କରୁଥିବା ବେଳେ ନିଜ ଘରେ ଥିବା ବୟସ୍କ ବ୍ୟକ୍ତି, ସାହି ପଡ଼ିଶା ତଥା ଅଧସ୍ତନ କର୍ମଚାରୀମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର, ଅଭଦ୍ରୋଚିତ ବ୍ୟବହାର କିମ୍ବା ହତାଦର କରିବା ପାଇଁ ପଛଘୁଞ୍ଚା ଦେଇ ନଥା'ନ୍ତି । ତେଣୁ 'ଜୀବେଦୟା'ର ପ୍ରକୃତ ଅର୍ଥ କ'ଣ?

ଜଣକ ପ୍ରତି ଦୟାଶୀଳ ହେବା ବେଳେ ଅନ୍ୟମାନଙ୍କ ପ୍ରତି ସଠିକ ଆଚାର ବ୍ୟବହାର ପ୍ରତି ମଧ୍ୟ ଲକ୍ଷ୍ୟ କରିବାର ଅଛି । ଜଣଙ୍କର ଉନ୍ନତି ଆଉ କାହାର କ୍ଷତିର କାରଣ ନ ହେବା ଦରକାର । ସେହି ନ୍ୟାୟରେ କାହାର ବଂଶବୃଦ୍ଧି ଏବଂ ଆଉ କାହାର ବଂଶବିନାଶର କାରଣ ନହେବା ଉଚିତ୍ । ସେକଥା ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷମାନଙ୍କୁ କ'ଣ ଅଜଣା? ଯେଉଁମାନେ ଲୋକମାନଙ୍କୁ ଅନ୍ନଦାନ କରି ପୁଣ୍ୟାର୍ଜନ କରିବା ପାଇଁ ପ୍ରୟାସ କରିଥା'ନ୍ତି କିମ୍ବା ସମାଜରେ ଆଦୃତ ହେବା ପାଇଁ ଚାହିଁଥା'ନ୍ତି ନେପଥ୍ୟରେ ସେମାନେ ଚାଉଳରେ ଗୋଡ଼ି ମିଶାଇ କିମ୍ବା ଖାଦ୍ୟରେ ଅପମିଶ୍ରଣ କରି ଲୋକମାନଙ୍କର ପ୍ରାଣଘାତକ ହୋଇଥିବାର ଉଦାହରଣ ଆମ ସମାଜରେ ମଧ୍ୟ ଦେଖାଯାଇଥାଏ । ତେଣୁ 'ଜୀବେଦୟା'କୁ ଆମେ କେଉଁ ସଂଜ୍ଞା ଦେବା ତାହା ଏକ ପ୍ରଶ୍ନବାଚୀ ନୁହେଁ କି?

ଆମ ଶାସ୍ତ୍ର କହେ 'କୀଟ ପତଙ୍ଗ ତରୁ ତୃଣ, ସବୁଠି ବିଜେ ନାରାୟଣ' । ଏହି ଦର୍ଶନକୁ ଆଧାର କରି ପଥର, କାଠ, ନଦୀ, ବୃକ୍ଷ, ଲତା, ଜୀବ, ଜନ୍ତୁ ସବୁଙ୍କୁ ଧାର୍ମିକ ଆଧାରରେ ପୂଜା କରାଯାଏ । ଯାହାଫଳରେ ସନ୍ତୁଳିତ ପରିବେଶ ବଜାୟ ରହିବା ସହିତ ସାମାଜିକ ସହାବସ୍ଥାନ ରହିପାରିବ । 'ଜୀବେଦୟା'ର ଅର୍ଥ ନୁହେଁ ମୁଖରେ ହରି, ପେଟରେ ଛୁରୀ । ଜଣଙ୍କୁ ଆଦର ଅଭ୍ୟର୍ଥନା କରିବା ସମୟରେ ଅନ୍ୟମାନଙ୍କୁ ହତାଦର କରିବା ମାନବିକତାର ପରିପନ୍ଥୀ । ପଶୁ-ମଣିଷ ଲଢ଼େଇର ଦ୍ୱାହି ଦେଇ ଆମେ ବଣ୍ୟଜନ୍ତୁମାନଙ୍କୁ ଶିକାର କରିବା, ଉତ୍ପାଦନ ବୃଦ୍ଧି ପାଇଁ ଜମିରେ ବିଷ ପ୍ରୟୋଗ କରିବା, ଖଣି ଓ କଳ କାରଖାନା ସ୍ଥାପନ ପାଇଁ ସବୁଜ ବନାନି ଓ ପାହାଡ଼ମାନଙ୍କୁ ଧ୍ୱଂସ କରିବା ଏ ସମସ୍ତ କଥା ହେଉଛି 'ଜୀବେଦୟା'ର ପରିପନ୍ଥୀ । ତେବେ ଆମେ କ'ଣ ଏସବୁକୁ ବ୍ୟବହାର ନ କରି ବଞ୍ଚିପାରିବା? ଏହାର ବିକଳ୍ପ କ'ଣ?

କଥାରେ ଅଛି, ମଣିଷର ଆବଶ୍ୟକତା ପୂର୍ଣ୍ଣ ପାଇଁ ପ୍ରକୃତି ସବୁକିଛି ଦେଇ ପାରିବ, କିନ୍ତୁ ତା'ର ଲୋଭ ଓ ଅହଙ୍କାର ପାଇଁ ଏହା ଧ୍ୱଂସ ହୋଇଯିବ । ତେଣୁ ପରିବେଶ ସନ୍ତୁଳନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସର୍ବୋପରି ଏକ ସୁସ୍ଥ ସମାଜ ପାଇଁ 'ଜୀବେଦୟା'ର ପ୍ରକୃତ ଅର୍ଥକୁ କାମରେ ଲଗାଇବାର ଅଛି । 'ଜୀବେଦୟା'ର ସଂଜ୍ଞା ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ଅଲଗା ହୋଇଥାଏ । କାହାରି ପ୍ରତି ଦୟା କରୁଥିବା ବେଳେ ସିଏ ଯେମିତି ଅନ୍ୟ କାହାର କ୍ଷତିର କାରଣ ନହେବ ସେଥିପ୍ରତି ଦୟାଳୁ ବ୍ୟକ୍ତିଜଣକ ଦୃଷ୍ଟି ଦେବାର ଅଛି । କାହା ପ୍ରତି କେତେବେଳେ ଓ କେଉଁ ଢଙ୍ଗରେ ଦୟା କରାଯିବା ଉଚିତ୍ ତାହା ବିଚାର୍ଯ୍ୟ । ନହେଲେ ଜଣଙ୍କ ପ୍ରତି 'ଜୀବେଦୟା' ଅନ୍ୟପ୍ରତି ଜୀବହିଂସାର ସଂଜ୍ଞା ଭାବେ ରୂପାନ୍ତରିତ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇପାରେ ।

ଅର୍ଣ୍ଣପାଳ(ଭଦ୍ରକ)
ମୋ: ୯୭୭୮ ୭୬୪୩୯୪

# ନାରୀର ଲୁହ ଓ ପୁରୁଷର ମନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଲୁହକଥା ଚିନ୍ତା କଲେ ପ୍ରଥମେ ମନକୁ ଆସେ ସୁପ୍ରସିଦ୍ଧ ହିନ୍ଦୀ କବି ଜୟଶଙ୍କର ପ୍ରସାଦଙ୍କ 'ଆଂଶୁ' କବିତାର ପଂକ୍ତିଟିଏ । ଏହାର ଓଡ଼ିଆ ଅନୁବାଦ ହେଲା - 'ଯାହାଥିଲା ଘନୀଭୂତ ପୀଡ଼ା, ସ୍ମୃତି ରୂପେ ଏ ମୋର ମାନସେ, ଏ ଦୁର୍ଦ୍ଦିନେ ଅଶ୍ରୁରୂପେ ସେ ଆଜି ବରଷେ ।' ଅବଶ୍ୟ ତାଙ୍କ କଥା ଅନେକାଂଶରେ ସତ୍ୟ । କାରଣ, କେବେ କେମିତି ଆମେ ଆନନ୍ଦାଶ୍ରୁ ବୁହାଇଲେ ମଧ୍ୟ ଅଧିକାଂଶ ସମୟରେ ଦୁଃଖରେ ହିଁ ଅଶ୍ରୁପାତ କରିଥାଉ । ଏ ଉଭୟପ୍ରକାର ଭାବପ୍ରବଣତା ଜନିତ ଲୁହର ରାସାୟନିକ ସଂରଚନା ଭିନ୍ନ ଭିନ୍ନ । ଏହାବ୍ୟତୀତ ଆଖିରେ ଯନ୍ତ୍ରଣା ହେଲେ ମଧ୍ୟ ଲୁହ ଝରିଥାଏ, ଯାହାକି ଭିନ୍ନ ଧରଣର ।

ଏହି ସବୁଗୁଡ଼ିକ ମଧ୍ୟରେ ଦୁଃଖରେ କାନ୍ଦିବାର ଲୁହ ଅଧିକ ଶକ୍ତିଶାଳୀ । ଏଥିସହିତ ଶରୀରରୁ ନିଷ୍କାସିତ ହୋଇଯାଏ ଆମ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ । ଫଳରେ ମନ ହାଲୁକା ହୋଇଯାଏ । ପୁନଶ୍ଚ ନାରୀ ଓ ପୁରୁଷଙ୍କ ଲୁହର ରାସାୟନିକ ସଂରଚନାରେ ମଧ୍ୟ ପ୍ରଭେଦତା ରହିଛି । ତେବେ ତନ୍ମଧ୍ୟରୁ ନାରୀର ଲୁହ ଅଧିକ ପ୍ରଭାବଶାଳୀ । ଏଥିରେ ଥିବା କିଛି ରସାୟନ ଆଘ୍ରାଣ କଲେ ପୁରୁଷର ଆକ୍ରମଣାତ୍ମକ ସ୍ୱଭାବ ପ୍ରଶମିତ ହୁଏ ବୋଲି ଜଣାପଡ଼ିଛି । ଏହା ଅନୁଯାୟୀ ପ୍ରତ୍ୟେକ ଲୋକର କ୍ରନ୍ଦନ ଜନିତ ଲୁହ ତା' ସଂସ୍ପର୍ଶରେ ଆସୁଥିବା ଅନ୍ୟ ପ୍ରତି ଏକ ରାସାୟନିକ ସଂକେତ ବହନ କରିଥାଏ । ତେବେ ପୁରୁଷ ଉପରେ ନାରୀ ଲୁହର ପ୍ରଭାବ ସର୍ବାଧିକ ବୋଲି କିଛିବର୍ଷ ତଳେ ଗବେଷଣା ପତ୍ରିକା 'ସାଇନସ୍'ରେ ସୂଚୀତ କରିଥିଲେ ଇସ୍ରାଏଲର ୱିଜ୍‌ମ୍ୟାନ୍ ଇନଷ୍ଟିଚ୍ୟୁଟ୍ ସ୍ନାୟୁବିଜ୍ଞାନୀ ନୋଆମ ସୋବେଲ୍ । ତାଙ୍କ ସହଯୋଗୀମାନେ ସେମାନଙ୍କ ଅଧ୍ୟୟନ ଅନୁସାରେ ଏହା ପୁରୁଷଠାରେ ଅକ୍ରମଣାତ୍ମକ ମନୋଭବ ଏବଂ ଯୌନ ପ୍ରବଣତାକୁ ବହୁମାତ୍ରାରେ ପ୍ରଶମିତ କରି ତା' ମନରେ ସକାରାତ୍ମକ ଚିନ୍ତାଧାରାର ଉଦ୍ରେକ ଘଟାଏ । ସେମାନେ ତାଙ୍କ ଅଧ୍ୟୟନରେ ନେଇଥିବା ଦୁଇଦଳ ପୁରୁଷମାନଙ୍କ ମଧ୍ୟରୁ ଗୋଟିକୁ ନାରୀମାନଙ୍କଠାରୁ ସଂଗୃହୀତ ଲୁହ ଏବଂ ଅନ୍ୟଟିକୁ ସାଧାରଣ ଲୁଣ ପାଣି ଆଘ୍ରାଣ କରିବାକୁ ଦେଇ ସେମାନଙ୍କ ଭାବପ୍ରବଣତାରେ ଅସୁଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରିଥିଲେ ।

ଅବଶ୍ୟ ଆଜି ପର୍ଯ୍ୟନ୍ତ ଏ ଅଧ୍ୟୟନ କରାଯାଇଛି ସୀମିତ ରୂପେ । ତେବେ ତହିଁରେ ବ୍ୟବହୃତ ହୋଇଛି ବହୁ ଉନ୍ନତ ପ୍ରଯୁକ୍ତିବିଦ୍ୟା । ଫଳରେ ଏ ସମୟରେ ପୁରୁଷର ଶରୀରରେ ଫୁହରମୋନ 'ଟେଷ୍ଟୋଷ୍ଟେରନ'ର ମାତ୍ର ହ୍ରାସ ହେବାର ଜଣାପଡ଼ିଛି । ପୁନଶ୍ଚ ତା' ମସ୍ତିଷ୍କରେ ସାମୟିକ ଗାଠନିକ ପରିବର୍ତ୍ତନ ଏବଂ ତା'ଠାରେ ଯୌନ ପ୍ରବଣତା ହ୍ରାସ ହେବାର ମଧ୍ୟ ଦେଖାଯାଇଛି । ସୋବେଲ୍‌ଙ୍କ ମତରେ ନାରୀ ଲୁହ ଏପରି ରାସାୟନିକ ସଂକେତ ଦିଏ, ଯାହାକୁ ଏକ ଭାଷା ବୋଲି ମନେ କରାଯାଇପାରିବ । ପୁରୁଷର ମସ୍ତିଷ୍କ ତାହା ବୁଝିପାରେ ଏବଂ ତା'କୁ ଆକ୍ରମଣାତ୍ମକ କିମ୍ବା ଯୌନପ୍ରବଣ ହେବାରୁ ନିବୃତ୍ତ କରେ । ଅବଶ୍ୟ ଏହି ପ୍ରତିକ୍ରିୟାଗୁଡ଼ିକ ନିର୍ଦ୍ଦିଷ୍ଟ ରୂପେ ବୁଝିବାକୁ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା ବୋଲି ତାଙ୍କର ମତ ।

ପୁନଶ୍ଚ ସୋଗଲେ କହନ୍ତି ଯେ ଲୁହର ଏପ୍ରକାର ରାସାୟନିକ ସଂକେତ ପ୍ରଦାନକାରୀ ପ୍ରକ୍ରିୟା କେବଳ ମଣିଷ ମଧ୍ୟରେ ସୀମିତ କି ଅନ୍ୟ ଜୀବମାନଙ୍କ ପ୍ରତି ପ୍ରଯୁଜ୍ୟ ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ । ତେବେ ମୂଷାଠାରେ ହୋଇଥିବା ଏକ ପରୀକ୍ଷାରୁ ଏଭଳି ସମ୍ଭାବନା ଥିବାର ମନେ ହେଉଛି । ଏଥିରେ ମାଈମୂଷାମାନଙ୍କଠାରୁ ସଂଗୃହୀତ ଲୁହକୁ ଅଣ୍ଡିରା ମୂଷାମାନଙ୍କ ମୁହଁରେ ବୋଳି ଦଆଯାଇଥିଲା । ତାହା ତାଙ୍କ ଉଦ୍ଦାମତା ଓ ଯୌନପ୍ରବଣତାକୁ ହ୍ରାସ କରିବାର ଦେଖାଯାଇଥିଲା । ସେମାନେ ଶାନ୍ତ ଆଚରଣ ଦେଖାଇଥିଲେ । ଅତଏବ ଏଥିରୁ ମନେହୁଏ ଯେ ଏପ୍ରିକ୍ରିୟା ହୁଏତ ଜୀବଜଗତର ଅନ୍ୟକେତକ ପ୍ରାଣୀମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପୂର୍ବ ଶତ୍ରୁତାରୁ ମା'-ପୁଅଙ୍କୁ ଏସିଡ୍ ମାଡ଼

### ଗାଁ ଲୋକଙ୍କୁ ଫାର୍ସା ଧରି ଗୋଡ଼ାଇଲା ଅଭିଯୁକ୍ତ



ପଟ୍ଟାମୁଣ୍ଡାଇ, ୧୨।୧ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମା'-ପୁଅଙ୍କୁ ଏସିଡ୍ ମାଡ଼ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ବାଛର ଗ୍ରାମର ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଗୁରୁତର ମା'-ପୁଅଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନେ ହେଲେ, ଗ୍ରାମର ରବୀନ୍ଦ୍ର ସାହୁ ଓ ତାଙ୍କ ମା' ଟୁକୁନି ସାହୁ (୫୨) । ସୂଚନାନୁଯାୟୀ, ରବୀନ୍ଦ୍ରଙ୍କ ସହ ତାଙ୍କ ପଡ଼ୋଶୀ ବିଜୟ ସାହୁ (୬୨)ଙ୍କ ପୂର୍ବଶତ୍ରୁତା ରହିଥିଲା । ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ନିର୍ମାଣଧୀନ କୋଠାଘର ସମ୍ମୁଖରୁ ବାଲି ଗୋଟାଉଥିବା ବେଳେ ବିଜୟ ତାଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ । ଏଥିରେ ରବୀନ୍ଦ୍ରଙ୍କ ମୁଣ୍ଡ, ଛାତି, ବେକ, ପେଟ ପୋଡ଼ି ଯାଇଥିଲା । ରବୀନ୍ଦ୍ରଙ୍କ ପାଖରେ ଥିବା ତାଙ୍କ ମା' ଟୁକୁନି ସାହୁଙ୍କ ମୁହଁ ଓ ଆଖିରେ ମଧ୍ୟ ଏସିଡ୍ ପଡ଼ିଥିଲା । ରବୀନ୍ଦ୍ର ଓ ତାଙ୍କ ମା' ଯନ୍ତ୍ରଣାରେ ଚିତ୍କାର କରିବାରୁ ଗାଁ ଲୋକ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ । ଏହା ଦେଖି ବିଜୟ ଏକ ଫାର୍ସା ଧରି ସେମାନଙ୍କୁ ଗୋଡ଼ାଇଥିଲା । ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ଅଭିଯୁକ୍ତ ବିଜୟ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ ମାଡ଼ି ବସିଥିଲା । ତା' ନିକଟରୁ ଉକ୍ତ ଫାର୍ସାକୁ ପୁଲିସ ଜବତ କରିଛି । ଅଭିଯୁକ୍ତଠାରୁ ତିନୋଟି ଏସିଡ ବୋତଲ, ହ୍ୟାଣ୍ଡ ଗ୍ଲୋଭସ୍, ଏକ ବାଲ୍ତି ଓ ଷ୍ଟିଲ କଂସା ମଧ୍ୟ ଜବତ ହୋଇଛି । ଆହତ ରବୀନ୍ଦ୍ର ଓ ଟୁକୁନିଙ୍କୁ ପୁଲିସ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

## ପ୍ରଫେସନାଲ ପ୍ରିମିୟର ଲିଗ୍ କ୍ରିକେଟ ଫାଇନାନ୍ସିଆଲ ଗ୍ଲାଡିଏଟର ଚାମ୍ପିଅନ



ଭୁବନେଶ୍ୱର, ୧୨।୧ (ସମିସ): ଫାଇନାନ୍ସିଆଲ ଗ୍ଲାଡିଏଟର ତୃତୀୟ ପ୍ରଫେସନାଲ ପ୍ରିମିୟର ଲିଗ୍ କ୍ରିକେଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ୨୦ ଓଭର ବିଶିଷ୍ଟ ଫାଇନାଲ ମୁକାବିଲାରେ ଗ୍ଲାଡିଏଟର ୧୪୬ ରନ୍‌ରେ ଆକାଉଣ୍ଟସ ଆର୍ମିକୁ ହରାଇ ଟାଇଟଲ ସହ ଟ୍ରଫି ଓ ୫୦,୦୦୦ ଟଙ୍କା ପୁରସ୍କାର ବିଜୟୀ ହୋଇଛି । ଆକାଉଣ୍ଟସ ଆର୍ମିକୁ ଟ୍ରଫି ସହ ୨୫,୦୦୦ ଟଙ୍କା ପୁରସ୍କାର ମିଳିଛି । ଟୁର୍ଣ୍ଣାମେଣ୍ଟରେ ମୋଟ ୫ଟି ଦଳ ଭାଗ ନେଇଥିଲେ । ଅନ୍ୟ ୩ଟି ଦଳ ହେଉଛି ମାର୍କେଟ ମିଷ୍ଟର୍ସ, କ୍ୟାପିଟାଲ ଚ୍ୟାଲେଞ୍ଜର୍ସ ଓ ଟ୍ୟାକ୍ସ ଟାଇଟାନ୍ସ । ଖେଳ ଶେଷରେ ଭାରତୀୟ ମହିଳା କ୍ରିକେଟ ଖେଳାଳି ଏକତା ବିଷ୍ଟ, ମେଘନା ସିଂହ ଓ ବିବିସିସି ମହାପାତ୍ର ଅତିଥିମାନେ ଯୋଗଦେଇଥିଲେ । ସୁସ୍ମିତ ଦାସ ମ୍ୟାନ୍ ଅଫ୍ ଦି ଫାଇନାଲ ଓ ରାଜ ଅଗସ୍ତି ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ କେବଳ ଆକାଉଣ୍ଟାଣ୍ଟସ, କମ୍ପାନୀ ସେକ୍ରେଟାରୀଜ୍, କଷ୍ଟ ଆଣ୍ଡ ୱାର୍କସ ଆକାଉଣ୍ଟାଣ୍ଟସଙ୍କ ମାନେ ୫ଟି ଦଳରେ ଭାଗ ହୋଇ ଅଂଶଗ୍ରହଣ କରିଥିଲେ । ଉଚ୍ଚମାନର କ୍ରୀଡ଼ା, ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା, ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଏହି ପ୍ରତିଯୋଗିତା ଜଟଣୀର ରେଳବାଇ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା ।

## ଶୃଙ୍ଖଳିତ ଦର୍ଶନ ନେଇ ବୈଠକ

## ର୍‍ୟାମ୍ପ୍ ମଡେଲର ପ୍ରଦର୍ଶନ ଦେଖିଲେ ଅଧିକାରୀ

ପୁରୀ, ୧୨।୧ (ସମିସ): ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ସୋମବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି । ବିଶେଷକରି ଧାଡ଼ି ଦର୍ଶନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିପାଇଁ ପୂର୍ବରୁ ଯେଉଁ ରାମ୍ପ କରାଯାଇଥିଲା, ସେଥିରେ ତ୍ରୁଟି ରହିଥିଲା । ତେଣୁ, ତାହାକୁ ସଂଶୋଧନ କରିବା ନିମନ୍ତେ କମିଟି ବୈଠକରେ ପ୍ରସ୍ତାବ ଦେଇଛି । ବୈଠକ ପରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ଶ୍ରୀମନ୍ଦିର ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ।

ମୁଖ୍ୟତଃ ମହାପ୍ରଭୁଙ୍କ ନୀତିକାନ୍ତିରେ ଯେଭଳି ବିଭ୍ରାଟ ନ ହେବ, ଶୃଙ୍ଖଳିତ ଦର୍ଶନ ପାଇଁ କରାଯାଉଥିବା ବ୍ୟବସ୍ଥା ଯେପରି ତ୍ରୁଟିଶୂନ୍ୟ ରହିବ ଏବଂ ଶ୍ରଦ୍ଧାଳୁମାନେ ଯେପରି ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ, ତା' ଉପରେ ଆଲୋଚନା ହୋଇଥିଲା । ଆଗକୁ ନାଟମଣ୍ଡପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ । ଏଥିପାଇଁ ପ୍ରସ୍ତୁତ ରାମ୍ପକୁ ନେଇ ଯେପରି କୌଣସି ପ୍ରକାର ଅସୁବିଧା ନହେବ, ତାକୁ ଗୁରୁତ୍ୱ ଦିଆଯାଇଥିଲା । ମହାପ୍ରଭୁଙ୍କର ଅନେକ ନୀତିକାନ୍ତି ରହିଛି । ପ୍ରତିଦିନ ଭୋଗ ମଣ୍ଡପ ସମୟରେ ରାମ୍ପକୁ ଅପସାରଣ କରିବାକୁ ପଡ଼ିବ । ତେଣୁ ଅତି କମ୍ ସମୟରେ ଯେପରି ଏହାକୁ କାଢ଼ି ପୁଣି ଲଗାଯାଇପାରିବ, ସେ ନେଇ ପରିଚାଳନା କମିଟି ଓ ସେବାୟତମାନେ ପ୍ରସ୍ତାବ ଦେଇଥିଲେ । ବିଶେଷକରି ଧାଡ଼ି ଦର୍ଶନ ଫଳରେ ଯେପରି ନୀତିକାନ୍ତିରେ ବ୍ୟାଘାତ ଓ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ନ ହେବ, ସେନେଇ ଆଲୋଚନା ହୋଇଥିଲା । ଧାଡ଼ି ଦର୍ଶନ ନିମନ୍ତେ ରାମ୍ପ ପ୍ରସ୍ତୁତ କରୁଥିବା ଓବିସିସି ଅଧିକାରୀ ଓ ଆଇଆଇଟି ପ୍ରଫେସରମାନେ ମଡେଲ ଉପରେ ଏକ ପ୍ରଜେଣ୍ଟେସନ୍ ଦେଖାଇଥିଲେ । ଆସନ୍ତା ୧୭ତାରିଖରେ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ଧାଡ଼ି ଦର୍ଶନ ଉପରେ ଆଲୋଚନା ହେବାର ଅଛି । ତେଣୁ ଖୁବ୍‌ଶୀଘ୍ର ଧାଡ଼ିଦର୍ଶନ ଆରମ୍ଭ ହେବାର ଆଶା ରହିଛି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀଙ୍କ ସହ ଓବିସିସି ଅଧିକାରୀ, ଆଇଆଇଟି ପ୍ରଫେସର, ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ବୈଷୟିକ କମିଟି ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହାତୀ ଆକ୍ରମଣରେ ମହିଳା ମୃତ

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଶଙ୍ଖପୁର ଗ୍ରାମର ଡିହପଦା ସାହିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ଶଙ୍ଖପୁରର ଇଚ୍ଛା ଦେହୁରୀ (୭୦) । ସୋମବାର ସକାଳେ ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ଇଚ୍ଛାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ହାତୀଟିକୁ ଘଉଡ଼ାଇବା ସହ ଗୁରୁତର ଇଚ୍ଛାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସ୍ରୋ ମିଶନ...

ସେଥିରେ ଥିଲା ଭାରତର ଗୁଇନ୍ଦା ଉପଗ୍ରହ 'ଅନ୍ୱେଷ' । ଗତବର୍ଷ ମଧ୍ୟ ପିଏସ୍‌ଏଲ୍‌ଭି ଉତ୍‌କ୍ଷେପଣର କିଛି ସମୟ ପରେ ଗତିପଥରୁ ବାହାରି ଯାଇଥିଲା । ତୃତୀୟ ପର୍ଯ୍ୟାୟରେ ତ୍ରୁଟି ଯୋଗୁଁ ଏହା ଫେଲ୍ ମାରିଥିଲା ।

ସୂଚନାଯୋଗ୍ୟ ଯେ ଇସ୍ରୋ ପକ୍ଷରୁ ଆଜି ସୁଦ୍ଧା ୬୪ ଥର ପିଏସ୍‌ଏଲ୍‌ଭିର ଉତ୍‌କ୍ଷେପଣ କରାଗଲାଣି । ଏଥିମଧ୍ୟରୁ ପିଏସ୍‌ଏଲ୍‌ଭି ୫ ଥର ବିଫଳ ହୋଇଛି । ଏହା ଇସ୍ରୋର ଖରାପ ପ୍ରଦର୍ଶନ ବୋଲି କୁହାଯାଇପାରିବ ନାହିଁ । କିନ୍ତୁ ଏହା ନିଶ୍ଚିତ ଭାବେ ଇସ୍ରୋର ମହାକାଶ କାର୍ଯ୍ୟକ୍ରମ ପାଇଁ ଝଟକା ବୋଲି କୁହାଯିବ । କାରଣ ପିଏସ୍‌ଏଲ୍‌ଭି ସହିତ ବ୍ରିଟେନ, ବ୍ରାଜିଲ ଓ ନେପାଳ ସମେତ ଅନେକ ଦେଶର ଉପଗ୍ରହ ପ୍ରେରଣ କରାଯାଇଥାଏ । ଆଜି ପିଏସ୍‌ଏଲ୍‌ଭି ସହିତ ହାଇଦ୍ରାବାଦ ସ୍ଥିତ ଧ୍ରୁବ ମହାକାଶ ସଂସ୍ଥାର ୭ଟି ଉପଗ୍ରହ ଖଞ୍ଜା ହୋଇଥିଲା । ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ଏହା ନୈରାଶ୍ୟଜନକ ହୋଇଛି । ପିଏସ୍‌ଏଲ୍‌ଭିକୁ ଭାରତ ସବୁଠାରୁ ନିର୍ଭରଯୋଗ୍ୟ ରକେଟ ଭାବେ ବିବେଚନା କରାଯାଏ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରେ ।

### ମିଳିବନି ୮୦୦ ଟଙ୍କା...

ଦିଆଯିବ ନାହିଁ ବୋଲି ଘୋଷଣା ଚାଷୀଙ୍କ କ୍ରୋଧକୁ ବିସ୍ଫୋରିତ କରିଛି ।

ବର୍ତ୍ତମାନ ସରକାରୀ ନିୟମ ଅନୁଯାୟୀ ଅଣଜଳସେଚିତ ଜମି ମାଲିକଙ୍କଠାରୁ ଏକର ପିଛା ୧୩ କ୍ୱିଣ୍ଟାଲ ଧାନ ନିଆଯାଉଥିବା ବେଳେ ଜଳସେଚିତ ଜମି ମାଲିକଙ୍କ ଠାରୁ ୧୯ କୁଇଣ୍ଟାଲ ଧାନ ନିଆଯାଉଛି । ବାସ୍ତବରେ ରାଜ୍ୟରେ ବର୍ତ୍ତମାନ ଏକର ପିଛା ଉତ୍ପାଦନର ପରିମାଣ ୨୫-୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ରହୁଛି । ପୂର୍ବରୁ ଚାଷୀମାନେ ଉତ୍ପାଦିତ ଧାନ ରଖିବାକୁ ବାଧ୍ୟ ହେଉଥିଲେ । ଏହାସହିତ ବଳକା ଧାନକୁ ଶାଗମାଛ ଦରରେ ବିକ୍ରି କରୁଥିଲେ । ମାତ୍ର ଏଥିରେ ପୁଣି କଟକଣା ଲଗାଯାଇଛି ।

ଏ ସମ୍ପର୍କରେ କଂଗ୍ରେସ ସମବାୟ ବିଭାଗର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି, ସରକାର ଜାଣିଶୁଣି ଧାନ କିଣୁନାହାନ୍ତି । ଏହାଫଳରେ ଚାଷୀମାନେ ବାଧ୍ୟ ହୋଇ ଅଭାବୀ ବିକ୍ରୀ ଜାଲରେ ପଡ଼ିବେ । ମିଲର ମାନଙ୍କ ସହିତ ସଲାସୁତୁରା କରି କୋଟି କୋଟି ଟଙ୍କା ଚାନ୍ଦା ନେଇ ରାଜ୍ୟର ଚାଷୀମାନଙ୍କୁ ଏ ସରକାର ଜାଣିଶୁଣି ହଇରାଣ କରୁଛି । ଏ ବର୍ଷ ୭୫ କୁଇଣ୍ଟାଲରୁ ଅଧିକ ଧାନ କୌଣସି ଚାଷୀଙ୍କ ପାଖରୁ କିଣିବେ ନାହିଁ ବୋଲି ଗୁପ୍ତ ନିଷ୍ପତ୍ତି ହୋଇଛି । ଏମଏସପି ଧାନ କୁଇଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିଲେ ମଧ୍ୟ ତାହା ଦିଆଯାଉ ନାହିଁ । କଟନିଛଟନି ଏକ ନିୟମରେ ପରିଣତ ହୋଇସାରିଛି । ତେଣୁ ସରକାର ପୂର୍ବରୁ ଯେଉଁ ଘୋଷଣା କରିଥିଲେ, ତାହାକୁ ପାଳନ କରନ୍ତୁ ବୋଲି ସେ କହିଛନ୍ତି ।

ଯଦି ଜଣେ ଚାଷୀ ୧୦୦ କୁଇଣ୍ଟାଲ ଧାନ ଉତ୍ପାଦନ ହେଲେ ପରିବାର ପାଇଁ ୪୦ ପ୍ରତିଶତ ଧାନ ରହିଲେ, ୬୦ କୁଇଣ୍ଟାଲ ଧାନ ବଳକା ରହୁଛି । ଏହି ହାରରେ ୬୦୦ କୁଇଣ୍ଟାଲ ଧାନ ଉତ୍ପାଦନ କରୁଥିବା ଚାଷୀ ୪୦ ପ୍ରତିଶତ ଅର୍ଥାତ୍ ୨୪୦ କୁଇଣ୍ଟାଲ ଧାନ ନିଜ ପାଇଁ ରଖି ଅବଶିଷ୍ଟ ୩୬୦ କୁଇଣ୍ଟାଲ ଧାନ ବିକ୍ରି କରୁଥିଲେ । ମାତ୍ର ସରକାର ୧୫୦ କୁଇଣ୍ଟାଲ ଧାନର ଇନ୍‌ପୁଟ ସବସିଡି ଦେଲେ ବାକି ଧାନ ବିକ୍ରିବେଳେ ଚାଷୀ କ୍ଷତି ସହିବା ନିଶ୍ଚିତ ହୋଇଛି । ନିର୍ବାଚନ ସମୟରେ ରାଜ୍ୟ ସରକାର ସମସ୍ତ ଧାନ କିଣିବେ ବୋଲି କହିଥିଲେ । ମାତ୍ର ଏବେ ଏହି ନିଷ୍ପତ୍ତିରୁ ଓହରି ଯାଇ ଚାଷୀଙ୍କୁ ପ୍ରତାରଣା କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ଏହି ପ୍ରସଙ୍ଗରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି, ପୂର୍ବ ଥର ଚାଷୀ ଯେଉଁ ପରିମାଣର ଧାନ ବିକିବେ ବୋଲି ଟୋକନ ପାଇଥିଲେ, ତାଠାରୁ ଏଥରେ ଯଥେଷ୍ଟ କମିଛି । ଏହା ଏକ ସରକାରୀ ଷଡ଼ଯନ୍ତ୍ର । ବିଜେପି ସରକାରଙ୍କ ଚାଷୀ ବିରୋଧୀ ମାନସିକତା ବିଭିନ୍ନ ସମୟରେ ସେମାନଙ୍କ ବକ୍ତବ୍ୟରେ ବାହାରି ପଡୁଛି । ସରକାର ଚାଷୀଙ୍କଠାରୁ ସବୁ ଧାନ ନ ଉଠାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ନନ୍ଦ କହିଛନ୍ତି ।

### ୭ ପରୀକ୍ଷାର୍ଥୀଙ୍କୁ...

ଲିକ୍ ହେବା ପରେ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ କରାଯାଇଥିଲା । ମାତ୍ର ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା କରାଯିବାକୁ ଯୋଜନା କରାଯାଇଥିଲା ।

ସୂଚନା ଅନୁସାରେ ଅକ୍ଟୋବରରେ ହେବାକୁ ଥିବା ପୁନଃ ପରୀକ୍ଷା ପାଇଁ ସିଲିକନ୍ ଟେକ୍ ଲ୍ୟାବ ଏମଡି ସୁରେଶ ନାୟକ ୫ଟି ସେଟ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆର୍‌ବିକୁ ପ୍ରଦାନ କରିଥିଲେ । ଏହା ମଧ୍ୟରୁ ଓପିଆରବି ୫ ନମ୍ବର ସେଟ୍ ଛାପିବା ପାଇଁ ଅନୁମୋଦନ କରିଥିଲା । ମାତ୍ର ସୁରେଶ ଏଠାରେ ମଧ୍ୟ ଚଞ୍ଚକତା କରିଥିଲେ । ଯେହେତୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ ସେଟ୍ ନମ୍ବର ୩ ପ୍ରଶ୍ନପତ୍ର ବଣ୍ଟା ସରିଥିଲା, ତେଣୁ ସୁରେଶ ଚଞ୍ଚକତା କରି ୫ ନମ୍ବର ସେଟ୍ ପରିବର୍ତ୍ତେ ୩ ନମ୍ବର ସେଟ୍ ଛାପିଥିଲେ । ୫ ନମ୍ବର ସେଟ୍ ଛାପିଥିଲେ ଡ଼ିଲ୍ ହୋଇଥିବା ୨୫ ଲକ୍ଷ ଟଙ୍କା ଲେଖାଏଁ ପରୀକ୍ଷାର୍ଥୀଙ୍କୁ ଫେରାଇବାକୁ ପଡ଼ିଥାଆନ୍ତା । ତେଣୁ ସେ ସେଟ୍ ନମ୍ବର ୩କୁ ଛାପିଥିଲେ ଓ ଏହା ହିଁ ପରୀକ୍ଷାରେ ବ୍ୟବହାର କରାଯାଇଥାଆନ୍ତା । ହେଲେ ଓପିଆର୍‌ବି ଜାଣି ପାରିଲା ନାହିଁ ନା ଜାଣିଶୁଣି ଚୁପ୍ ରହିଲା, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ସିବିଆଇ ପାଇ ନାହିଁ । ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ରାଜ୍ୟ ସରକାରଙ୍କ କିଛି ବରିଷ୍ଠ ଅଧିକାରୀଙ୍କ ସଂପୃକ୍ତିର ତଥ୍ୟ ସିବିଆଇ ହାତରେ ଲାଗିଥିବା କୁହାଯାଉଛି । ଏହି ଅଧିକାରୀମାନଙ୍କ ଜ୍ଞାତସାରରେ ସିଲିକନ୍ ଟେକ୍‌ଲାବ୍‌ର ଏମ୍‌ଡ଼ି ସୁରେଶ ନାୟକ ସବୁ ଜାଲିଆତି କରିଥିଲେ ହେଁ ସେମାନେ ନିରବଦ୍ରଷ୍ଟା ସାଜିଥିଲେ । ଅନିୟମିତତାକୁ ଏହି ଅଧିକାରୀମାନେ ପ୍ରଶ୍ରୟ ଦେବା ସହ ସୁରେଶ ନାୟକ, ଶଙ୍କର ପୃଷ୍ଟିକୁ ପ୍ରୋତ୍ସାହିତ କରିଥିଲେ । ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ନିମନ୍ତେ ସିବିଆଇ ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ଜେରା କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

### ୨୦୦ ଛୁଇଁବ...

କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ମନ୍ତବ୍ୟ ପରେ ସାଧାରଣରେ ଏନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି ।

ସୂଚନାଯୋଗ୍ୟ ସମ୍ବିଧାନର ଅନୁଚ୍ଛେଦ ୮୨ (ଲୋକସଭା) ଓ ୧୭୦ (ବିଧାନସଭା) ଅନୁଯାୟୀ ପ୍ରତ୍ୟେକ ଜନଗଣନା ପରେ ସୀମା ପୁନର୍ନିର୍ଦ୍ଧାରଣ ହେବାର ବ୍ୟବସ୍ଥା ରହିଛି । ଶେଷଥର ପାଇଁ ୧୯୭୧ ଜନଗଣନାକୁ ଆଧାର କରି ଦେଶରେ ଲୋକସଭା ତଥା ବିଭିନ୍ନ ରାଜ୍ୟର ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ହୋଇଥିଲା । ୨୦୦୧ ଜନଗଣନା ଆଧାରରେ ୨୦୦୮ରେ ଲୋକସଭା ଓ ବିଧାନସଭା ଆସନ ପୁନଃସୀମା ନିର୍ଦ୍ଧାରଣ ହୋଇଥିଲା । ରାଜ୍ୟର ଲୋକସଭା ଆସନ ସଂଖ୍ୟା ବଦଳି ନଥିଲେ ମଧ୍ୟ ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା । ତେବେ ଆସନ୍ତା ୨୦୨୭ ମସିହା ମାର୍ଚ୍ଚ ମାସରେ ଦେଶବାପୀ ଜନଗଣନା କାର୍ଯ୍ୟକ୍ରମ କରାଯିବ । ଏହାପରେ ଦେଶବ୍ୟାପୀ ଡିଲିମିଟେସନ ପ୍ରକ୍ରିୟାକୁ ଆଗେଇ ନିଆଯିବ ବୋଲି ଜଣାପଡ଼ିଛି ।

ପୂର୍ବରୁ ମଧ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ଉଭୟ ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ନେଇ ସଙ୍କେତ ଦେଇ ସାରିଛନ୍ତି । ଏସବୁକୁ ବିଚାରକୁ ନେଲେ ରାଜ୍ୟରେ ପ୍ରାୟ ୬ରୁ ୭ଟି ଲୋକସଭା ଆସନ ବଢ଼ିବାର ସମ୍ଭାବନା ରହିଛି ।

ଅପରପକ୍ଷେ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ପୁନର୍ନିର୍ଦ୍ଧାରଣ ସମ୍ଭାବନା ସଂଖ୍ୟା କମ୍ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ ୨୦୧୧ ମସିହାରେ ଜନଗଣନା ହୋଇଥିଲା । ୨୦୧୩ ମସିହା ଏପ୍ରିଲ ମାସରେ ଜନଗଣନାର ସମ୍ପୂର୍ଣ୍ଣ ତଥ୍ୟ କେନ୍ଦ୍ର ସରକାର ପ୍ରକାଶ କରିଥିଲେ । ତେଣୁ ୨୦୨୭ରେ ହେବାକୁ ଥିବା ଜନଗଣନାର ତଥ୍ୟ ସମ୍ପୂର୍ଣ୍ଣ ଭାବେ ୨୦୨୯ ମାର୍ଚ୍ଚ ବେଳକୁ ପ୍ରକାଶ ପାଇପାରେ । ଏପରିସ୍ଥଳେ ୨୦୨୯ ସାଧାରଣ ନିର୍ବାଚନ ସୀମା ପୁନର୍ନିର୍ଦ୍ଧାରଣ ଆଧାରରେ ଅନୁଷ୍ଠିତ ହେବା ସମ୍ଭବ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଅପରପକ୍ଷେ ଯଦି ସରକାର ଆଗୁଆ ତଥ୍ୟ ପ୍ରକାଶ କରନ୍ତି, କିମ୍ବା ଆନୁମାନିକ ଜନସଂଖ୍ୟା ଆଧାରରେ ଆଗୁଆ ସୀମା ପୁନର୍ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପନ୍ନ କରନ୍ତି, ତାହେଲେ ୨୦୨୯ ସାଧାରଣ ନିର୍ବାଚନ ଅଧିକ ଲୋକସଭା ଆସନରେ ଲଢ଼ାଯିବ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି ।

ଅପରପକ୍ଷେ ସୀମା ପୁନର୍ନିର୍ଦ୍ଧାରଣରେ ଯଦି ଜନସଂଖ୍ୟାକୁ ମାନଦଣ୍ଡ ରୂପେ ନିଆଯାଏ ତାହେଲେ ଏଥିରେ ଓଡ଼ିଶା ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ହ୍ରାସ ଘଟିବାର ସମ୍ଭାବନା ଥିବା ନେଇ ସବୁ ରାଜ୍ୟମାନେ ଆଶଙ୍କା କରୁଛନ୍ତି । ଗତ ୨୦୨୪ ମସିହା ମାର୍ଚ୍ଚ ମାସରେ ଚେନ୍ନାଇରେ ଏନେଇ ବିଭିନ୍ନ ଦଳମାନେ ବୈଠକ କରି ଏନେଇ ଉଦବେଗ ପ୍ରକାଶ କରିଥିଲେ । ବୈଠକରେ ଏକ ଭିଡିଓ ବାର୍ତ୍ତାରେ ନବୀନ କହିଥିଲେ ଯେ କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି । ବିଗତ ବର୍ଷ ମାନଙ୍କରେ ଜନ୍ମହାର ହ୍ରାସ ଦିଗରେ ଓଡ଼ିଶା ସଫଳତାର ସହ କାର୍ଯ୍ୟ କରିଛି । ମାତ୍ର ଜନସଂଖ୍ୟା ମାନଦଣ୍ଡ ହେଲେ ଆମେ ଉଭୟ ଲୋକସଭା ଏବଂ ବିଧାନସଭାରେ ଆସନ ହରାଇବୁ । ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଯେଉଁମାନେ ବର୍ଷ ବର୍ଷ ଧରି ନିରନ୍ତର ପ୍ରୟାସ ପରେ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିଛନ୍ତି ସେମାନଙ୍କୁ ନିରୁତ୍ସାହିତ କରାଯିବା ଉଚିତ୍ ନୁହେଁ । କେନ୍ଦ୍ର ସରକାର ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ସହିତ ଏନେଇ ବିସ୍ତୃତ ଆଲୋଚନା କରି ଦ୍ୱନ୍ଦ ଦୂର କରିବାକୁ ନବୀନ ଦାବି କରିଥିଲେ । ତେବେ ଆଜିର ସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କର ଉପରୋକ୍ତ ବକ୍ତବ୍ୟ ପୁଣିଥରେ ଡିଲିମିଟେସନ ଡିବେଟକୁ ଖୋରାକ ଯୋଗାଇଛି ।

### ପତ୍ନୀଙ୍କୁ ୧୪ ହଜାର...

ଜୋହୋରେ ଅଂଶଧନର ମାଲିକାନା । ଏହି ଛାଡପତ୍ର ବିବାଦ କାଲିଫର୍ଣ୍ଣିଆରେ ରହୁଥିବା ସମୟରେ ଦମ୍ପତିଙ୍କ ଦ୍ୱାରା ବୈବାହିକ ସମ୍ପତ୍ତିର ବିଭାଜନକୁ ନେଇ ଆରମ୍ଭ ହୋଇଥିଲା ।

ଆଇଆଇଟି-ମାଡ୍ରାସରୁ ସ୍ନାତକ କରିବା ପରେ ଭେମ୍ବୁ ୧୯୮୯ରେ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପିଏଚ୍ଡି କରିବା ପାଇଁ ଆମେରିକା ଯାଇଥିଲେ । ୧୯୯୩ରେ ଆମେରିକା ଯିବାର ୪ ବର୍ଷ ପରେ ସେ ଉଦ୍ୟୋଗୀ ପ୍ରମିଳା ଶ୍ରୀନିବାସନଙ୍କୁ ବିବାହ କରିଥିଲେ । ୧୯୯୬ ରେ ଭେମ୍ବୁ ଏବଂ ତାଙ୍କ ସହଯୋଗୀମାନେ ଆଡଭେଣ୍ଟନେଟ୍ ନାମକ ଏକ ସଫ୍ଟୱେର୍ ଡେଭଲପମେଣ୍ଟ କମ୍ପାନୀ ଆରମ୍ଭ କରିଥିଲେ । ୨୦୦୯ରେ ସେମାନେ ଏହାର ନାମ ଜୋହୋ କର୍ପୋରେସନ୍ ରଖିଥିଲେ । ପତ୍ନୀ ପ୍ରମିଳାଙ୍କ ସହ ପ୍ରାୟ ତିନି ଦଶନ୍ଧି ଧରି ସେ କାଲିଫର୍ଣ୍ଣିଆରେ ରହୁଥିଲେ । ଏହି ଦମ୍ପତିଙ୍କର ଏକ ୨୬ ବର୍ଷୀୟ ପୁଅ ମଧ୍ୟ ଅଛି । ୨୦୧୯ରେ ଭେମ୍ବୁ ଭାରତ ଫେରିଆସି ତାମିଲନାଡୁର ମାଥାଲମପାରାଇ ଗ୍ରାମରୁ ଜୋହୋକୁ ପରିଚାଳନା କରିବା ଆରମ୍ଭ କରିଥିଲେ । ଶ୍ରୀନିବାସନଙ୍କ ଅଭିଯୋଗ ଅନୁଯାୟୀ, ଭେମ୍ବୁ କମ୍ପାନୀର ଅଧିକାଂଶ ସେୟାର ତାଙ୍କ ଭଉଣୀ ରାଧା ଭେମ୍ବୁ ଏବଂ ଭାଇ ଶେଖରଙ୍କୁ ଦେଇଛନ୍ତି । ରାଧା ବର୍ତ୍ତମାନ କମ୍ପାନୀର ପ୍ରାୟ ୪୭.୮% ଅଂଶଧନ ରଖିଥିବାବେଳେ, ଭେମ୍ବୁ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶେଖରଙ୍କ ପାଖରେ ୩୫.୨% ଅଂଶଧନ ରହିଛି । ଭେମ୍ବୁଙ୍କ ନିକଟରେ କେବଳ ୫% ଅଂଶଧନ ରହିଛି, ଯାହାର ମୂଲ୍ୟ ୨୨୫ ନିୟୁତ ଆମେରିକୀୟ ଡଲାର । ଶ୍ରୀଧର ଭେମ୍ବୁ ତାଙ୍କ ପତ୍ନୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରିଛନ୍ତି, ଏହାକୁ ସେ ଏକ ମନଗଢ଼ା କାହାଣୀ ବୋଲି କହିଛନ୍ତି । ଭେମ୍ବୁ ୨୦୨୧ ଅଗଷ୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ ।

### ବିନା ବନ୍ଧକରେ...

ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି ।

ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣରେ ଦେଶର ସରକାରୀ ବ୍ୟାଙ୍କଗୁଡ଼ିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଅଂଶ ୩୮% ରହିଛି । ସେହିପରି ଏଥିରେ ବିଦେଶୀ ବ୍ୟାଙ୍କଗୁଡ଼ିର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି । କୌତୂହଳର ବିଷୟ ହେଉଛି, ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ନିକଟରେ ଡିସେମ୍ବରରେ ଆର୍ବିଆଇ ଏହାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ୍ୟ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି । ଫିନଟେକ୍ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି । ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ୍ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି । ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍ପିଏ ରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି ।


**AFFIDAVIT**

By virtue of an affidavit sworn before the Executive Magistrate, Laxmipur, no. 01, dated 02.01.2026, I, TILAI MINYAKA, W/o - Lala Minyaka, D/o - Lambudhar Mandiga, currently residing At - Bandikar, PO - Burja, PS - Laxmipur, Dist-Koraput, Pin - 765013, declare that SANJI MANDIGA, and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**AFFIDAVIT**

I, Khushbu Sharma, W/o- Aniket resident of Gourpada, Ward No.11, Bargarh, Po./Ps./ Dist.- Bargarh state by this affidavit no. 1355 dtd.11.12. 2025 that, my minor daughter's actual name is Dhwani Sharma and Date of Birth is 25.11.2024 but in her Aadhar card her name has been wrongly mentioned as Pankhudi Sharma. That, **Dhwani Sharma** and **Pankhudi Sharma**, D/o- Khushbu Sharma (mother) & Aniket (father) is same and one person.

**AFFIDAVIT**

**I, Sherien Shaike,** S/o: Mastan Shaik, Resident At: Niladri Vihar, 1st Line, Berhampur, PIN-760001, PS:Town Thana, Dist: Ganjam, Odisha, Declare by this Affidavit No-715, dt 09.01.2026. That now on wards I shall be known as **SHERIEN SHAIK** for all features purposes

**AFFIDAVIT**

I , **Umesha Chandra Tripathy,** S/o: Pitabas Tripathy , Resident At: Ramakrishnapur, Seragada, Kachakhandi, PIN-761106, PS:Seragada, Dist: Ganjam, Odisha Declare by this Affidavit No: 710, dt 09.01.2026. That now on wards I shall be known as **UMESH CHANDRA TRIPATHY** for all features purposes

**AFFIDAVIT**

By virtue of an affidavit no.3046 before the Executive Magistrate, Sukinda, Jajpur, dtd.06.12.2025 I, Arjuna Barik, Vill- Baragadia, PO- Baragadia, PS- Kalinganagar, Dist.- Jajpur- 755026 do hereby declare that I have changed my minor daughter's name from Jyotirmayee Barik, D/o- Arjun Barik to Jyotrimayee Barik, D/o- Arjuna Barik. Henceforth, she shall be known as **Jyotrimayee Barik** for all purposes.

**Sd/- Arjuna Barik**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ବାରିପଦା ଅନୁବିଭାଗୀୟ ଗୃହନିର୍ମାଣ ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୬.୦୨.୨୦୨୬ରିଖ ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ସମିତିର ବାଘଡା ରୋଡ ସ୍ଥିତ କାର୍ଯ୍ୟାଳୟ ଠା ରେ ଅନୁଷ୍ଠିତ ହେବ । ତେଣୁ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ଉକ୍ତ ବାର୍ଷିକ ସାଧାରଣ ସଭା ରେ ଯୋଗଦେବା ପାଇଁ ଅନୁରୋଧ ।

ସ୍ୱା/- ସଭାପତି

**OFFICE OF THE HEAD MASTER KGBV, GUDIALI, GANJAM**

Letter No. 01/2026 DT: 10.01.2026

KASTURBA GANDHI BALIKA VIDYALAYA, GUDIALI, BLOCK-KABISURYANAGAR, PIN-761104

**TENDER CALL NOTICE**

Sealed Tenders are invited from the registered/reputed firms and manufacturers for supply of the following items like Grocery, Cosmetics & Toilet items, Office and student's stationeries, Dress materials, sleeper, sport shoes & school Bag, to the Kasturba Gandhi Balika Vidyalaya, GUDIALI, KAFISURYANAGAR Block, District-GANJAM for the Year-2025-26 interested parties/firms can purchase The Tender form from the Office of the KGBV, GUDIALI, KABISURYANAGAR BLOCK w.e.f. 13/01/2026 to 19/01/2026 in working days from 10:00 am to 04:00 p.m. on payment of 500/-(Five hundred Rupees only) non refundable in cash or Bank draft payable in the Bank State Bank of India, Kabisuryanagar, GANJAM. The tenders completed in all respect along with requisite documents and Earnest Money(Refundable) in shape of Bank Draft in favour of the HM KGBV GUDIALI payable at State Bank of India KABISUYANAGAR, IFSC-SBIN0002073. The tender forms along with other particulars, the list of items and details instructions can also be downloaded from the dist website **www.ganjam.nic.in.** Tender form should be submitted without EMD will be summarily rejected. Last date of receipt of Tender form is upto 04:00 PM dated 20/01/2026. The KGBV Level Purchase committee meeting will be held on 21/01/2026 at 11.00 AM. in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**For more details please contact H.M. PH No- 9861380494**

*SD/-HEAD MISTRESS, KGBV, GUDIALI*

Office of the **Jaleswar Municipality, Jaleswar** C-2066

Dist.: Balasore, Odisha – 756032Ph.: (06781) 222407

Email: jaleswarmunicipality@gmail.com

No. 144 Date 12.01.26

**SHORT QUOTATION CALL NOTICE**

Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of: 1) 3.3 KW capacity Elec. Vehicle Charging Station. 2) 4.4 KW Panel Capacity Solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage. 3) Electric Semi High Mast Light equipment (as per specification mentioned – list & Terms & Condition can be seen at Office). Available documents from 13.01.2026 to 21.01.2026 up to 01.00 PM (in Office hours). The quotation should reach to the undersigned on or before 22.01.2026 at 03.00 PM through speed post / Registered Post / courier / by hand. The Quotation will be opened on 22.01.2026 at 04.00 PM in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

**Executive Officer**
**Jaleswar Municipality**

OIPR-

C-2057

**BHUBANESWAR MUNICIPAL CORPORATION**

Auction Sale Notice for Parking lots in BMC Area for Khandagiri Mela-2026

No.: 149/BMC Date: 07/01/2026 File No.: 13/26

Sealed Quotations are invited from the intending parties for **Auction of Parking Lots for 14 days** and they are requested to drop it in Tender Box ONLY addressed to the Zonal Commissioner (South West), BMC Bhubaneswar. The Quotations should be submitted in the prescribed format and should be filled up properly. The intending parties may participate for one or more parking lots, but the applications/Quotations will be considered individually for each parking lot. The intending parties must submit the quotation separately for each parking lot. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and **BMC Website – http://bmc.gov.in.**

The envelope, containing the tender paper, should be superscribed with **"Auction for Individual Parking Lot (Name and Location) in BMC area".**

The important dates & information are as follows:–

1. Availability of Tender Paper: Downloadable from BMC Website: http://bmc.gov.in / Sale of Tender Paper at ZC (SW) Office from **09.01.2026 to 19.01.2026 (up to 11.00 AM)**
2. Last date for sale of Tender Paper at BMC South-West Zone Office: **19.01.2026 (Up to 11.00 AM)**
3. Last date for submission of Tender Paper: **19.01.2026 up to 3.00 P.M.**
4. Earnest Money Deposit (EMD): **10% of Offset Price**
5. Tender Cost (Non-refundable): **Rs. 500/-** (Rupee Five hundred only)
6. Opening of tender papers: **19.01.2026 at 4.00 PM**

**Zonal Commissioner (South West)**
**Bhubaneswar Municipal Corporation**

OIPR-

O-2020

E-Mail:rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

e-procurement Notice No 23 / Road Work / 2025-26.

| | | |
|---|---|---|
| 1. | Name of the work | : Road Work |
| 2. | Total No. of Works | : 7 (Two) Nos |
| 3. | Tender Cost | : Rs.5.08 to 42.37 lakhs |
| 4. | Class Contractor | : D, C & B equivalent |
| 5. | Period of Completion | : 2 calendar months |
| 6. | Availability of Tender online for bidding | : 12.01.2026. at 11.00 A.M to 19.01.2026 up to 5.00 P.M |
| 7. | Last Date & Time of seeking tender clarification | : 17.01.2026 up to 5.00 PM |
| 8. | Date & Time of opening of Bid | : 20.01.2026 at 11.00 AM |

Other Details can be seen from the website http://tendersorissa.gov.in.

**Superintending Engineer**
**Rural Works Division-II, Dkl**
**Kamakhyanagar**

OIPR-

**AFFIDAVIT**

By virtue of an affidavit sworn before Executive Magistrate Patnagarh, Affidavit no. 660 on Dated 31.12.2025, I GHASHIRAM BHUE, S/O LATE BHUE , AT : BAGHAPALI, TAMIAN,PS :LARAMBHA, DIST : BALANGIR,ODISHA declare that I have changed my name from GHASI BHUE to GHASHIRAM BHUE. so henceforth I shall be known as GHASHIRAM BHUE for all purposes.

**AFFIDAVIT**

By virtue of an affidavit no.3243 before the Executive Magistrate, Phulbani, dtd.11.12.2025 I, Gopali Malik, At: Pidiaguda, PO: Dimiriguda, PS: Phiringia, District: Kandhamal-762011 hereby declare that I have changed my name from Sundurupi Mallik to Gopali Malik . Henceforth, I shall be known as **Gopali Malik** for all purposes.

**Sd/- Gopali Malik**

**AFFIDAVIT**

By virtue of an affidavit sworn before the Executive Magistrate Padampur District Bargarh dated 10th December 2025, CF No.- 01, I Saudamini Sahu wife of Abadhut Sahu, resident of village- Dunguripali, Po.- Loudidarha, Ps.- Jagdalpur, Block- Jharbandh, Dist.- Bargarh, Pin-768042 hereby declares that for and on behalf of my minor doughter Payal Sahu. I have changed my minor doughter's name from **Pays Sahu** to **Payal Sahu**. Hence she will be known as Payal Sahu for all future purposes.

**AFFIDAVIT**

By virtue of an affidavit (CF No. 01, dtd- 12/01/2026) sworn before the Executive Magistrate, Padampur. I, Padmalochan Meher, S/o- Laba Meher, permanent & current resident of AT- Jhankarpali, PO- Khaliapali, PS- Padampur, Dist- Bargarh, PIN- 768036, Odisha declare that I have changed my minor daughter's name from **Saloni Meher to Shibani Meher.** Henceforth, she shall be known as **Shibani Meher** (new name) for all purposes.

**Padmalochan Meher**

**IN THE COURT OF THE ADDITIONAL DISTRICT JUDGE, KORAPUT**
**RFA Case No. 05 of 2016**

IN THE MATTER OF:
Rajesh Ku. Kher & Ors. ........ Appellants
Versus
Smt. P. Jyoti Rao & Ors. ... Respondents

It is brought to the notice of the respondents namely, (1) Smt. P. Jyoti Rao, Aged about 69 years, Wife of late P. Sankar Rao Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh); (2) P. Surya Prakash Rao @ China Rao, Aged about 56 years, son of late P. Ramaswamy, Resident of Bus stand, Jeypore, PS: Jeypore Town, District: Koraput (Odisha), (3) Shri P. Vivek Naidu, Aged about 36 years, Son of late P. Shankar Rao, Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh) that the appellant has preferred an appeal against the order/judgement dtd. 21.03.2014 passed by the Civil Judge (Sr. Div), Koraput in Civil Suit Case No. 07/2013 before this court and the said appeal stands posted to 06.02.2026 for hearing.

The respondents are hereby directed to appear in person or through an advocate duly instructed on the date fixed failing which the appeal will be heard in their absence.

Dated Koraput, this the 9th Day of December 2025

**Addl. District Judge, Koraput**

# ଅଟଳ ବସ୍‌ଷ୍ଟାଣ୍ଡରେ ନିଯୁକ୍ତି ଦାବିରେ ଧାରଣା

ବାଲିକୁଦା,୧୨ା୧(ସମିସ)



ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ଜନସାଧାରଣ ଆଜି ସ୍ଥାନୀୟ ଲୋକଙ୍କୁ ଅଟଳ ବସଷ୍ଟାଣ୍ଡରେ ନିଯୁକ୍ତି ଦାବିରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ ନୂଆଗାଁ ମୌଜାର ଗୋଚର ସ୍ଥାନରେ ସରକାରଙ୍କ ପକ୍ଷରୁ ଅଟଳ ବସଷ୍ଟାଣ୍ଡ ନିର୍ମାଣ ହୋଇ ଆଜି ଏହା ଉଦ୍‌ଘାଟିତ ହୋଇଛି। ତେବେ ଏହି ବସ୍‌ଷ୍ଟାଣ୍ଡରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଦାବିରେ ଗ୍ରାମବାସୀ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଏହି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ କରାଗଲା ବେଳେ ତତ୍କାଳୀନ ଅଧିକାରୀମାନେ ନୂଆଗାଁ ମୌଜାର ଗୋଚର ଜମି ହୋଇଥିବାରୁ ସେମାନଙ୍କ ଦସ୍ତଖତ ନେବା ସହ ସେମାନଙ୍କ ମଧ୍ୟରୁ କିଛି ଯୁବକଙ୍କୁ ବସ୍‌ଷ୍ଟାଣ୍ଡରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବସଷ୍ଟାଣ୍ଡ ଉଦଘାଟନ ହୋଇ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଭୁଲି ପ୍ରଶାସନ ଅନ୍ୟ ଲୋକଙ୍କୁ ନିଯୁକ୍ତି ଦେଇଛି। ଯାହା ସେମାନଙ୍କୁ ଗଭୀର ଆଘାତ ଦେଇଛି। ଏ ନେଇ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ବସଷ୍ଟାଣ୍ଡ ସମ୍ମୁଖରେ ବସିଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ବେଆଇନ ଦର୍ଶାଇ ପୁଲିସ ସେମାନଙ୍କୁ ଉଠାଇ ଦେଇଥିଲା। ଫଳରେ ସେମାନେ ସେଠାରୁ ୫୦ ମିଟର ଦୂର ନିଜ ଗ୍ରାମକୁ ସଂଯୋଗ କରିଥିବା ରାସ୍ତାରେ ଧାରଣା ଦେଇଥିଲେ। ପ୍ରଥମେ ଧାରଣା ସ୍ଥଳକୁ ବିଡିଓ ସାଗର କୁମାର ନନ୍ଦ ଆସି ଆଲୋଚନା କରିଥିଲେ ମଧ୍ୟ ଧାରଣରୁ ଉଠି ନଥିଲେ ଲୋକେ। ପରେ ଜିଲ୍ଲାପାଳ ଜେ ସୋନାଲ ଆଲୋଚନା କରି ଏହାକୁ ସେ ବିଚାରକୁ ନେବା ସହ ସୌଜ୍ୟନ୍ୟତା ଦୃଷ୍ଟିରୁ ନିଯୁକ୍ତି ପ୍ରଦାନ ପାଇଁ ଉଦ୍ୟମ କରିବେ। କିନ୍ତୁ ସରକାରୀ ସ୍ତରରେ ଏଭଳି କୌଣସି ବ୍ୟବସ୍ଥା ନାହିଁ ବୋଲି କହିଥିଲେ। ପରେ ବିଧାୟକ ଶାରଦା ପ୍ରସନ୍ନ ଜେନା ଧାରଣାରତ ଲୋକଙ୍କୁ ଆସନ୍ତା ୮ ଦିନ ମଧ୍ୟରେ ସ୍ଥାନୀୟ ବ୍ୟକ୍ତି ନିଯୁକ୍ତିର ସମାଧାନ ନହେଲେ ସେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହ ଆନ୍ଦୋଳନରେ ସାମିଲ ହେବେ ବୋଲି କହିଥିଲେ। ପରେ ସାଂସଦ ବିଭୁ ପ୍ରସାଦ ତରାଇ ଜିଲ୍ଲାପାଳ ଓ ଏଜେନ୍ସି ସଂସ୍ଥା ସହ ଆଲୋଚନା କରି ଏହି ଗ୍ରାମବାସୀଙ୍କ ମଧ୍ୟରୁ କିଛି ଯୁବକ ମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କହିଥିଲେ। ଫଳରେ ଲୋକେ ଧାରଣା ପ୍ରତ୍ୟାହୃତ କରିବା ସହ ୮ ଦିନ ପରେ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବେ। ସେମାନଙ୍କ ଦାବି ପୂରଣ ନହେଲେ ପୁନଃ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇ ଧାରଣାରୁ ହଟିଥିଲେ।

# ଅଟଳ ବସ୍‌ଷ୍ଟାଣ୍ଡ ଆଭାସୀରେ ଉଦ୍‌ଘାଟିତ




ବାଲିକୁଦା,୧୨ା୧(ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ ଠାରେ ନିର୍ମାଣ ହୋଇଥିବା ନୂତନ ଅଟଳ ବସଷ୍ଟାଣ୍ଡକୁ ଆଜି ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବସଷ୍ଟାଣ୍ଡ ପରିସରରେ ବାଲିକୁଦା ବିଡିଓ ସାଗର କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ସାଂସଦ ବିଭୁ ପ୍ରସାଦ ତରାଇ, ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ଜିଲ୍ଲାପାଳ ଜେ. ସୋନାଲ, ଜିଲ୍ଲାପରିଷଦ ସଭାପତି ମନୋଜ ଭୋଇ, ଏସ୍‌ଡିପିଓ ଆଜିଂକ୍ୟା ବାବୁରାଓ ମାଣେ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ତଟିନୀ ସ୍ୱାଇଁ, ରୁନୀଲତା ବେହେରା, ଡଲି ପଣ୍ଡା, ଜଟାଧାରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ତେବେ ବାଲିକୁଦାରେ ବସଷ୍ଟାଣ୍ଡ ଉଦଘାଟନ ହେଉଥିଲେ ମଧ୍ୟ ଏଠାକାର ଜିଲ୍ଲାପରିଷଦ, ସରପଞ୍ଚ, ସମିତିସଭ୍ୟ ମାନଙ୍କୁ ବିଳମ୍ବରେ ଗତକାଲି ଚିଠି କରାଯିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ତହସିଲଦାର ବିକାଶ ରଞ୍ଜନ, ଜିଲ୍ଲା ଆର୍‌ଟିଓ ଅଧିକାରୀ ଦୀପକ କୁମାର ସେଠୀଙ୍କ ସମେତ ଆଇଆଣ୍ଡପିଆର ଓ ଜିଲ୍ଲା ଅଧିକାରୀ ଓ ଅନ୍ୟାନ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ତିର୍ତ୍ତୋଲ,୧୨ା୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତ ତେରତାଙ୍ଗ ଗ୍ରାମର ରାକେଶ ମହାନ୍ତିଙ୍କ ପତ୍ନୀ ସୋନାଲି ମହାନ୍ତିଙ୍କ ଶବକୁ ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ତିର୍ତ୍ତୋଲ ପୁଲିସ ଆଜି ଉଦ୍ଧାର କରିଛି। ପୁଲିସ ମୃତକଙ୍କ ସ୍ୱାମୀ ରାକେଶକୁ ଅଟକ ରଖି ପଚରା ଉଚୁରା କରୁଥିବା ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତି। ସୋନାଲି ବାପ ଘରୁ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ ଆଣି ନଦେବାରୁ ତାଙ୍କୁ ଶାଶୂ ଘର ଲୋକେ ମାରିଦେଇଥିବା ନେଇ ସୋନାଲିଙ୍କ ବାପା ନୃସିଂହ ପଟ୍ଟନାୟକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ତେରତଙ୍ଗ ଗ୍ରାମର ଫକିର ମହାନ୍ତିଙ୍କ ପୁତ୍ର ରାକେଶ ରଘୁନାଥପୁର ଗୁଆଳିପୁରର ନୃସିଂହ ଚରଣ ପଟ୍ଟନାୟକଙ୍କ କନ୍ୟା ସୋନାଲିଙ୍କ ସହ ଗତ ୨୦୨୫ ଜୁଲାଇ ମାସରେ ବୈଦିକ ରୀତିରେ ବିବାହ କରିଥିଲେ। କିନ୍ତୁ ବିବାହର କିଛି ଦିନ ପରେ ଶାଶୂ ଘର ଲୋକେ କୁକୁଡ଼ା ଫାର୍ମ ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଅଧିକ ଦୁଇ ଲକ୍ଷ ଟଙ୍କା ଆଣିବାକୁ ସୋନାଲୀଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ସେ ବାପ ଘରୁ ଟଙ୍କା ଆଣି ନ ପାରିବାରୁ ତାଙ୍କୁ ଶାଶୂ ଘର ଲୋକେ ମାଡ଼ଧର କରିବା ସହ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଗତକାଲି ରବିବାର ନିଜ ଝିଅ ସହ ଫୋନ୍ ଯୋଗେ ବାପା ନୃସିଂହ କଥା ହୋଇଥିଲେ। କିନ୍ତୁ ଆଜି ସକାଳେ ହଠାତ୍ ଜ୍ୱାଇଁ ରାକେଶ ଝିଅ ଆତ୍ମହତ୍ୟା କରିଥିବା ନେଇ ଖବର ଦେଇଥିଲେ। ଏଥିରେ ସନ୍ଦେହ ବ୍ୟକ୍ତ କରି ତିର୍ତ୍ତୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ପଠାଇଥିଲା। ଅନ୍ୟ ପକ୍ଷରେ ସୋନାଲି ଆତ୍ମହତ୍ୟା କରିଛି ବୋଲି ଶାଶୂ ଘର ଲୋକେ କହିଛନ୍ତି।

## ଶିଆଳି ବେଳାଭୂମି ସୁରକ୍ଷା କମିଟିରଧାରଣା



ଜଗତସିଂହପୁର,୧୨ା୧(ସମିସ): ଜଗତସିଂହପୁର ଜିଲ୍ଲା ତଥା ସମଗ୍ର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସ୍ଥାନ ପାଇଥିବା ଶିଆଳି ଏବେ ବିପଦରେ। ବିଶେଷ କରି ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ସୁବିସ୍ତୀର୍ଣ୍ଣ ବେଳାଭୂମିର ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଶିଆଳି ବେଳାଭୂମି ସୁରକ୍ଷା କମିଟି ତରଫରୁ ବେଳାଭୂମିର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲା। ଆଜି ସୁରକ୍ଷା କମିଟି ପକ୍ଷରୁ ୬ ଦଫା ଦାବି ପୂରଣ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ଦାବି ଗୁଡ଼ିକ ହେଲା ବେଳାଭୂମିରେ ୨୪ ଘଣ୍ଟିଆ ପୁଲିସ ସୁରକ୍ଷା ବ୍ୟବସ୍ଥା କରିବା, ବେଆଇନ ପାର୍କିଂ ଫି' ଆଦାୟ ବନ୍ଦ କରିବା, ବେଳାଭୂମି ଅଞ୍ଚଳ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ସଫେଇ କର୍ମଚାରୀ ନିଯୁକ୍ତି, କୋଷ୍ଟଗାର୍ଡ ନିଯୁକ୍ତି, ସୁରକ୍ଷା ବୋଟ୍ ମୁତୟନ ଏବଂ ଏଠାରେ ଥିବା ଓଟିଡ଼ିସି ପାନ୍ଥ ନିବାସ ପାଇଁ ଅନ୍‌ଲାଇନ ବୁକିଂ ବ୍ୟବସ୍ଥା କରିବା। ପରେ ସୁରକ୍ଷା କମିଟିର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଏହିସବୁ ଦାବି ମଧ୍ୟରୁ କିଛି ପୂରଣ ହୋଇଛି ଏବଂ ଅନ୍ୟ ଦାବିଗୁଡିକ ସମ୍ପର୍କରେ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବେଳାଭୂମି ସୁରକ୍ଷା କମିଟି ତରଫରୁ ସାଲୁ ସାସମଲ, ପ୍ରଫୁଲ୍ଲ ପରିଡା, ଶରତ ସାସମଲ, ରାକେଶ କୁମାର ଦାସ, ସାଗର କୁମାର ସେଠୀ, ମୁନା ସ୍ୱାଇଁ, ସପନ ପାଲ, ଚନ୍ଦନ ସାହୁ, ବୀର କିଶୋର ସେଠୀ, ଜ୍ଞାନରଞ୍ଜନ ସାମଲ ଏବଂ ନୃସିଂହ ମହାରଣା ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।

## ଯୁବ ଦିବସରେ ରାଜ୍ୟସ୍ତରୀୟ ଯୁବ କର୍ମଶାଳା

ଜଗତସିଂହପୁର,୧୨ା୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ପକ୍ଷରୁ 'ଉଠ, ଜାଗ ଓ ଲକ୍ଷ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ଅବିରତ ଚେଷ୍ଟା କର' ଶୀର୍ଷକ ଏକ ଆନ୍ତର୍କ୍ରିୟାତ୍ମକ ରାଜ୍ୟସ୍ତରୀୟ ୱେବିନାର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୧୦ଟି ଡିଗ୍ରୀ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ପ୍ରବାସୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍‌ର ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ୍, ସ୍ତମ୍ଭକାର ତଥା କ୍ୟାରିୟର କାଉନସେଲର ଦେବେନ୍ଦ୍ର ନାଥ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଙ୍କଳ୍ପରୁ ସିଦ୍ଧି ପର୍ଯ୍ୟନ୍ତ ଯାତ୍ରାରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ଅମୂଲ୍ୟ ବାଣୀ ମହାମନ୍ତ୍ର ବୋଲି ସେ ଅଭିହିତ କରିଥିଲେ। ଏହି କାର୍ମଶାଳାରେ ମହାପୁରୁଷ ହାଡ଼ିଦାସ ଡିଗ୍ରୀ ମହାବିଦ୍ୟାଳୟ ଛତିଆ, ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ କାଳିମେଳା, ଉପେନ୍ଦ୍ରନାଥ ଡିଗ୍ରୀ କଲେଜ ସୋରୋ, ବାୟାଅବଧୂତ ଡିଗ୍ରୀ କଲେଜ, କଣିମୂଳ, ବୌଦ୍ଧ ପଞ୍ଚାୟତ ଡିଗ୍ରୀ କଲେଜ, ଆଇଏମ୍‌ପିଏସ ଡିଗ୍ରୀ କଲେଜ, କିଞ୍ଜିରିକେଲା, ଜଗନ୍ନାଥ ଡିଗ୍ରୀ କଲେଜ ଜଳେଶ୍ୱର, ଲକ୍ଷ୍ମୀନାରାୟଣ ଡିଗ୍ରୀ କଲେଜ କୋଦଳା, ଗତିଶ୍ୱର ଡିଗ୍ରୀ କଲେଜ ମାଳିସାହି ଏବଂ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଝୁମ୍ପୁରାର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଛାତ୍ରଛାତ୍ରୀଙ୍କ ସହ ହୋଇଥିବା ପ୍ରଶ୍ନୋତ୍ତର ଓ ଆଲୋଚନା ମାଧ୍ୟମରେ ଧୈର୍ଯ୍ୟ, ଆତ୍ମବିଶ୍ୱାସ, ନିରନ୍ତର ପ୍ରୟାସ ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମଟି ଅଂଶଗ୍ରହଣକାରୀ ମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଓ ଶିକ୍ଷାପ୍ରଦ ଅନୁଭୂତି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆମ ଗୌରବ ଆମ କଲେଜ ପରିଚାଳନା ସଙ୍ଗଠନ କର୍ମଚାରୀ ତଥା ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ପରିଚାଳନା କରିଥିଲେ।

## ପିପିଏଲରେ ବାବା ବୁଢ଼ାପୀର ଚାମ୍ପିଅନ



କୁଜଙ୍ଗ,୧୨ା୧(ସମିସ): ପଙ୍କପାଳ ଖେଳପଡିଆରେ ଅନୁଷ୍ଠିତ ପଙ୍କପାଳ ପ୍ରିମିୟର ଲିଗ୍ (ପିପିଏଲ୍) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋପୀନାଥ ଏକାଦଶ ପଙ୍କପାଳକୁ ୩ ୱିକେଟରେ ପରାସ୍ତ କରି ବାବା ବୁଢ଼ାପୀର (ବିବିପି) କ୍ରିକେଟ୍ ଟିମ୍ ଚାମ୍ପିଅନ ହୋଇଛି। ଟସ୍ ଜିତି ଗୋପୀନାଥ ଏକାଦଶ ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୦୪ରନ୍ କରୁଥିଲା। ଜବାବରେ ବିବିପି ଟିମ୍ ଆଉ ତିନି ବଲ୍ ଓ ତିନି ୱିକେଟ ବାକି ଥାଇ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲେ। ପଙ୍କପାଳ ପ୍ରିମିୟର ଲିଗ୍ ପଞ୍ଚମ ସଂସ୍କରଣରେ ଉଦ୍‌ଯାପନ କାର୍ଯ୍ୟକ୍ରମରେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପଙ୍କପାଳର ଅଧ୍ୟକ୍ଷ ମନୋଜ କିଶୋର ମନୋହରୀ, ସମାଜ ସେବୀ ଅକ୍ଷୟ କୁମାର ପାତ୍ର ଓ ଅନନ୍ୟ ଅତିଥି ବିଜୟୀ ତଥା ରର୍ନସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସ୍ମୃତି ରଞ୍ଜନ ବାରିକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇ ଥିବା ବେଳେ ଚାମ୍ପିଅନ ଦଳର ମାଲିକ ଚୌଧୁରୀ ସମ୍ବିତ ମହାପାତ୍ର ଟ୍ରଫି ଗ୍ରହଣ କରିଥିଲେ।

## ଜନାପାଳରେ ଜଳିଗଲା ୨ଟି ଟ୍ରାନ୍ସଫର୍ମର



କୁଜଙ୍ଗ,୧୨ା୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମ କଳ ଘର ସମ୍ମୁଖରେ ଥିବା ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳି ଯାଇଛି। ଆଜି ଅପରାହ୍ନ ରେ ଗତ କାଲି ଠାରୁ ଅଚଳ ଥିବା ଗୋଟାଏ ଟ୍ରାନ୍ସଫର୍ମର ଆଜି ସଜାଡ଼ା ଯାଇ ଚାର୍ଜ ଦିଆଯାଇଥିଲା। ମାତ୍ର ଅଧ ଘଣ୍ଟା ପାଖାପାଖି ସମୟ ପରେ ହଠାତ୍ ଏହି ଟ୍ରାନ୍ସଫର୍ମର ଜଳିବା ସହ କିଛି ତୈଳାକ୍ତ ପଦାର୍ଥ ପଙ୍କପାଳ ଗରେଇ ରାସ୍ତାରେ ବିଛାଡି ହୋଇପଡ଼ିଥିଲା। ନିଆଁ ଯୋଗୁଁ ରାସ୍ତାରେ ଯାତାୟତରେ ବାଧା ସୃଷ୍ଟି ହୋଇଥିବା ବେଳେ ନିକଟସ୍ଥ ଘର ଥିବା ଗଗନ କୁମାର ସାହୁଙ୍କ ଧାନ ଗଦା, ଗୁହାଳ ଘର ଓ କିଛି ଗଛ ମଧ୍ୟ ନିଆଁ ଦ୍ୱାରା ପ୍ରଭାବିତ ହୋଇଛି। ଖବର ପାଇ ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବଣିକ ସଂଘ ସଭାପତି ଫକୀର ଦାସ, ସମାଜସେବୀ ତାପସ କୁମାର ମଲ୍ଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୁଜଙ୍ଗ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ସ୍ଥାନରେ ଦୁଇଟି ଗାଁ ଜନାପାଳ ଓ ବଣିକୁଦ ଦୁଇଟି ଟ୍ରାନ୍ସଫର୍ମର ଯୋଗେ ଲାଇନ୍ ଯୋଗାଣ ହୋଇଥାଏ। ଗତକାଲି ଠାରୁ ପ୍ରାୟ ଦୁଇ ଶହ ପାରିବାର ଅନ୍ଧାରରେ ରହୁଥିବା ବେଳେ ଆଜି ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା ଓ ଜିଲ୍ଲା ବିଜେପି ଉପସଭାପତି ତପନ ତ୍ରିପାଠୀ ପହଞ୍ଚି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷପ ନେବାକୁ କହିଛନ୍ତି।

## ପରିବେଶ ଓ ମହିଳା କନ୍‌କ୍ଲେଭ ପାଇଁ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୧୨ା୧(ସମିସ): ପରିବେଶ ସୁରକ୍ଷା କ୍ଷେତ୍ରରେ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଓ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ମିଳିତ ସହଯୋଗରେ ଆସନ୍ତା ୧୪ ତାରିଖରେ ବାଲିକୁଦା ମହିଳା ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ ହେବ ପରିବେଶ ଓ ମହିଳା କନ୍‌କ୍ଲେଭ। ମହାବିଦ୍ୟାଳୟର ଅଧ୍ୟକ୍ଷା ତନୁଜା କାନୁନଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧ୍ୟାପିକା ସୌଦାମିନୀ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇନ୍‌ସାଫର ବୈଷୟିକ ଉପଦେଷ୍ଟା ତଥା କାର୍ଯ୍ୟକ୍ରମ ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସାଙ୍ଗକୁ କାର୍ଯ୍ୟଧାରା ସମ୍ପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ, ବିଶେଷଜ୍ଞମାନଙ୍କ ଦ୍ୱାରା ପରିବେଶ ଓ ମହିଳା ସମ୍ପର୍କିତ ସେମିନାର, ଜିଲ୍ଲାର ବିଭିନ୍ନ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ସହନୀୟ ଜୀବନଶୈଳୀ ଆପଣେଇବା ସମ୍ପର୍କିତ ପୋଷ୍ଟର ଉପସ୍ଥାପନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୫ଜଣ ମହନୀୟା ମହିଳାଙ୍କୁ ସବୁଜଶ୍ରୀ ସମ୍ମାନରେ ସମ୍ମାନିତ ହେବା ପାଇଁ ସ୍ଥିର କରାଯାଇଅଛି। ଏହି ବୈଠକରେ ବିବେକାନନ୍ଦ ଲୋକସଂସଦର ବିଚାରଧାରା ଅଧ୍ୟକ୍ଷ ଲାଲା ସଂଗ୍ରାମ କେଶରୀ ରାୟ, ମୋ ଗାଁର ଅଧ୍ୟକ୍ଷ ଅତୁଲ ବିକ୍ରମ ପ୍ରଧାନ, ଆଜୀବନ ସଦସ୍ୟ ସୁମନ୍ତ ଭୂଷଣ ପଟ୍ଟନାୟକ ଓ ରାଜକିଶୋର ବିଶ୍ୱାଳ, ପରିବେଶପ୍ରେମୀ କନକଲତା ପରିଡ଼ା ଓ ସରସ୍ୱତୀ ମହାପାତ୍ର ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ ହୋତା ଓ ବନଜା ବାରିକ, ଅଧ୍ୟାପକ ବିଜୟ କୁମାର ସାହୁ ଓ ଦେବେନ୍ଦ୍ର କୁମାର ମୁଦୁଲି ପ୍ରମୁଖ ଯୋଗଦେଇ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ସାଇନ୍ସ ଫର୍ କମନ ପିପୁଲ୍ ସୋସାଇଟି ବୈଷୟିକ ସହାୟତା ପ୍ରଦାନ କରିବେ ବୋଲି ସମ୍ମତି ପ୍ରଦନ କରିଛନ୍ତି।

## ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ବାଲିକୁଦା,୧୨ା୧(ସମିସ): କାଳିଓ ସରସ୍ୱତୀ ଶିଶୁମନ୍ଦିର ପରିସରରେ ବିଦ୍ୟୁତ ପରିଷଦ ସଭାପତି ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠାନର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସାରଳା ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ମୁଦୁଲି, ସମ୍ମାନିତ ଅତିଥି ଭାବେ ବିଜେପି ନେତା ସତ୍ୟସାରଥୀ ମହାନ୍ତି, ସମାଜସେବୀ ନିରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଅନୁଷ୍ଠାନର ସଭାପତି ନବଘନ ମୁଦୁଲି ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ ସମ୍ପାଦକ ରଞ୍ଜନ କୁମାର ରାଉତ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ବିଦ୍ୟୁତ ପରିଷଦ ବିଭୁତି ଭୂଷଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ପାରାଦୀପ,୧୨ା୧(ସମିସ): ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ପୂର୍ବ ସମ୍ଭାଗ ଶିକ୍ଷାବିକାଶ ସମିତି ରବୀନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ସତ୍ୟନାରାୟଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଶିକ୍ଷା ବିକାଶ ସମିତି ଓଡିଶା ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ସମିତିର ସଭାପତି ନିରଞ୍ଜନ ଖୁଣ୍ଟିଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ଦିଗମ୍ବର ଖୁଣ୍ଟିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ସମିତିର ଉପସଭାପତି ରଞ୍ଜନ ଧଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ମମତା କର ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠା ଆଚାର୍ଯ୍ୟା ସସ୍ମିତା ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଯୁବ ଦିବସ

ଜଗତସିଂହପୁର,୧୨ା୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ମୁଳିସିଂହ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ମହାରଣା, ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜ, ସୁଦେଷ୍ଣା ଦାସ, ପ୍ରିୟଙ୍କା ମଣ୍ଡଳ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଦେଇଥିଲେ।

ପାରାଦୀପ: ପାରାଦୀପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିବେକାନନ୍ଦ ଯୁଥ କ୍ଲବ ପକ୍ଷରୁ ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୟଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ କ୍ଲବର ସଭାପତି ଜଗନ୍ନାଥ ହାଲଦାର, ବିଶ୍ୱଜିତ ଓଝା, ସୁକୁଦେବ ମାନ୍ନା, ପ୍ରଶାନ୍ତ ପ୍ରଧାନ, କାନୁ ଦାସ, କାର୍ତ୍ତିକ ପାତ୍ର, ଅଜୟ ମିସ୍ତ୍ରୀ, ସଂପାଦକ ପ୍ରକାଶ ରାୟ ଓ ସଙ୍ଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପାରାଦୀପ ଅଞ୍ଚଳରେ ଉକ୍ତ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି କ୍ଲବ ପକ୍ଷରୁ ସ୍ଥାପନ କରାଯାଇଛି।

ଷ୍ଟେଟ୍ ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡିଓ ଆସୋସିଏସନ୍ ପକ୍ଷରୁ ପାରାଦୀପ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଲୋପାମୁଦ୍ରା ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜସ୍ଥାନର ଶ୍ରୀଗଙ୍ଗା ନଗର ଠାରେ ଅନୁଷ୍ଠିତ ହୋଇଥିବା '୧୪ତମ ଜାତୀୟ ପାରା ଜୁଡ଼ୋ ଚାମ୍ପିଅନସିପ୍'ରେ ପଦକ ହାସଲ କରିଥିବା ଦିବ୍ୟାଙ୍ଗ ପ୍ରତିଯୋଗୀମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର/କୁଜଙ୍ଗ,୧୨ା୧(ସମିସ)



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଆଜି ମୋଟ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୬ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧ଟି, ଆବାସ ପାଇଁ ୧୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୬ଟି, ଭତ୍ତା ପାଇବା ପାଇଁ ୭ ଟି, ପୁଲିସ ସହାୟତା ପାଇଁ ୧୦ଟି ଏବଂ ଅନ୍ୟାନ୍ୟ ୧୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ଜଗତସିଂହପୁର ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୁଜଙ୍ଗ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା, ନିର୍ବାହୀ ଅଧିକାରୀ ପୌର ପରିଷଦ, ପାରାଦୀପ ଅଭିଷେକ ପଣ୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ଢେଙ୍କାନାଳ,୧୨ ।୧(ସମିସ)



ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରସଂସଦର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ସଭାପତି ଡ. ଅଭୟ କୁମାର ପଣ୍ଡା ଅଧ୍ୟକ୍ଷତା କରି ପୁରାତନ ଛାତ୍ରସଂସଦର ପରିସର ବୃଦ୍ଧି ପାଇଁ ପ୍ରତ୍ୟେକ ପୁରାତନ ଛାତ୍ରଛାତ୍ରୀ ଉଦ୍ୟମ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବିକାଶ ସାଙ୍ଗକୁ, ଖାଲିପଡ଼ିଥିବ ପ୍ରଧାପକ ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ, ପ୍ରଶାସନିକ ଗୃହ, ଶ୍ରେଣୀଗୃହ ସମ୍ପ୍ରସାରଣ ସର୍ବୋପରି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ଢେଙ୍କାନାଳ ଗଡ଼ଜାତ ରାଜା ଭଗୀରଥ ମହୀନ୍ଦ୍ର ବାହାଦୁର ଓଡ଼ିଶା ତଥା ଏହି ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ପ୍ରମୁଖ ଭୂମିକା ନେଇଥିବାରୁ ତାଙ୍କ ନାମରେ ବିଶ୍ୱବିଦ୍ୟାଳୟ ନାମିତ କରାଯିବା ପାଇଁ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟର ସାମଗ୍ରିକ ବିକାଶ ନିମନ୍ତେ ପୁରାତନ ଛାତ୍ରସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ଅଟଳ ବିହାରୀ ଦାସ, ଉପଦେଷ୍ଟା ଦୀପ୍ତୀଶ ପଟ୍ଟନାୟକ, ସୁରେନ୍ଦ୍ର ମିଶ୍ର, ସଂଘ ଉପସଭାପତି ବେଣୁଧର ସାହୁ, ପ୍ରକାଶ କୁଅଁର, କାର୍ଯ୍ୟକାରୀ ସମ୍ପାଦକ ରତନ ନାୟାର, କୋଷାଧ୍ୟକ୍ଷ ସୁନୀଲ ଦାସ, ବରିଷ୍ଠ ସାମ୍ବାଦିକ ଅଶୁତୋଷ ରାଉତ, ପୂର୍ବତନ ସଭାପତି ସନ୍ତୋଷ କର, ଚନ୍ଦ୍ରକାନ୍ତ ମିଶ୍ର, ଗଦାଧର ସାହୁ, ସମରେନ୍ଦ୍ର ନନ୍ଦ, ଦୀପକ ମିଶ୍ର, ଲଳିତେନ୍ଦୁ ମିଶ୍ର, ରଞ୍ଜନ ନାୟକ, ସବ୍ୟସାଚୀ ମହାକୁଡ଼, ଉପଦେଷ୍ଟା ଦୀପକ ପଟ୍ଟନାୟକ, ପୂର୍ବତନ ସମ୍ପାଦକ କଳିଙ୍ଗ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ । ଏହି ଅବସରରେ ଡ. ଅଭୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁର୍ଗାପ୍ରସାଦ ମିଶ୍ର, ଲଳିତ ପଟ୍ଟନାୟକ, ଅମରେନ୍ଦ୍ର ପଟ୍ଟନାୟକ, ମମତା ବରାଳ, ବାପୁ ଶର୍ମା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆଗାମୀ ଦିନରେ ସଂଘକୁ ସୁଦୃଢ଼ କରିବା ପାଇଁ ସଂଘ ସମ୍ପାଦକ ବିଶ୍ୱନାଥ ବେହେରା ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପ ସଭାପତି ସୁକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଡ. ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତୃତୀୟ ଶ୍ରେଣୀ ବୃତ୍ତିରେ ପ୍ରିୟାଂଶୁ ଟପ୍ପର



ଗଁଦିଆ,୧୨ ।୧(ସମିସ): ତୃତୀୟ ଶ୍ରେଣୀ ବୃତ୍ତିରେ ଗଁଦିଆର ୧୫ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଥିବା ବିଇଓ ସୂଚନା ଦେଇଛନ୍ତି । ଗଁଦିଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଛାତ୍ର ପ୍ରିୟାଂଶୁ ପଣ୍ଡା ବ୍ଲକ ଟପ୍ପର ହୋଇଛନ୍ତି । ଏ ନେଇ ପ୍ରିୟାଂଶୁଙ୍କ ବାପା ପ୍ରକାଶ ପଣ୍ଡା, ମା' ମନୋଜ ମଞ୍ଜରୀ ପଣ୍ଡା, ବିଦ୍ୟାଳୟ ସଭାପତି, ସମ୍ପାଦକ ଇଂ ପ୍ରଧାନଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଖୁସି ପ୍ରକଟ କରିଛନ୍ତି । ଏହି ଅବସରରେ ତୃପ୍ତି ପାଠାଗାର ପକ୍ଷରୁ ପ୍ରିୟାଂଶୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମଳୟ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁଷ୍ମନ୍ତ ଦଳେଇ, କଳ୍ପତରୁ ଜେନା, ସୁକାନ୍ତି ପଣ୍ଡା ଉପସ୍ଥିତ ଥିଲେ ।

## ପ୍ରସିଦ୍ଧ ଗଣେଶ ଖୋଲାରେ ମକରମେଳା

ଯୋରନ୍ଦା,୧୨ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ପ୍ରସିଦ୍ଧ ଗଣେଶ ଖୋଲାରେ ମକରମେଳା ଆରମ୍ଭ ହୋଇଛି । ସୋମବାର ଶୁଭାଧିବାସ, ମଙ୍ଗଳବାର ଗୀତାଯଜ୍ଞ ଆରମ୍ଭ, ବୁଧବାର ସୂର୍ଯ୍ୟପୂଜା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ଯଜ୍ଞ ପରିଚାଳନା କମିଟି ସଭ୍ୟ ବେଣୁଧର ପାତ୍ର, ପଙ୍କଜ ସାମଲ, ସୁଧାକର ବେହେରା, ବିଚିତ୍ରାନନ୍ଦ ପାଣି, ଅନ୍ତର୍ଯ୍ୟାମୀ ମଲ୍ଲିକ, ମୀନକେତନ ସ୍ୱାଇଁ, ସୁଦର୍ଶନ ପାତ୍ର, ସୁଦାମ ଚରଣ ସାହୁ, ସୁରେଶ ଚନ୍ଦ୍ର ତରାଇ, ବିଚିତ୍ରାନନ୍ଦ ତରାଇ, ବିଷ୍ଣୁଚରଣ କବି, ବିଚିତ୍ରାନନ୍ଦ ପରିଡ଼ା ଜଣାଇଛନ୍ତି ।

## ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଗଁଦିଆ,୧୨ ।୧(ସମିସ): ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତ ଚିତ୍ତଲପୁର ଗ୍ରାମସ୍ଥିତ ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭାପତି ସୌମ୍ୟପ୍ରକାଶ ନନ୍ଦଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ଖଟୁଆ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ମନ୍ଦାର ସରପଞ୍ଚ ସବିତା ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାମନ୍ତ, ଯୋରନ୍ଦା ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଦୀପ୍ତ ରାଉତ ଯୋଗଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ସୁପ୍ରିୟା ରଥ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ମିନତି ପ୍ରିୟଦର୍ଶିନୀ ସାହୁ, ପୂର୍ଣ୍ଣିମା ମଲ୍ଲିକ, ଚୁମୁକି ସେନାପତି, ଶୁଭସ୍ମିତା ବାରିକ, ଶୁଭସୁଲଗ୍ନା ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲ ଯୋରନ୍ଦାର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ,୧୨ ।୧(ସମିସ): ସଦର ବ୍ଲକ୍ ମଙ୍ଗଳପୁରଠାରେ ଢେଙ୍କାନାଳ-ଅନୁଗୋଳ ଜିଲ୍ଲା ସମନ୍ୱୟ ତୈଳିକ ବୈଶ୍ୟ ସମାଜର ୫୭ତମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ସଭାପତି ସଞ୍ଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ସମସ୍ତ ଉପସଭାପତି, ସମ୍ପାଦକ, ସହ-ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀ, କାର୍ଯ୍ୟକାରୀ କମିଟି ସଭ୍ୟ, ମହିଳା ସଭାନେତ୍ରୀ ମଞ୍ଜୁଲତା ସାହୁ, ଯୁବ ସଂଗଠକ ରାମଚନ୍ଦ୍ର ସାହୁ ଓ କର୍ମକର୍ତ୍ତା ଯୋଗଦେଇଥିଲେ । ଏହି ଅବସରରେ ବଳରାମପ୍ରସାଦର ବସନ୍ତ ଦାସଙ୍କ ପୁଅ ସୁଶୀଳ କୁମାର ନାଗଙ୍କୁ ତାଙ୍କ ଚିକିତ୍ସା ସହାୟତା ପାଇଁ ସମାଜ ପକ୍ଷରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଆସନ୍ତା ମହାସଭା ମଙ୍ଗଳପୁରରେ ହେବାକୁ ସ୍ଥିର କରାଯାଇଛି । ବରିଷ୍ଠ ଉପଦେଷ୍ଟା ପୁରୁଷୋତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୃହପାଳିତ ପଶୁଙ୍କ ଚିକିତ୍ସା ଶିବିର



ଢେଙ୍କାନାଳ,୧୨ ।୧(ସମିସ): ଇଣ୍ଡିଆନ ପଟାସ ଲିମିଟେଡ୍ ଓ ମିଶନ୍ ରିକନଷ୍ଟ୍ରକସନ ମିଳିତ ସହଯୋଗରେ ହରିପୁର ୟୁନିଟ୍ ଦ୍ୱାରା ହରିପୁର ଗ୍ରାମରେ ଗୃହପାଳିତ ପଶୁଙ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ହରିପୁର ଏବଂ ଆଖପାଖ ଅଞ୍ଚଳର ବହୁ କୃଷକ ନିଜ ଗୃହପାଳିତ ପଶୁଙ୍କୁ ଚିକିତ୍ସା ପାଇଁ ଆଣିଥିଲେ । ଏହି ପରିପ୍ରେକ୍ଷୀରେ ପ୍ଲାଣ୍ଟ ମୁଖ୍ୟ ବିକାଶ କୁମାର ଚୌଧୁରୀ ଏପରି ପଦକ୍ଷେପର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଶିବିରରେ ଡା. ବିକେ ଆଚାର୍ଯ୍ୟ ଗୃହପାଳିତ ପଶୁଙ୍କ ଚିକିତ୍ସା କରିଥିଲେ । ରାଜକୁମାର ଚୌଧୁରୀ, ବିଜୟକୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ,୧୨ ।୧(ସମିସ): ଗନ୍ଦିଆ ବ୍ଲକ କରମୂଳ ଆମ୍ରପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଶକ୍ତିପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ମହିମା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହଲ୍ଲାଦ ସ୍ୱାଇଁ ଯୋଗଦେଇଥିଲେ । ସଭାପତି ଜୟରାମ ସାହୁ ଧନ୍ୟବାଦ ଦେଇଥିଲେ । ପ୍ରଧାନଆଚାର୍ଯ୍ୟା ରୀନା ସ୍ୱାଇଁ ବାର୍ଷିକୀ ବିବରଣୀ ପାଠ କରିଥିଲେ । ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ମନ୍ତ୍ରୀଙ୍କ ଗନ୍ଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ପ୍ରତ୍ୟୁଷହରି ପ୍ରଧାନ, ଯୋରନ୍ଦା ସମିତି ସଭ୍ୟ ପ୍ରତାପ ନାଥ, ସାଂସଦଙ୍କ ଗନ୍ଦିଆ ବ୍ଲକ ପ୍ରତିନିଧି ଅମ୍ବିକା ମିଶ୍ର, ଜିଲ୍ଲା କାର୍ଯ୍ୟକର୍ତ୍ତା ଶତ୍ରୁଘ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

**ହିନ୍ଦୋଳ:** ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଶିକ୍ଷାର ଉନ୍ନତିରେ ସମାଜର ଉନ୍ନତି ଏବଂ ଶିକ୍ଷା ଜୀବନର ଆଲୋକବର୍ତ୍ତିକା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଚନ୍ଦ୍ରଶେଖର ବେହେରା, ସମ୍ମାନିତ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧ୍ୟକ୍ଷ ବରୁଣ ସର ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ମନୋଜ ଗଡ଼ନାୟକ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ପରିଚାଳନା କମିଟି ସମ୍ପାଦକ ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘ ସମ୍ମିଳନୀ



ଢେଙ୍କାନାଳ,୧୨ ।୧(ସମିସ): ସ୍ଥାନୀୟ ଗୁଡ଼ିଆନାଳୀସ୍ଥିତ ସଂଘର ସ୍ଥାୟୀ ଗୃହରେ ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ତ୍ରୟୋଦଶ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଗୋପୀନ୍ଦ୍ର ଭୋଇ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ । ସ୍ଥାୟୀ ସଭାପତି ରମେଶ ଚନ୍ଦ୍ର ଦେହୁରୀ ସଭା ପରିଚାଳନା କରିଥିଲେ । ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଘର ନୂତନ ସଭ୍ୟ ବିମ୍ବାଧର ରାଉତ, ଚିନ୍ତାମଣି ସାହୁ, ବ୍ରହ୍ମାନନ୍ଦ ସାହୁ ଓ ବାବୁଲାଲ୍ ଘିୱାଲା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭ୍ୟ କଲ୍ୟାଣ କୁମାର ଦାସ ଓ ରାମଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ରମେଶ ଚନ୍ଦ୍ର ଦେହୁରୀ ସଭାପତି, ହେମନ୍ତ କୁମାର ପଟ୍ଟନାୟକ ଉପସଭାପତି, ଅନ୍ତର୍ଯ୍ୟାମୀ ବେହେରା ସମ୍ପାଦକ, ନିରାକାର ସାହୁ ସହ-ସମ୍ପାଦକ, ପ୍ରମୋଦ କୁମାର ଦାସ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଉପଦେଷ୍ଟା ଭାବେ ବିନୋଦ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, କୃଷ୍ଣଚନ୍ଦ୍ର ବିଶ୍ୱାଳ ରହିଛନ୍ତି । ମାଧବ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲାଉଲଇରେ ଜାତୀୟ ଯୁବ ଦିବସ ପାଳିତ

ଢେଙ୍କାନାଳ,୧୨ ।୧(ସମିସ): ଗଁଦିଆ ବ୍ଲକ୍ ଲାଉଲଇସ୍ଥିତ ପ୍ରିୟ କାର୍ଯ୍ୟାଳୟରେ ମାଇଁ ଭାରତ ଢେଙ୍କାନାଳ ଓ "ପ୍ରିୟ" ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଡ. ସାହିଲ୍ ଆଫ୍ରିଦ୍ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଜାତୀୟ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ । ଯୁବକ ଯୁବତୀମାନଙ୍କ ମଧ୍ୟରେ ଏକ ଭାଷଣ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ସାମୂହିକ 'ବନ୍ଦେ ମାତରମ୍' ଗାନ କାର୍ଯ୍ୟକ୍ରମ



ଢେଙ୍କାନାଳ,୧୨।୧(ସମିସ): "ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେସ୍ଥାନୀୟପିଏମ୍‌ଶ୍ରୀସୁଲକ୍ଷଣାଦେବୀସରକାରୀଉଚ୍ଚବିଦ୍ୟାଳୟ ପରିସରରେ ସାମୂହିକ ରାଷ୍ଟ୍ରୀୟ ଗୀତ ଗାନ କରାଯାଇଛି । ପୂର୍ବାହ୍ନ ୧୧ଟାରେ ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି କୃସିଦା ବେଗମ୍‌ଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏକତ୍ର "ବନ୍ଦେ ମାତରମ' ଗାନ କରିଥିଲେ ।

**କଙ୍କଡ଼ାହାଡ଼:** କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଛି । ବିଡିଓ ଯଶୋବନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଏବିଡିଓ ସୁଚିସ୍ମିତା ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ଦାସ, ବନ୍ଦେ ମାତାରମ ସଙ୍ଗୀତର ଟ୍ରେନର ଶିକ୍ଷକ ମାନସ ସାହୁ, ଶିକ୍ଷୟିତ୍ରୀ ମୋନାଲିସା ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିଥିଲେ । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

**ଗଁଦିଆ:** ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସମୂହ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ



ପୋରହଖୋଜ ସରପଞ୍ଚ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ସାମ୍ମାନିତ ଅତିଥି ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସରକାରୀ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ମିଳିତ ଭାବେ ରାଷ୍ଟ୍ରୀୟ ଗୀତ ଗାନ କରିଥିଲେ ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ଖଜୁରିଆକଟା,୧୨ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଗିରିଧରପ୍ରସାଦ ପଞ୍ଚାୟତ ଖଣ୍ଡତିରି ଉଚ୍ଚ ବିଦ୍ୟାଳୟରେ ତିନିଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ରଞ୍ଜନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବ୍ଲକ ନୋଡାଲ ଅଫିସର ଅନାଦି ଚରଣ ନାଏକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମାଝୀ, ସମ୍ମାନିତ ଅତିଥି ଭାବେ ଭଗବାନ ସାହୁ, ସରପଞ୍ଚ ସୁମିତ୍ରା ସେଠୀ, ସମିତିସଭ୍ୟା କାମିନୀ ନାଏକ, ମୁରଲୀଧର ପ୍ରଧାନ, ଶ୍ରୀଧର ସାମଲ, ସିଆରସିସି ପ୍ରଦୀପ କୁମାର ପଣ୍ଡା, ମିନତୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ଅନନ୍ତ ଚରଣ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଶିବପ୍ରସାଦ ପ୍ରଧାନ, ମଳୟ କୁମାର ବିଶ୍ୱାଳ, ଦୀପକ ରଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର ଦେହୁରୀ, ବିଶ୍ୱମ୍ଭର ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ପୃଷ୍ଟି, ରଶ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କର୍ମଚାରୀ କାଳନ୍ଦୀ ଚରଣ ସାହୁ, ବାବୁଲା ମାଝୀ, ପ୍ରମୋଦ କୁମାର ସାହୁ ଓ କୁମୁଦ ଚନ୍ଦ୍ର ନାୟକ ସହଯୋଗ କରିଥିଲେ ।

# ରାଜ୍ୟ ମୁକ୍ତ ବିଦ୍ୟାଳୟ ନାମଲେଖା ଶିବିର



ଢେଙ୍କାନାଳ,୧୨ ।୧(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ସୁଲକ୍ଷଣାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ନାମଲେଖା ଶିବିର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି କୃସିଦା ବେଗମ, ପରିଚାଳନା ସମିତି ସଭାପତି ପ୍ରଦୀପ୍ତ ମହାପାତ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁଲୋଚନା ଭୁତିଆ, ବିଦ୍ୟାଳୟର ମୁକ୍ତ ବିଦ୍ୟାଳୟ ନାମଲେଖା ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ୯ଟି କ୍ଲଷ୍ଟରର ସଂଯୋଜକ ଯୋଗଦେଇଥିଲେ । ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଶିବିରର ଉଦ୍ଦେଶ୍ୟ ବୋଲି ମୁଖ୍ୟଅତିଥି କହିଥିଲେ । ଶିକ୍ଷକ ପ୍ରଶାନ୍ତ ସାହୁ ମୁକ୍ତବିଦ୍ୟାଳୟର ପାଠ୍ୟକ୍ରମ ଓ ପରୀକ୍ଷା ପଦ୍ଧତି ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ । ଏହି ଅବସରରେ ୧୨୧ ଜଣ ଡ୍ରପଆଉଟ ପିଲାଙ୍କର ନାମ ଲେଖାଯାଇଥିଲା । ସେମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା । ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀ ସୁଲୋଚନା ଭୁତିଆ ଧନ୍ୟବାଦ ପ୍ରଦାନ କରିଥିଲେ ।

**କାମାକ୍ଷାନଗର:** ସ୍ଥାନୀୟ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ନାମଲେଖା ଶିବିର ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏବିଇଓ କୃଷ୍ଣଚନ୍ଦ୍ର ଭୋଇ ଓ ଏସଏମସି ଅଧ୍ୟକ୍ଷ ଦିଲୀପ କୁମାର ସାହୁ ଯୋଗଦେଇଥିଲେ । ଯେଉଁ ଛାତ୍ରଛାତ୍ରୀ ଅଧାରୁ ଶିକ୍ଷା ଛାଡୁଛନ୍ତି ତାଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରେଇ ଆଣିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ବିଇଓ ସାହୁ କହିଥିଲେ । ଏହି ଅବସରରେ ମୋଟ ୮ ଛାତ୍ରଛାତ୍ରୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଧ୍ୟମରେ ୧୦ମ ଶ୍ରେଣୀରେ ନାମ ଲେଖାଇଛନ୍ତି । ସେହିପରି ୮ ଛାତ୍ରଛାତ୍ରୀ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଧ୍ୟମରେ +୨ରେ ନାମ ଲେଖାଇଛନ୍ତି । ଶେଷରେ ବ୍ଲକ ସହ କୋଅର୍ଡିନେଟର ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



# ମେସିନ କରିଛି ମନରେଗା କାମ



କାମାକ୍ଷାନଗର,୧୨ ।୧(ସମିସ): ସରକାର ଗାଁର ଉନ୍ନତି ପାଇଁ ଯୋଜନା ପରେ ଯୋଜନା କରୁଥିବା ବେଳେ ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ସୁଫଳ ମିଳୁନାହିଁ । କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ କଇଁଆଗୋଠ ସାହିରେ ନୂତନ ଭାବେ ମାଟି ରାସ୍ତା ସହ ଏକ କଲଭର୍ଟ ନିର୍ମାଣ ହୋଇଛି । ଗୁଣ୍ଡିଚାନାଳୀ ମୁଖ୍ୟ ରାସ୍ତାରୁ ଗାଁକୁ ସଂଯୋଗ କରୁଥିବା ଏହି ରାସ୍ତା କାର୍ଯ୍ୟର କୌଣସି ସୂଚନା ନାହିଁ । ସରକାରୀ ନିୟମ ଅନୁସାରେ ରାସ୍ତା ନିର୍ମାଣ ପୂର୍ବରୁ ସୂଚନା ଫଳକରେ ନିର୍ମାଣ ସମ୍ପର୍କିତ ସୂଚନା ରହିବା କଥା । କିନ୍ତୁ ଏଠାରେ ରାସ୍ତା ନିର୍ମାଣ ସରିଗଲା ପଛେ ସୂଚନା ଫଳକରେ ସୂଚନା ଲେଖିବାକୁ ବିଭାଗ ଭୁଲିଗଲା । ସେହିପରି ଲୋକଙ୍କୁ ଭୁଆଁ ବୁଲାଇ ମେସିନ ସାହାଯ୍ୟରେ ମାଟି କାମ କରାଯାଇଛି । ନିର୍ମାଣ ହୋଇଥିବା କଲଭର୍ଟ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଗାଁର ଏହା ମୁଖ୍ୟ ରାସ୍ତା ହୋଇଥିବାବେଳେ ରାସ୍ତା କଡ଼ରୁ କେଲୁଆ ମାଟି ଉଠାଇ ସେହି ମାଟିରେ ରାସ୍ତା ନିର୍ମାଣ ହୋଇଛି । ବର୍ଷା ହେଲେ ଗାଁ ଲୋକମାନେ ଗାଁକୁ କିପରି ଯିବେ ସେହି ଚିନ୍ତାରେ ଅଛନ୍ତି । ତୁରନ୍ତ ଏହାର ତଦନ୍ତ କରିବାକୁ ଦାବି ହୋଇଛି ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୦୦ ● ପାଉଣ୍ଡ ୧୨୧.୨୨
- ୟୁରୋ ୧୦୫.୭୭ ● ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୮,୭୪୦ (ନୂଆଦିଲ୍ଲୀ)
- ରୁପା : ୨,୫୯,୯୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୮୭୮.୦୦
- ନିଫ୍ଟି ୨୫,୭୯୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଭାରତକୁ ପାକ୍ସ ସିଲିକା ଗ୍ରୁପ୍‌ରେ ଯୋଗଦେବାକୁ ଆମେରିକାର ନିମନ୍ତ୍ରଣ

**ଆମେରିକା ନେତୃତ୍ୱରେ ଗ୍ରୁପ ଗଠିତ**




ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଜାନୁଆରୀ ୧୩ରେ ପୁନର୍ବାର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଟ୍ରମ୍ପ ପ୍ରଶାସନ ଆସନ୍ତା ମାସରେ ଭାରତକୁ ଆମେରିକା ନେତୃତ୍ୱାଧୀନ ପାକ୍ସ ସିଲିକା ଗ୍ରୁପରେ ଯୋଗଦେବାକୁ ନିମନ୍ତ୍ରଣ କରିବାକୁ ଯୋଜନା କରୁଛି। ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ସୋମବାର ନୂଆଦିଲ୍ଲୀରେ କାର୍ଯ୍ୟଭାର ଗ୍ରହଣ କରିବା ସମୟରେ ଏ ନେଇ ସୂଚନା ଦେଇଛନ୍ତି। ଭାରତକୁ ଆସନ୍ତା ମାସରେ ଆମେରିକା ନେତୃତ୍ୱାଧୀନ ପାକ୍ସ ସିଲିକା ଗ୍ରୁପରେ ପୂର୍ଣ୍ଣ ସଦସ୍ୟ ଭାବରେ ଯୋଗଦେବାକୁ ଆମନ୍ତ୍ରଣ କରାଯିବ। ଏହି ପଦକ୍ଷେପ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଇକୋସିଷ୍ଟମରେ ଭାରତର ବର୍ଦ୍ଧିତ ଭୂମିକାକୁ ପ୍ରତିଫଳିତ କରୁଛି।

### ପାକ୍ସ ସିଲିକା ଗ୍ରୁପ୍ କ'ଣ ?

ଆମେରିକୀୟ ବୈଦେଶିକ ବିଭାଗ ଅନୁଯାୟୀ, ପାକ୍ସ ସିଲିକା ହେଉଛି ଆମେରିକାର ବୈଦେଶିକ ବିଭାଗର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଯୋଗାଣ-ଶୃଙ୍ଖଳା ସୁରକ୍ଷା ଉପରେ ପ୍ରମୁଖ ପଦକ୍ଷେପ, ଯାହା ସହଯୋଗୀ ଏବଂ ବିଶ୍ୱସ୍ତ ଅଂଶୀଦାରମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା ଉପରେ ଏକ ନୂତନ ସହମତିକୁ ପ୍ରୋତ୍ସାହିତ କରେ। ପାକ୍ସ ଏକ ଐତିହାସିକ ଶବ୍ଦ ଯାହା ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିକୁ ବୁଝାଏ। ଏହା ଆଧୁନିକ କୃତ୍ରିମ ବୁଦ୍ଧିମତ୍ତା ଏବଂ କମ୍ପ୍ୟୁଟିଂର ମୂଳଦୁଆ ଉପରେ ପ୍ରଯୁଜ୍ୟ।

### ପାକ୍ସ ସିଲିକାର ସଦସ୍ୟ

ପାକ୍ସ ସିଲିକା ଗୋଷ୍ଠୀ ହେଉଛି ଏକ ଆମେରିକା ନେତୃତ୍ୱାଧୀନ ଗୋଷ୍ଠୀ ଯାହାର ସଦସ୍ୟ ଜାପାନ, ଦକ୍ଷିଣ କୋରିଆ, ଯୁକ୍ତରାଜ୍ୟ, ନେଦରଲ୍ୟାଣ୍ଡ, ଇସ୍ରାଏଲ, ସଂଯୁକ୍ତ ଆରବ ଏମିରେଟ୍ସ, ଅଷ୍ଟ୍ରେଲିଆ ଏବଂ ସିଙ୍ଗାପୁର। ଏହା ୨୦୨୫ଶେଷ ଏବଂ ୨୦୨୬ ପ୍ରାରମ୍ଭରେ ଗଠନ କରାଯାଇଥିଲା। ଏହି ଗ୍ରୁପ ଗଠନର ଲକ୍ଷ୍ୟ ହେଉଛି ରେୟାର ଆର୍ଥ ଖଣିଜ ପଦାର୍ଥ କ୍ଷେତ୍ରରେ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରି ନିର୍ଭରଯୋଗ୍ୟ ପ୍ରଯୁକ୍ତିବିଦ୍ୟା ବିକାଶକୁ ପ୍ରୋତ୍ସାହିତ କରିବା।

**ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି**

# ଆଜି ବାଜିବ ମୋହର!

ନୂଆଦିଲ୍ଲୀ,୧୨।୧(ଏଜେନ୍ସି)

ଭାରତ ଏବଂ ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପ୍ରତି ବେଶ ଚର୍ଚ୍ଚାର ବିଷୟ ରହିଛି। ଏହା ଉପରେ ଆଲୋଚନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଯାହା ଆଶା କରାଯାଉଛି ମଙ୍ଗଳବାର ବାଣିଜ୍ୟ ଚୁକ୍ତି ଉପରେ ଚୂଡ଼ାନ୍ତ ହୋଇ ସେଥିରେ ମୋହର ବାଜିବ। ଭାରତ ପାଇଁ ନିଯୁକ୍ତ ନୂତନ ଆମେରିକୀୟ ରାଷ୍ଟ୍ରଦୂତ

- ଆମେରିକା ପାଇଁ ଭାରତ ବେଶ ଗୁରୁତ୍ୱପୂର୍ଣ୍ଣ
- ଆମେରିକୀୟ ରାଷ୍ଟ୍ରଦୂତ ଦେଲେ ସୂଚନା
- ୫୦୦% ଟାରିଫ୍ ଉପରେ ନିଆଯିବ ନିଷ୍ପତ୍ତି
- ମୋଦି- ଟ୍ରମ୍ପ ପ୍ରକୃତ ବନ୍ଧୁ: ସେର୍ଗିଓ ଗୋର୍

ସୋମବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା ହେଲେ ଭାରତ ଉପରେ ଶୁଳ୍କ ହାର ଖୁବ୍ ଶୀଘ୍ର ସ୍ପଷ୍ଟ ହୋଇପାରେ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଜାନୁଆରୀ ୧୩ରେ ଚୂଡ଼ାନ୍ତ ହେବାର ଆଶା କରାଯାଉଛି। ସୋମବାର ନୂଆଦିଲ୍ଲୀଠାରେ ଆମେରିକୀୟ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ଏହି ଘୋଷଣା କରିଛନ୍ତି। ଗୋର୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଟ୍ରମ୍ପ ପ୍ରକୃତ ବନ୍ଧୁ। ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ମତଭେଦ ଥାଇପାରେ, କିନ୍ତୁ ଶତ୍ରୁତା ନୁହେଁ। ସେମାନଙ୍କ ମଧ୍ୟରେ ଯେକୌଣସି ସମସ୍ୟାର ଶୀଘ୍ର ସମାଧାନ ହେବ। ଦାୟିତ୍ୱ ଗ୍ରହଣ କରିବା ପରେ ସେର୍ଗିଓ ଗୋର୍ ସୋମବାର କହିଥିଲେ ଯେ ଭାରତ-ଆମେରିକା ସମ୍ପର୍କ ପ୍ରକୃତ ବନ୍ଧୁତା ଉପରେ ଆଧାରିତ। ସେ ଏହା ମଧ୍ୟ ସୂଚାଇ ଦେଇଛନ୍ତି ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନା ଜାରି ରହିବ। ଗୋର କହିଛନ୍ତି ଯେ ପ୍ରକୃତ ବନ୍ଧୁମାନେ କେତେବେଳେ



ପୂର୍ବରୁ, ଆମେରିକା ସଂସଦରେ ଭାରତ ଉପରେ ୫୦୦% ଶୁଳ୍କ ଲାଗୁ କରିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା, ଯାହା ଦ୍ୱାରା ଏହି ଚୁକ୍ତିକୁ ଆମେରିକା ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଥିଲା, ଯାହାର ଜବାବ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଦେଇଥିଲା। ନୂଆଦିଲ୍ଲୀରେ ମତଭେଦ କରିପାରନ୍ତି, କିନ୍ତୁ ସେମାନେ ସେମାନଙ୍କର ସେହି ମତଭେଦକୁ ସମାଧାନ କରନ୍ତି। ସେ କହିଛନ୍ତି ଯେ ଜାନୁଆରୀ ୧୩ରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଆଶା କରାଯାଉଛି। ଗୋର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଶୁଳ୍କ ଏବଂ ବଜାର ପ୍ରବେଶ ଭଳି ପ୍ରସଙ୍ଗରେ ମତଭେଦ ସତ୍ତ୍ୱେ, ଦୁଇ ଦେଶ ନିରନ୍ତର ଯୋଗାଯୋଗରେ ଅଛନ୍ତି। [kcg ଗୋରଙ୍କ ବକ୍ତବ୍ୟ ଆଶା ସୃଷ୍ଟି କରେ ଯେ ଭାରତ ଏବଂ ଆମେରିକା ମଧ୍ୟରେ ଦୀର୍ଘ ସମୟ ଧରି ଅଟକି ରହିଥିବା ଚୁକ୍ତି ଚୂଡ଼ାନ୍ତ ହୋଇପାରେ।

ବାଣିଜ୍ୟ ଚୁକ୍ତିକୁ ନେଇ ଆମେରିକୀୟ ରାଷ୍ଟ୍ରଦୂତଙ୍କ ବୟାନ ପରେ ଘରୋଇ ଷ୍ଟକ୍ ବଜାର ହଠାତ୍ ଟ୍ରାକ୍‌କୁ ଫେରିଛି। କ୍ରମାଗତ ଭାବେ ୬ ଦିନ ଧରି ତୀବ୍ର ହ୍ରାସ ପରେ ବଜାର କାରବାର ଉପରମୁହାଁ ହୋଇଛି। ଏଥିଯୋଗୁ ୭୦ ପଏଣ୍ଟ ତଳକୁ ଖସିଯାଇଥିବା ଭାରତୀୟ ଇକ୍ୱିଟି ବଜାର ଶେଷ ବେଳକୁ ୩୦୦ ପଏଣ୍ଟ ବୃଦ୍ଧି ସହ ବନ୍ଦ ହୋଇଛି। ବାଣିଜ୍ୟ ଚୁକ୍ତି ଉପରେ ଆମେରିକୀୟ ରାଷ୍ଟ୍ରଦୂତଙ୍କ ସକାରାତ୍ମକ ବିବୃତ୍ତି ଏହାର ମୁଖ୍ୟ କାରଣ।

## ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବରରେ ୧.୩୩%କୁ ବୃଦ୍ଧି


ନୂଆଦିଲ୍ଲୀ ୧୨।୧(ଏଜେନ୍ସି): ଡିସେମ୍ବରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ପୁଣି ଥରେ ଉପରମୁହାଁ ହୋଇଛି। ଡିସେମ୍ବରରେ ଏହା ୧.୩୩% ହୋଇଥିବାବେଳେ, ଯାହା ପୂର୍ବରୁ ୦.୭୧% ଥିଲା। ତେବେ ହେଡଲାଇନ ମୁଦ୍ରାସ୍ଫିତି ଏବେବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ୪.୬%ର ନିର୍ଦ୍ଧାରିତ ସୀମାରୁ ତଳେ ରହିଛି। ଖାଦ୍ୟପେୟ ସାମଗ୍ରୀର ମୂଲ୍ୟ ଯାହା ସିପିଆଇ ବାସ୍କେଟର ପାଖାପାଖି ଅଧା ଡିସେମ୍ବରରେ ବାର୍ଷିକ ହାରରେ ୨.୭୧% ହ୍ରାସ ହୋଇଛି। ଏହା ନଭେମ୍ବରର ୩.୯୧%ର ହ୍ରାସ ଠାରୁ କମ୍ ରହିଛି।

## ଅଣ-ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଇବା ହେବ ମହଙ୍ଗା

ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ଦେଶର ସର୍ବବୃହତ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ଏହାର ଅଣ-ଏସ୍‌ବିଆଇ ଏଟିଏମ୍‌ରେ କାରବାର ଶୁଳ୍କ ବୃଦ୍ଧି କରିଛି। ଏହି ପରିବର୍ତ୍ତନ ୨୦୨୫ ଡିସେମ୍ବର ପହିଲାରୁ କାର୍ଯ୍ୟକାରୀ ହୋଇଛି। ନୂଆ ବ୍ୟବସ୍ଥାନୁଯାୟୀ, ଏଣିକି ମାଗଣା ସୀମା ପରେ ଅଣ- ଏସ୍‌ବିଆଇ ଏଟିଏମ୍ର ନଗଦ ଉଠାଣ ପାଇଁ ଏବେ ୨୩ ଟଙ୍କା ଫି ସମେତ ଜିଏସ୍‌ଟି ଦେବାକୁ ହେବ। ପୂର୍ବରୁ ଜିଏସ୍‌ଟି ସମେତ ୧୦ ଟଙ୍କା ଥିଲା।

ନୂଆ ବ୍ୟବସ୍ଥାରେ ବେତନଭୋଗୀ ଆକାଉଣ୍ଟଧାରୀଙ୍କ ପାଇଁ ଦରମା ପ୍ୟାକେଜ୍ ଏବଂ ସଞ୍ଚୟ ଖାତା ଆକାଉଣ୍ଟ ଥିବା ଗ୍ରାହକଙ୍କ କ୍ଷେତ୍ରରେ ମଧ୍ୟ କେତେକ ପରିବର୍ତ୍ତନ କରାଯାଇଛି। ପୂର୍ବରୁ, ବେତନଭୋଗୀ ଆକାଉଣ୍ଟଧାରୀମାନେ ଅଣ-ଏସ୍‌ବିଆଇ ଏଟିଏମ୍‌ରେ ଅସୀମିତ ମାଗଣା କାରବାର ଉପଭୋଗ କରୁଥିଲେ, କିନ୍ତୁ ଏବେ ପ୍ରତି ମାସରେ କେବଳ ୧୦ ଟି ମାଗଣା କାରବାର (ନଗଦ ଉଠାଣ ଏବଂ ବାଲାନ୍ସ ଚେକ୍ ଉଭୟ) ଅନୁମତି ଦିଆଯିବ। ଟଙ୍କା ଉଠାଣ ସୀମାରେ ପହଞ୍ଚିବା ପରେ, ନୂତନ ଶୁଳ୍କ ଲାଗୁ ହେବ। ଏହି ପରିବର୍ତ୍ତନ ଲକ୍ଷ ଲକ୍ଷ କର୍ମଚାରୀଙ୍କୁ

- ଫ୍ରି- ଉଠାଣ ପରେ ୨୩ ଟଙ୍କା ସହ ଜିଏସ୍‌ଟି ଲାଗିବ
- ପୂର୍ବରୁ ୨୧ ଟଙ୍କା ଯୁକ୍ତ ଜିଏସ୍‌ଟି ଥିଲା
- ଦରମା ଆକାଉଣ୍ଟରେ ଅସୀମିତ ମାଗଣା କାରବାର ବ୍ୟବସ୍ଥା ସମାପ୍ତ



ସୂଚନାଯୋଗ୍ୟ ଯେ, ପୂର୍ବରୁ ଅଣ- ଏସ୍‌ବିଆଇ ଏଟିଏମ୍ର ନଗଦ ଉଠାଣ ପାଇଁ ୨୧ ଟଙ୍କା ଫି' ସମେତ ଜିଏସ୍‌ଟି ଦେବାକୁ ପଡୁଥିଲା। ଏହାଛଡା ବାଲାନ୍ସ ଚେକ୍ କିମ୍ବା ମିନି ଷ୍ଟେଟମେଣ୍ଟ ଭଳି ଅଣ-ଆର୍ଥିକ କାରବାର ପାଇଁ ଏବେ ଏଣିକି ୧୧ ଟଙ୍କା ସହ ଜିଏଓ୍ଟି ଦେବାକୁ ପଡିବ, ଯାହା ପ୍ରଭାବିତ କରିବ ଯେଉଁମାନେ ଅନ୍ୟ ବ୍ୟାଙ୍କର ଏଟିଏମ୍ ବ୍ୟବହାର କିଥାରନ୍ତି। ଅପରପକ୍ଷେ ନିୟମିତ ସଞ୍ଚୟ ଖାତାଧାରକଙ୍କ ପାଇଁ ମାଗଣା କାରବାର ସଂଖ୍ୟାରେ କୌଣସି ପରିବର୍ତ୍ତନ ହୋଇନାହିଁ। ମେଟ୍ରୋ କିମ୍ବା ଅଣ-ଏସ୍‌ବିଆଇ ଏଟିଏମ୍ଗୁଡ଼ିକରେ ପ୍ରତି ମାସରେ ୫ଟି ମାଗଣା କାରବାର (ଆର୍ଥିକ ଏବଂ ଅଣ-ଆର୍ଥିକ) ଉପଲବ୍ଧ ରହିବ। ଏସ୍‌ବିଆଇ କହିଛି ଯେ ଇଣ୍ଟରଚେଞ୍ଜ ଫି ବୃଦ୍ଧି ଯୋଗୁଁ ଏଟିଏମ୍ ସେବାର ମୂଲ୍ୟ ସମୀକ୍ଷା କରାଯାଇଥିଲା। ଇଣ୍ଟରଚେଞ୍ଜ ଫି ହେଉଛି ଅନ୍ୟ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରିବା ପାଇଁ ବ୍ୟାଙ୍କଗୁଡ଼ିକ ଦେଉଥିବା ଶୁଳ୍କ। ଏହା ୨୦୨୫ ଫେବୃଆରୀ ପରେ ପ୍ରଥମ ଥର ପାଇଁ ଏପରି ବୃଦ୍ଧି କରାଯାଇଛି। ବ୍ୟାଙ୍କ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏଥିରେ ଅନେକ ବର୍ଗ ପ୍ରଭାବିତ ହେବେନାହିଁ।

## ଇଣ୍ଡିଆନ୍ ଅଏଲ୍-ମାରୁତି ସୁଜୁକି ଏମ୍‌ଓୟୁ



ଭୁବନେଶ୍ୱର, ୧୨।୧(ସମିସ): ଭାରତୀୟ ତୈଳ ନିଗମ ଲିମିଟେଡ୍ (ଇଣ୍ଡିଆନ୍ ଅଏଲ୍) ଏବଂ ଦେଶର ଅଗ୍ରଣୀ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଗ୍ରାହକଙ୍କ ସୁବିଧାକୁ ନଜରରେ ରଖି ଏହି ଚୁକ୍ତି ସ୍ୱାର କରାଯାଇଛି। ଏଥିରେ ଦେଶରେ ରହିଥିବା ଇଣ୍ଡିଆନ୍ ଅଏଲ୍‌ର କିଛି ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପରେ ମାରୁତି ସୁଜୁକି ସର୍ଭିସ୍‌ର ସୁବିଧା ଉପଲବ୍ଧ ହେବ। ଏହି ସହଭଗିତା ମାଧ୍ୟମରେ ଦେଶ ସାରା ରହିଥିବା ଇଣ୍ଡିଆନ୍ ଅଏଲ୍‌ର ନେଟୱର୍କରେ ମାରୁତି ସୁଜୁକିର ସେବାମାନ ଉପଲବ୍ଧ ହେବ। ଏଥିରେ ଗ୍ରାହକ ସେଠାରେ ସମୟାନୁଯାୟୀ, ମାରୁତି କାରର ମେଣ୍ଟେନାନ୍ସ ଏବଂ ମିରର୍ ମରାମତି କରିପାରିବେ। ଏ ସମ୍ପର୍କରେ ଇଣ୍ଡିଆନ୍ ଅଏଲ୍‌ର ନିର୍ଦ୍ଦେଶକ (ବିପଣନ) ସୌମିତ୍ର ପି ଶ୍ରୀବାସ୍ତବ କହିଛନ୍ତି ଯେ, ମୂଲ୍ୟ ଯୁକ୍ତ ସେବା ମାଧ୍ୟମରେ ଇଣ୍ଡିଆନ୍ ଅଏଲ୍ ତା'ର ପେଟ୍ରୋଲ ପମ୍ପରେ ଗ୍ରାହକ ଅଭିଜ୍ଞତାକୁ ବଢ଼ାଇବାକୁ ପ୍ରତିଶ୍ରୁତିବଦ୍ଧ। ଏହାଉପରେ ମତ ରଖି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ (ସର୍ଭିସ୍) ରାମ ସୁରେଶ ଆକେଲା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଗ୍ରାହକଙ୍କ ପାଇଁ କାର ସର୍ଭିସିଂ ସହଜ ଓ ଅନୁକୂଳ କରିବା। ଏହି ସହଭାଗିତା ଗ୍ରାହକଙ୍କୁ ଏକ ସର୍ବୋତ୍ତମ ଗ୍ରାହକ ସେବା ଅଭିଜ୍ଞତା ଯୋଗାଇଦେବ। ବିକ୍ରି ପରବର୍ତ୍ତୀ ସେବା କ୍ଷେତ୍ରରେ ଆମେ ଏହି ସହଭାଗିତା ଜରିଆରେ ଗ୍ରାହକଙ୍କୁ ସ୍ଥାନ ଅନୁକୂଳ ଅତୁଳନୀୟ ସେବା ଯୋଗାଇଦେବୁ।

## ଭେନେଜୁଏଲାରୁ ୫୦ ନିୟୁତ ବ୍ୟାରେଲ ତେଲ ନେଉଛି ଆମେରିକା

ୱାଶିଂଟନ୍,୧୨।୧(ଏଜେନ୍ସି): ଭେନେଜୁଏଲା ଆକ୍ରମଣ ପରେ ସେଠାରୁ ଆମେରିକା ୫୦ ନିୟୁତ ବ୍ୟାରେଲ ଅର୍ଥାତ୍ ୩୭ ହଜାର କୋଟି ଟଙ୍କା ମୂଲ୍ୟର ତେଲ ନେଉଛି। ଏ ସମ୍ପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ତେଲ ଏହା ବର୍ତ୍ତମାନ ଆମେରିକାକୁ ଯାଉଛି। ଏୟାର ଫୋର୍ସ ୱାନରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ୍ କହିଛନ୍ତି ଯେ, ଭେନେଜୁଏଲାର ତୈଳ ଶିଳ୍ପକୁ ପୁନରୁଦ୍ଧାର କରିବା ଏବଂ ଏହାର ବୃହତ ଭଣ୍ଡାରକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିବା ପାଇଁ ପ୍ରାୟ ୧୦୦ବିଲିୟନ ଡଲାରର ଘରୋଇ ନିବେଶ ଆବଶ୍ୟକ। ଟ୍ରମ୍ପ କହିଛନ୍ତି



ଯେ ୱାଶିଂଟନ୍ ଭେନେଜୁଏଲା ତେଲ ପରିବହନ କରୁଥିବା ଟ୍ୟାଙ୍କରଗୁଡ଼ିକୁ ଜବତ କରିଛି ଏବଂ ବର୍ତ୍ତମାନ ୩୦ ନିୟୁତରୁ ୫୦ ନିୟୁତ ବ୍ୟାରେଲ ମଧ୍ୟରେ ବିକ୍ରି କରିବ ଯାହା ପୂର୍ବରୁ ପ୍ରତିବନ୍ଧକ ଅଧୀନରେ ଥିଲା, ଆମେରିକା ଅନିର୍ଦ୍ଦିଷ୍ଟ ସମୟ ପାଇଁ ବିଶ୍ୱବ୍ୟାପୀ ବିକ୍ରୟକୁ ନିୟନ୍ତ୍ରଣ କରିବ। ତୈଳ ଶିଳ୍ପର ନେତାବୃନ୍ଦଙ୍କ ସହିତ ବୈଠକରେ ଟ୍ରମ୍ପ କହିଛନ୍ତି ଆପଣମାନେ ସିଧାସଳଖ ଆମ ସହିତ କାର୍ଯ୍ୟ କରୁଛନ୍ତି ଏବଂ ଭେନେଜୁଏଲା ସହିତ ଆଦୌ କାର୍ଯ୍ୟ କରୁନାହାଁନ୍ତି। ଆମେ ଚାହୁଁନାହୁଁ ଯେ ଆପଣ ଭେନେଜୁଏଲା ସହିତ କାର୍ଯ୍ୟ କରନ୍ତୁ। ସେ ଜୋର ଦେଇ କହିଥିଲେ ଯେ ଆଶା କରାଯାଉଥିବା ନିବେଶ ସାଧାରଣ ପାଣ୍ଠି ପରିବର୍ତ୍ତେ ଘରୋଇ କମ୍ପାନୀଗୁଡ଼ିକରୁ ଆସିବ। ଗତ ମାସରେ ଆମେରିକୀୟ ସେନା ଭେନେଜୁଏଲାର ତୈଳ ସହିତ ଜଡିତ ଏକ ପଞ୍ଚମ ଟ୍ୟାଙ୍କରକୁ ଜବତ କରିବା ପରେ ହ୍ୱାଇଟ୍ ହାଉସ୍ ବୈଠକ ହୋଇଥିଲା।

**ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା**

## ୟୁରୋପ ସହ ହେବ ବଡ଼ ଡିଲ୍

ନୂଆଦିଲ୍ଲୀ,୧୨।୧(ଏଜେନ୍ସି)

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ଦୀର୍ଘ ସମୟଧରି ଚାଲିଥିବା ଆଲୋଚନା ଏବେ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ଯଦି ସବୁକିଛି ଯୋଜନା ଅନୁଯାୟୀ ହୁଏ, ତେବେ ଜାନୁଆରୀ ମାସ ଶେଷ ସୁଦ୍ଧା ଚୁକ୍ତିନାମା ଚୂଡ଼ାନ୍ତ ହୋଇପାରେ। ଏହି ସୂଚନା ଦେଇଛନ୍ତି ଜର୍ମାନୀ ଚାନ୍ସେଲର ଫ୍ରେଡ୍ରିକ ମର୍ଜ । ସେ ଏବେ ତାଙ୍କର ପ୍ରଥମ ଭାରତ ଗସ୍ତରେ ଅଛନ୍ତି।

ସୋମବାର ଅହମ୍ମଦାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପରେ ତାଙ୍କର ମନ୍ତବ୍ୟ ଭାରତୀୟ ଅର୍ଥନୀତି ଏବଂ ସାଧାରଣ ବ୍ୟବସାୟ ପାଇଁ ଏକ ନୂତନ ଆଶାର କିରଣ ଆଣିଛି । ଅହମ୍ମଦାବାଦ ଗସ୍ତ ସମୟରେ ମର୍ଜ ସ୍ପଷ୍ଟ କରିଛନ୍ତି ଯେ, ଯଦି ଜାନୁଆରୀ ଶେଷ ସୁଦ୍ଧା ଆଲୋଚନା ଚୂଡ଼ାନ୍ତ ହୁଏ, ତେବେ ୟୁରୋପୀୟ କମିଶନ ଏବଂ ୟୁରୋପୀୟ ପରିଷଦର ସଭାପତିମାନେ ଚୁକ୍ତିନାମା ସ୍ୱାକ୍ଷର କରିବା ପାଇଁ ଭାରତ ଗସ୍ତ କରିପାରନ୍ତି। ଏହି ସମ୍ଭାବ୍ୟ ଚୁକ୍ତିନାମା ସମ୍ପର୍କରେ ଉଭୟ ପକ୍ଷରେ ପ୍ରବଳ ଉତ୍ସାହ



ରହିଛି। ଜର୍ମାନୀ ସରକାରୀ ସୂତ୍ର ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଚାନ୍ସେଲର ମର୍ଜ ଅତ୍ୟନ୍ତ ଫଳପ୍ରଦ ଆଲୋଚନା କରିଛନ୍ତି। ଏହା ଫଳରେ ଜାନୁଆରୀରେ ହିଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବାର ସମ୍ଭାବନା ବୃଦ୍ଧି ପାଇଛି। ଏହି ସମୟରେ, ଗୁଜରାଟରେ ଏକ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଚୁକ୍ତିନାମା ଶେଷ ପର୍ଯ୍ୟାୟରେ ଅଛି। ଭାରତୀୟ ସାମଗ୍ରୀଗୁଡ଼ିକର ୟୁରୋପୀୟ ବଜାରରେ ସହଜ ପ୍ରବେଶ ହେବ ଏବଂ ୟୁରୋପରୁ ପ୍ରଯୁକ୍ତିବିଦ୍ୟା ଏବଂ ଉତ୍ପାଦଗୁଡ଼ିକ ଭାରତରେ ଅଧିକ ସୁଲଭ ହେବ। ଚାନ୍ସେଲର ମର୍ଜ କହିଛନ୍ତି ଯେ, ବିଶ୍ୱ ବର୍ତ୍ତମାନ ଦୁର୍ଭାଗ୍ୟଜନକ ପରିସ୍ଥିତି ଦେଇ ଗତି କରୁଛି। ଏହା ସିଧାସଳଖ ଭାରତ ଏବଂ ଜର୍ମାନୀ ଭଳି ଦେଶଗୁଡ଼ିକୁ ପ୍ରଭାବିତ କରୁଛି। ଯଦିଓ ସେ କୌଣସି ଦେଶର ନାମ ନେଇ ନଥିଲେ, ଏହାର ଅର୍ଥ ସ୍ପଷ୍ଟ ଥିଲା। ରୁଷୀୟ ତୈଳ କ୍ରୟ ସମ୍ପର୍କରେ ଭାରତ ଉପରେ ଆମେରିକାର ଚାପ ଏବଂ ଖଣିଜ ପଦାର୍ଥ ରପ୍ତାନି ଉପରେ ଚୀନର କଟକଣା ଲାଗୁ ଏହାର ପ୍ରମୁଖ ଉଦାହରଣ।

ଗତ ବର୍ଷ ଚୀନର ରପ୍ତାନି କଟକଣା ଏବଂ ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଯୋଗାଣ ଶୃଙ୍ଖଳାକୁ ଗୁରୁତର ଭାବରେ ବିପର୍ଯ୍ୟସ୍ତ କରିଥିଲା । ଏହାର ପ୍ରଭାବ ଜର୍ମାନୀ କାର୍ ନିର୍ମାତାମାନେ ବହନ କରିଥିଲେ। ଏପରି ଅନିଶ୍ଚିତ ପରିବେଶରେ, ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଏହି ଚୁକ୍ତିନାମା କେବଳ ଉଭୟ ଅର୍ଥନୀତିକୁ ମଜଭୁତ କରିବ ନାହିଁ ବରଂ ଚୀନ୍ ଏବଂ ଆମେରିକା ଉପରେ ନିର୍ଭରଶୀଳତା ହ୍ରାସ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ। ଜର୍ମାନୀ ଚାହୁଁଛି ଯେ, ଭାରତ ରୁଷ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ସୁରକ୍ଷା ପ୍ରସଙ୍ଗରେ ତା' ସହିତ କାମ କରୁ। ଏଥିପାଇଁ, ଦୁଇ ଦେଶ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ସ୍ୱାସ୍ଥ୍ୟ କ୍ଷେତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ଚୁକ୍ତିନାମା ପାରସ୍ପରିକ ସହଯୋଗକୁ ନୂତନ ପ୍ରେରଣା ଏବଂ ଶକ୍ତି ପ୍ରଦାନ କରିବ।

## ଓପୋ ଇଣ୍ଡିଆର ନୂଆ ରେନୋ ୧୫ ସିରିଜ୍ ଆରମ୍ଭ

ନୂଆଦିଲ୍ଲୀ,୧୨।୧ : ଓପୋ ଇଣ୍ଡିଆ ପକ୍ଷରୁ ଏହାର ପ୍ରିମିୟମ ରେନୋ୧୫ ସିରିଜର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ୩ଟି ଭାରିଆଣ୍ଟ ଯଥା ରେନୋ୧୫ ପ୍ରୋ, ରେନୋ୧୫ପ୍ରୋ ମିନି ଓ ରେନୋ୧୫ ରହିଛି। ଏଥିରେ ପ୍ରାକୃତିକ ଉପାଦାନ ଓ ପ୍ରଥମ ଧରଣର ହଲୋଫ୍ୟୁଜନ ଟେକ୍ନୋଲୋଜି ଦ୍ୱାରା ଅନୁପ୍ରାଣିତ କଲର ରହିଛି, ରେନୋ୧୫ ସିରିଜ ଏକ କମ୍ପାକ୍ଟ, ଏର୍ଗୋନୋମିକ ଫର୍ମ ଫ୍ୟାକ୍ଟରକୁ ମଜବୁତ ନିର୍ମାଣ ଗୁଣବତା ସହ ସଂଯୋଜିତ କରିଛି। ରେନୋ୧୫ ପ୍ରୋ ଓ ରେନୋ୧୫ ପ୍ରୋ ମିନି ଏକ ୨୦୦ଏମପି କ୍ୟାମେରା ସହିତ ଫଟୋଗ୍ରାଫିକୁ ଆହୁରି ଉନ୍ନତ କରୁଛନ୍ତି। ରେନୋ୧୫ ପ୍ରୋର ମୂଲ୍ୟ ୧୨ଜିବି+୨୫୬ଜିବି ଭାରିଆଂଟ ପାଇଁ ୬୭,୯୯୯ ଟଙ୍କା ଓ ୧୨ଜିବି+୫୧୨ଜିବି ଭାରିଆଣ୍ଟ ପାଇଁ ୭୨,୯୯୯ ଟଙ୍କା ରହିଛି। ସେହିପରି ରେନୋ୧୫ ପ୍ରୋ ମିନି, ୧୨ଜିବି+୨୫୬ଜିବି ଭାରିଆଣ୍ଟ ପାଇଁ ୫୯,୯୯୯ ଟଙ୍କା ଏବଂ ୧୨ଜିବି+୫୧୨ଜିବି ଭାରିଆଣ୍ଟ ପାଇଁ ୬୪,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଏହାଛଡ଼ା ରେନୋ ୧୫ ୩ଟି କନଫିଗରେସନ ଯେପରିକି ୪୫,୯୯୯ ଟଙ୍କାରେ ୮ଜିବି+୨୫୬ଜିବି, ୪୮,୯୯୯ ଟଙ୍କାରେ ୧୨ଜିବି+୨୫୬ଜିବି ଓ ୫୩,୯୯୯ ଟଙ୍କାରେ ୧୨ଜିବି+୫୧୨ ଜିବିରେ ଉପଲବ୍ଧ।

## ସାଓମି ରେଡ୍‌ମି ନୋଟ୍ ୧୫-୫ଜି ଉନ୍ମୋଚିତ

ମୁମ୍ବଇ ,୧୨।୧ : ସାଓମି ଇଣ୍ଡିଆ ପକ୍ଷରୁ ରେଡ୍‌ମି ନୋଟ ୧୫ ୫ଜି ଓ ରେଡ୍‌ମି ପ୍ୟାଡ୍ ୨ ପ୍ରୋର ଶୁଭାରମ୍ଭ କରାଯାଇଛି। ଭାରତୀୟ ଉପଭୋକ୍ତାଙ୍କ ଆବଶ୍ୟକତା ଉପରେ ଆଧାର କରି ନିର୍ମିତ ନୂଆ ରେଡ୍‌ମି ଡିଭାଇସଗୁଡିକ ଏକ ଶକ୍ତିଶାଳୀ ବଡ-ସ୍କ୍ରିନ୍ ଅନୁଭୂତି ସହ ବଜାରକୁ ଆସିଛି। ରେଡ୍‌ମି ନୋଟ୧୫ ୫ଜି ଏକ ୧୦୮ ଏମପି ମାଷ୍ଟରପିକ୍ସେଲ ଡୁଆଲ ଏଆଇ କ୍ୟାମେରା ଏବଂ ବିଶ୍ୱସ୍ତରରେ ଡେବ୍ୟୁ କରିଥିବା ସାମ୍‌ସଙ୍ଗ ଆଇସୋସେଲ ଏଚଏମ୯ ସେନ୍ସର ସହ ସୁସଜ୍ଜିତ ରହିଛି। ଏହାର ୫୫୨୦ଏମଏଏଚ ସିଲିକନ-କାର୍ବନ ବ୍ୟାଟେରୀ ସହିତ ୪୫ୱାଟ ଫାଷ୍ଟ ଚାର୍ଜିଙ୍ଗ ଓ ୧୮ୱାଟ ୱାୟାରଡ ରିଭର୍ସ ଚାର୍ଜିଙ୍ଗ ସହ ପେୟାର ହୋଇଛି । ଫ୍ରଣ୍ଟରେ ଅଟୋ ଫିକ୍ସ-ଅଫ୍-ଭ୍ୟୁ ଆଡ୍‌ଜଷ୍ଟମେଣ୍ଟ ସହ ଏକ ୨୦ଏମ୍‌ପି



କ୍ୟାମେରା ରହିଛି। ସେହିଭଳି ରେଡମି ପ୍ୟାଡ ୨ ପ୍ରୋରେ ବିଶ୍ୱର ସର୍ବବୃହତ ୧୨୦୦୦ ଏମଏଏଚ ବ୍ୟାଟେରୀ ରହିଛି, ଯାହା ଷ୍ଟ୍ରିମିଂ, ପଠନ, ମିଟିଂ ଓ ଗେମିଂ ପାଇଁ ବାସ୍ତବ ଦୁନିଆର ଚମତ୍କାର ହନଶୀଳତା ପ୍ରଦାନ କରୁଛି । ରେଡ୍‌ମି ନୋଟ ୧୫ ୫ଜି ବ୍ଲାକ, ଗ୍ଲାସିୟର ବ୍ଲୁ ଓ ମିଷ୍ଟ ପର୍ପଲ କଲରରେ ଏବଂ ୮ ଜିବି+୧୨୮ ଜିବି ଓ ୮ ଜିବି+୨୫୬ଜିବି ଭଳି ଦୁଇଟି ଷ୍ଟୋରେଜ ଭାରିଆଂଟରେ ଉପଲବ୍ଧ ହେବ ଏବଂ ଏହାର ପ୍ରାରମ୍ଭିକ ମୂଲ୍ୟ ୨୨,୯୯୯ଟଙ୍କା ରହିଛି । ସେହିଭଳି ରେଡ୍‌ମି ପ୍ୟାଡ ୨ ପ୍ରୋ ୫ଜି ସିଲ୍‌ଭର ଓ ଗ୍ରାଫାଇଟ ଗ୍ରେ କଲରରେ ଏବଂ ୮ ଜିବି+୧୨୮ ଜିବି ଓ ୮ ଜିବି+୨୫୬ଜିବି ଭଳି ୨ଟି ଷ୍ଟୋରେଜ ଭାରିଆଣ୍ଟରେ ଉପଲବ୍ଧ ହେବ ଏବଂ ଏହାର ପ୍ରାରମ୍ଭିକ ମୂଲ୍ୟ ୨୭,୯୯୯ଟଙ୍କା ରହିଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ନେଣ-ଦେଣ ସମୟରେ ସତର୍କ ରୁହନ୍ତୁ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ବୈବାହିକ ଜୀବନରେ ଚାଲିଥିବା ସମସ୍ୟାରୁ ମୁକ୍ତି ମିଳିବ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି।

**କର୍କଟ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସମ୍ମାନ ହାନି ଯୋଗ। ଘରେ ପୂଜାପାଠ ଆୟୋଜନ କରିବେ। ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣି ପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ନିବେଶରୁ କ୍ଷତି ସହିବାକୁ ପଡ଼ିପାରେ।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଅନ୍‌ଲାଇନ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳି ନ ପାରେ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ।

## ଆଜିର ଇତିହାସ

- ୧୫୫୯-ଏଲିଜାବେଥ୍ ପ୍ରଥମ ଇଂଲଣ୍ଡର ସାମ୍ରାଜ୍ଞୀ ହେଲେ।
- ୧୯୧୦- ନ୍ୟୁୟର୍କରୁ ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୩୦-ମିକି ମାଉସ୍‌ର କମିକ୍ ଷ୍ଟ୍ରିପ୍ ପ୍ରକାଶ ପାଇଲା।
- ୧୯୯୫-ବେଲାରୁସ୍ ନାଟୋର ୨୪ତମ ସଦସ୍ୟ ହେଲା।
- ୨୦୦୯- ଜାମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ନ୍ୟାସନାଲ୍ କନ୍‌ଫରେନ୍ସର ଅଧ୍ୟକ୍ଷ ହେଲେ।




## ଧୂମପାନ ଉପରେ ଆଖି

ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧର ନିୟମ ଥିଲେ ବି ଅନେକ ଏହାକୁ ମାନି ନ ଥାନ୍ତି। ସେହିପରି ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ଏହିସବୁ ସ୍ଥାନରେ ସିସିଟିଭି ମଧ୍ୟ ନ ଥାଏ। ତେବେ ଏହି ସମସ୍ୟାର ଚୀନ୍ ଏକ ନିଆରା ସମାଧାନ ବାହାର କରିଛି। ଦକ୍ଷିଣ ଚୀନ୍‌ର ଏକ ସପିଂ ସେଣ୍ଟରର ପୁରୁଷଙ୍କ ଶୌଚାଳୟର ଦ୍ୱାରରେ ଏମିତି ଏକ କାଚ ଲଗାଇଛି, ଯାହ ଭିତରେ ଧୂମପାନ କଲେ ଏହି କାଚ ପାରଦର୍ଶୀ (ଟ୍ରାନ୍ସପରେଣ୍ଟ) ହୋଇଯିବ। ଗୁଆଙ୍ଗଡୋଙ୍ଗ ଅଞ୍ଚଳରେ ଥିବା ଶେନଜେନର ଦୁଇଟି ଜୁଏଲାରି ମଲ୍ ଶୁଇବେଇ ଇଣ୍ଟରନ୍ୟାସନାଲ ସେଣ୍ଟର ଏବଂ ଶୁଇବେଇ ଜିନଜୁଆ ବିଲଡିଂର ଏହି ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ଏହି ଗ୍ଲାସ୍‌ରେ ଏକ ବିଶେଷ ଟେକ୍ନିକ୍‌ର ଉପଯୋଗ କରାଯାଇଛି। ତେବେ ଲୋକଙ୍କୁ ଏହା ବାବଦରେ ଜଣାଇବା ପାଇଁ ଶୌଚାଳୟ ଦ୍ୱାରରେ ଏକ ନୋଟିସ୍ ଲଗାଯାଇଛି। ଏଥିରେ ଉଲ୍ଲେଖ ଅଛି, 'ଧୂମପାନ କରିବା ଦ୍ୱାରା କାଚ ପାରଦର୍ଶୀ ହୋଇଯିବ। ଯଦି ଅନଲାଇନ୍‌ରେ ଭାଇରାଲ ହେବାକୁ ଚାହାନ୍ତି ନାହିଁ, ଧୂମପାନରୁ ଦୂରେଇ ରୁହନ୍ତୁ।' ଶେନଜେନରେ ଧୂମପାନ କଡ଼ାକଡ଼ି ଭାବେ ମନା। ସେହିପରି ସପିଂ ସେଣ୍ଟର ମଧ୍ୟ ଧୂମପାନ ରହିତ ସ୍ଥାନ। କିଛି ଲୋକ ଏହି ଟେକ୍ନିକ୍‌କୁ ଜାତୀୟସ୍ତରରେ ବ୍ୟବହାର ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏହି ସିଷ୍ଟମକୁ ଅଧିକ ଅପଡେଟ୍ କରିବା ଦିଗରେ କାର୍ଯ୍ୟ ଜାରି ରହିଛି।



## ମାନିକ୍ୱିନ୍ ନା ଶବ!

ମେକ୍ସିକୋ ଚିହୁଆହୁଆସ୍ଥିତ ଏକ ବ୍ରାଇଡାଲ ସପ୍ ଦୀର୍ଘ ୯୦ ବର୍ଷ ଧରି ଗ୍ରାହକଙ୍କ ଧ୍ୟାନ ଆକର୍ଷଣର କେନ୍ଦ୍ର ପାଲଟିଛି। 'ଲା ପପୁଲାର' ନାମକ ଏହି ଦୋକାନଟି ତା'ର ପୋଷାକ କିମ୍ବା କୌଣସି ବିଶେଷ ଅଫର୍ ପାଇଁ ଚର୍ଚ୍ଚାରେ ନାହିଁ। ଏହାର ପ୍ରସିଦ୍ଧିର ମୁଖ୍ୟ କାରଣ ହେଉଛି, ଦୋକାନ ସମ୍ମୁଖରେ ଥିବା 'ଲା ପାସ୍‌କ୍ୟୁଲିଟା ମାନିକ୍ୱିନ୍'। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦୋକାନର ମାଲିକ ନିଜ ଝିଅର ମୃତ୍ୟୁ ପରେ ତାଙ୍କର ଶବକୁ ସଂରକ୍ଷଣ କରି ଏହାକୁ ମାନିକ୍ୱିନ୍ ଭଳି ସଜାଇ ରଖିଛନ୍ତି। ଏହି ଘଟଣାଟି ୨୫ ମାର୍ଚ୍ଚ, ୧୯୩୦ ମସିହାର। ଦୋକାନ ମାଲିକାଣୀ ପାସ୍‌କ୍ୟୁଲା ଏସ୍ପାର୍ଜାଙ୍କ ଝିଅର ବିବାହ ଦିନ ଥିଲା। ବିବାହ ଦିନ ଝିଅଟିର ମୃତ୍ୟୁ ହୋଇ ଯାଇଥିଲା। ତେବେ କୌଣସି ବିଷାକ୍ତ ବୁଢ଼ିଆଣୀ କାମୁଡ଼ିବାରୁ କିମ୍ବା ତାଙ୍କ ମା' ଏହି ବିବାହରେ ରାଜି ନଥିବାରୁ ସେ ବିଷପିଇ ଆତ୍ମହତ୍ୟା କରିଥିବା ଲୋକେ କୁହନ୍ତି। ଝିଅର ପିତା ଶବକୁ ପୋତିବା ପରିବର୍ତ୍ତେ ଏହାକୁ ସଂରକ୍ଷଣ କରି ଦୋକାନ ସମ୍ମୁଖରେ ବିବାହ ପୋଷାକ ପିନ୍ଧାଇ ଛିଡ଼ା କରି ଦେଇଥିବା ସ୍ଥାନୀୟ ଲୋକେ କୁହନ୍ତି। କାରଣ ମାନିକ୍ୱିନ୍‌ଟି ଅବିକଳ ଦୋକାନ ମାଲିକଙ୍କ ଝିଅ ଭଳି ଦେଖାଯାଉଥିଲା। ଏହି ଘଟଣାକୁ ୯୦ ବର୍ଷ ବିତି ଯାଇଥିଲେ ମଧ୍ୟ ପାସ୍‌କ୍ୟୁଲିଟା ସେହିପରି ସେଠାରେ ରହିଛି। ଏହି ମାନିକ୍ୱିନ୍‌କୁ ଦେଖିବା ପାଇଁ ଦୋକାନକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସନ୍ତି। କିଛି ଲୋକଙ୍କ କହିବାନୁଯାୟୀ, ପାସ୍‌କ୍ୟୁଲିଟା ଆଖି ହଲାଇବା ସହ ହାତ ମଧ୍ୟ ହଲାଇଥାଏ। ସେହିପରି କିଛି ସ୍ଥାନୀୟ ଲୋକଙ୍କ କହିବାକଥା, ଏହି ମାନିକ୍ୱିନ୍‌ଟି ରାତିରେ ଜୀବନ୍ତ ହୋଇଯାଏ ଓ ଏହା ନିଜେ ପୋଷାକ ବଦଳାଇଥାଏ। ଏନେଇ ଦୋକାନର ମାଲିକ ଓ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ କହିବାକଥା, ଏହା ଏକ ହାଇ ବଜେଟ୍‌ର ମ୍ୟାନିକ୍ୱିନ୍। ୧୯୩୦ ମସିହାରେ ଏହା ନୂଆ ଆସିଥିବାରୁ ଲୋକେ ଏହାକୁ ଶବକୁ ସଂରକ୍ଷଣ କରାଯାଇଥିବା କଥା ଭାବୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ମାନିକ୍ୱିନ୍‌ର ଭିଡିଓ ବେଶ୍ ଭାଇରାଲ ହେଉଛି।



## ଅଲଗା ହେଲେ ତାରା-ବୀର!

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ଓ ବୀର ପହାରିଆଙ୍କ ପ୍ରେମ ସମ୍ପର୍କ ଅନେକ ଦିନରୁ ଖବରର ଶିରୋନାମା ପାଲଟିଥିଲା। ଏବେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବରୁ ଉଭୟ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଏହାପରେ ଉଭୟଙ୍କୁ ଅନେକ ବଲିଉଡ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା। ଏକ ପଡ୍‌କାଷ୍ଟରେ ମଧ୍ୟ ତାରା, ବୀରଙ୍କ କଥା କହିଥିଲେ। ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, ତାରା ଓ ବୀର ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏପି ଢିଲୋନଙ୍କର ଏକ କନସର୍ଟଙ୍କୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ହେବାପରେ ଉଭୟ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନିକଟରେ ମୁମ୍ବାଇରେ ଏପି ଢିଲୋନଙ୍କର ଏକ କନସର୍ଟରେ ତାରା ଓ ବୀର ଯୋଗ ଦେଇଥିଲେ। ଏଥିରେ ଏପି ଢିଲୋନଙ୍କ ସହ ତାରା ମଞ୍ଚରେ ନାଚୁଥିଲେ। ବୀର ମଞ୍ଚ ତଳେ ରହି ତାରାଙ୍କୁ ସମର୍ଥନ କରୁଥିଲେ। ଏହି ସମୟରେ ଏପି ଢିଲୋନ ତାରାଙ୍କୁ ନିବିଡ଼ ଆଲିଙ୍ଗନ କରିଥିଲେ। ଏହାକୁ ମଞ୍ଚ ତଳେ ଉପସ୍ଥିତ ଥିବା ବୀର ସହଜରେ ଗ୍ରହଣ କରିପାରି ନ ଥିଲେ। ଏବେ ବୀରଙ୍କର ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାକୁ ଲାଗୁଛି। ଯଦିଓ ଉଭୟ ବ୍ରେକ୍‌ଅପ୍ ଖବର ଉପରେ କିଛି ମନ୍ତବ୍ୟ ନେଇ ନାହାନ୍ତି, କିନ୍ତୁ ଏହି କନସର୍ଟ ଯୋଗୁଁ ବୀର ଓ ତାରାଙ୍କ ସମ୍ପର୍କରେ ତିକ୍ତତା ଆସିଥିବା ଚର୍ଚ୍ଚା ହେଉଛି।



# ସୁବର୍ଣ୍ଣା



## ପ୍ରାଣୀପାଳକଙ୍କ ପାଇଁ ଉପଯୋଗୀ ଯନ୍ତ୍ର

ଗାଈ, ଛେଳି, ମଇଁଷିଙ୍କ ଶାରୀରିକ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଆବଶ୍ୟକ। ହେଲେ ବଜାରରେ ମିଳୁଥିବା ଖାଦ୍ୟ ସପ୍ଲିମେଣ୍ଟ ଅଧିକ ମହଙ୍ଗା ଥିବାରୁ କ୍ଷୁଦ୍ର ଚାଷୀ ଏହାକୁ କିଣି ପାରନ୍ତି ନାହିଁ। ଫଳରେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ପ୍ରଭାବିତ ହୁଏ। ତେଣୁ ଏହି ସମସ୍ୟାକୁ ଦୂର କରିବାକୁ ପଶ୍ଚିମବଙ୍ଗ, ଜଲପାଇଗୁଡି ଜିଲ୍ଲାର ୩୯ ବର୍ଷୀୟ କର୍ଣ୍ଣଦେବ ରାୟ ଏକ ଉପଯୋଗୀ ଏବଂ ଶସ୍ତା ଯନ୍ତ୍ର ତିଆରି କରିଛନ୍ତି। ଏହାକୁ ୟୁରିଆ ମିନେରାଲ ମୋଲାସେସ ବ୍ଲକ୍ ମେକର୍ କୁହାଯାଏ। ଏହା ପ୍ରାଣୀଙ୍କ ଲାଗି ପୋଷକଯୁକ୍ତ ମିନେରାଲ ବ୍ଲକ୍ ତିଆରି କରେ। ଯାହା ଦ୍ୱାରା ଗାଈ ଏବଂ ଛେଳିଙ୍କୁ ଆବଶ୍ୟକୀୟ ଖଣିଜଦ୍ରବ୍ୟ ଓ ଭିଟାମିନ୍ ମିଳିଥାଏ। ଏହି ଯନ୍ତ୍ରଟି ଏକ ଘଣ୍ଟାରେ ୨୦ରୁ ୨୫ ପୋଷକଯୁକ୍ତ ବ୍ଲକ୍ ତିଆରି କରିପାରିବ। ଗାଈ ଦୁଗ୍ଧ ଉତ୍ପାଦନରେ ଏହି ବ୍ଲକ୍ ଅଧିକ ପ୍ରଭାବୀ। ସେହିପରି ଛେଳିଙ୍କ ଶାରୀରିକ ଓଜନ ବୃଦ୍ଧି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯନ୍ତ୍ରଟି ୬୫ କିଲୋ। ଏହା ମଜବୁତ। ଏହା ୨୨ ଇଞ୍ଚ ଲମ୍ବା, ୧୧.୫ ଚଉଡ଼ା ଏବଂ ୩୬ ଇଞ୍ଚ ଉଚ୍ଚା। ଏହାକୁ ଚାଷୀମାନେ ନିଜ ସୁବିଧା ଅନୁସାରେ ବ୍ୟବହାର କରି ପାରିବେ। ଏହି ବ୍ଲକ୍‌ର ବ୍ୟବହାର କେବଳ ପ୍ରାଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବ ତାହା ନୁହେଁ ବରଂ ଗ୍ରାମୀଣ ଯୁବପିଢ଼ିଙ୍କୁ ରୋଜଗାରର ଅବସର ଦେବ।

## କୁକୁଡ଼ା ମଳରୁ ଜୈବିକ ଖତ



ଫସଲ ବୃଦ୍ଧି ପାଇଁ ଚାଷୀମାନେ ୟୁରିଆ, ଡିଏପି ଏବଂ ଅନ୍ୟାନ୍ୟ ରାସାୟନିକ ସାର ପ୍ରାୟତଃ ବ୍ୟବହାର କରିଥାନ୍ତି। କାଳକ୍ରମେ ଏହା ମାଟିର ଉର୍ବରତାକୁ ହ୍ରାସ କରିଥାଏ। କୁକୁଡ଼ା ମଳ ଓ ମୂତ୍ର ଫସଲରେ ଉତ୍କୃଷ୍ଟ ଜୈବିକ ଖତ ଭାବେ କାମ ଦିଏ। ଏହା ମାଟି ସଂରଚନା ସୁଧାରିବା ସହ ଜିଆ ବୃଦ୍ଧିରେ ସାହାଯ୍ୟ କରେ। ସାଧାରଣତଃ ଫାର୍ମରେ କୁକୁଡ଼ା ରହିବା ପାଇଁ କୁଣ୍ଡା ଓ ଭୁସି ତଳେ ପକାଯାଇଥାଏ। କୁକୁଡ଼ା ଏହା ଉପରେ ମଳ ଓ ପରିସ୍ରା କରନ୍ତି। ଏହା କିଛି ସମୟ ପରେ ପୋଷକତତ୍ତ୍ୱଯୁକ୍ତ ଜୈବିକ ଖତରେ ବଦଳିଯାଏ। ତେଣୁ ପୋଲଟ୍ରିଫାର୍ମରୁ ବାହାରୁଥିବା ଏହି ବର୍ଜ୍ୟକୁ ଦୈନିକ ଏକାଠି କରି ସୁରକ୍ଷିତ ସ୍ଥାନରେ ରଖି ଜମିରେ ଖତରୂପେ ବ୍ୟବହାର କରାଯାଇପାରିବ। ଏହା ମାଟିକୁ ଫସ୍‌ଫସିଆ କରିଥାଏ। ରାସାୟନିକ ସାରଠାରୁ ଏହା ବେଶ୍ ପ୍ରଭାବୀ। ଧାନ, ପରିବା, ଫଳ ଗଛରେ ଏହାକୁ ଆବଶ୍ୟକତା ଅନୁସାରେ ପ୍ରୟୋଗ କରିବା ଆବଶ୍ୟକ। ଡିପ୍‌ଲିଟର ପଦ୍ଧତିରେ କୁକୁଡ଼ା ପାଳନ କରୁଥିବା ଚାଷୀଙ୍କ ପାଇଁ ଏହା ସାରର ଏକ ଉତ୍କୃଷ୍ଟ ଉତ୍ସ ଅଟେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିଘରାକୁ ନଡ଼ା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ।
- ଧାନ ତଳି ଉପାଡ଼ିବା ୨ରୁ ୩ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ।
- ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି। ତେଣୁ ନିୟମିତ ଫସଲରେ ପୋକ ଓ ରୋଗର ସର୍ବେକ୍ଷଣ କରନ୍ତୁ।
- ଗୋଲାପ ଗଛରେ ଉକୁଣିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଫିନୋପାଇରକ୍ସିମେଟ ୫% ଇସି ୨ ମିଲି ମିଶାଇ ସିଞ୍ଚନ କରନ୍ତୁ।
- ଗାଈଙ୍କୁ ଚର୍ମବିଣ୍ଡି ରୋଗ ହେଲେ ଦେହରେ ଆବୁ ଫଳିବା ସହ ଜ୍ୱର ଆସେ। ରୋଗ ମୁଖ୍ୟତଃ ମଶା, ମାଛି ଦ୍ୱାରା ବ୍ୟାପିଥାଏ। ତେଣୁ ଗୁହାଳକୁ ସଫା ରଖନ୍ତୁ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

## ପିଆଜ ଚାରାରୋପଣର ପରବର୍ତ୍ତୀ ଯତ୍ନ

**ଆମ ରାଜ୍ୟର ଚାଷୀଭାଇ ପ୍ରତିବର୍ଷ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ପିଆଜ ଚାରା ପକାନ୍ତି। ଡିସେମ୍ବର ସୁଦ୍ଧା ଚାରାକୁ ମୁଖ୍ୟ ଜମିରେ ଲଗାଇଥାନ୍ତି। ତେବେ ଜାନୁଆରୀରେ ପିଆଜ ଚାରା ରୋପଣର ପରବର୍ତ୍ତୀ ଯତ୍ନ ତଥା ଖତସାର ପ୍ରୟୋଗ ଓ ଜଳସେଚନ ଉପରେ ଅଧିକ ଧ୍ୟାନ ନ ଦେଲେ ଲାଭଯୁକ୍ତ ଅମଳ ମିଳିପାରି ନ ଥାଏ। ଏଥିପ୍ରତି ସତର୍କ ରହିବା ଜରୁରି।**

ବର୍ତ୍ତମାନ ପିଆଜର ଆକାର ଏବଂ ଓଜନ ବୃଦ୍ଧି ହେବାର ସମୟ। ଏହି ସମୟରେ ଜମିରେ ଆର୍ଦ୍ରତା ଅଧିକ କିମ୍ବା ବହୁତ କମ୍ ହେଲେ ପିଆଜର ବିକାଶ ହୁଏନି। ତେଣୁ ହେକ୍ଟର ପ୍ରତି ୧୨୦ କିଗ୍ରା. ଯବକ୍ଷାରଜାନ, ୬୦କିଗ୍ରା. ଫସ୍‌ଫରସ୍ ଏବଂ ୬୦ କିଗ୍ରା. ପଟାସ ସାର ପ୍ରୟୋଗ ଆବଶ୍ୟକ।



**ଜଳସେଚନ:** ତଳି ଲଗାଇବାର ପରବର୍ତ୍ତୀ ଅବସ୍ଥାରେ ମାଟିର ଜଳଧାରଣ କରିବା କ୍ଷମତାକୁ ବିଚାରକୁ ନେଇ ଜଳସେଚନର ବ୍ୟବସ୍ଥା କରିବାକୁ ପଡ଼ିଥାଏ। ଅଧିକ ଜଳ ଏବଂ ବାରମ୍ବାର ୟୁରିଆ ପ୍ରୟୋଗ ଯୋଗୁଁ ଗଛ ମୂଳ ସଢ଼ି ଥାଏ। ତେଣୁ ପାଗ ଦେଖି ଜମିରେ ପାଣି ମଡ଼େଇବା ଭଲ। ପିଆଜଗଛର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ମାଟିର ଉପରି ଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରହିବା ଦରକାର। କିନ୍ତୁ ଜମିରେ ପାଣି ଜମି ରହିବା ଅନୁଚିତ। ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ ଅଧିକଥର (ଲଗାଇବାର ୬୦ ଦିନରୁ ୧୧୦ ପର୍ଯ୍ୟନ୍ତ) ପାଣି ମଡ଼ାଇବା ଆବଶ୍ୟକ। ଫସଲରେ ଘାସ ନିୟନ୍ତ୍ରଣ କରିବା ଜରୁରି।

ସେହିପରି ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରି ଦିଅନ୍ତୁ। ସକାଳ ଏବଂ ସନ୍ଧ୍ୟା ସମୟରେ ହାଲୁକା ପାଣି ଦେଇ ପାରିବେ।

## ଏ ମାସର ଚାଷ

**ଶୀତଋତୁରେ କମ୍ ତାପମାତ୍ରାରେ ବିଭିନ୍ନ ପ୍ରକାର ପନି ପରିବା ଚାଷ କରାଯାଏ। ନିର୍ଦ୍ଦିଷ୍ଟ ଚାଷପାଇଁ ଜମି ପ୍ରସ୍ତୁତ ହୁଏ। ତାହା ସହିତ ଏହି ମାସରେ ମୃତ୍ତିକା ପରୀକ୍ଷା, ଉଚିତ ମାତ୍ରାର ପୋଷକତତ୍ତ୍ୱ, ଜଳ ପ୍ରୟୋଗ ଏବଂ ଘାସ ନିୟନ୍ତ୍ରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।**

ଚାଷ ପୂର୍ବରୁ ମାଟି ପ୍ରସ୍ତୁତ କରାଯାଏ। ଏଥିପାଇଁ ଜମିରେ ଗୋବର, ଖତ କିମ୍ବା କୋକୋପିଟ୍ ମିଶାଇ ଜମି ପ୍ରସ୍ତୁତ କରିପାରିବେ। ଏହାଦ୍ୱାରା ସଠିକ୍ ସମୟରେ ଜଳ ସିଞ୍ଚନ, ଜୈବିକ ଖତ ବ୍ୟବହାର ଏବଂ କୀଟନିୟନ୍ତ୍ରଣ ଦ୍ୱାରା ଫସଲ ଗୁଣବତ୍ତା ଏବଂ ଉତ୍ପାଦନ ଉଭୟ ବଢ଼ିଥାଏ। ଅତ୍ୟାଧୁନିକ କୌଶଳରେ ବ୍ରୋକଲି ଚାଷ କରାଯାଇପାରିବ।



- ଆଳୁ, ଟମାଟୋ, ବାଇଗଣ, ମଟର, ଲାଉ, ମେଥି, ପାଳଙ୍ଗ, ମୂଳା, ବିଟ୍, ଫ୍ରେଞ୍ଚବିନ୍,କଲରା, ପୋଟଳ ଲେମ୍ବୁ, ଅମୃତଭଣ୍ଡା ଚାଷ ପାଇଁ ଏବେ ବିହନ ବୁଣି ପାରିବେ।
- ମଟର ଫସଲରେ ପାଉଡରି ମିଲଡ୍ୟୁ ବା ପତ୍ର ପାଉଁଶିଆ ରୋଗ ଦେଖାଦେଲେ ପରିଚାଳନା କରନ୍ତୁ। ଚଣା, ମଟର ଏବଂ ମସୁର ଫସଲରେ ଜଳ ସିଞ୍ଚନରେ ଧ୍ୟାନ ଦେବା ଜରୁରି। ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସୁବନ୍ଦୋବସ୍ତ କରନ୍ତୁ।
- ପାଳଙ୍ଗ, ମେଥି ଏବଂ ଧଣିଆ ପତ୍ରକୁ କାଟି ବଜାରକୁ ପଠାନ୍ତୁ। ଏଥିରୁ ମଞ୍ଜି ରଖିବାକୁ ଚାହୁଁଥିଲେ, ପତ୍ର କାଟିବା ସ୍ଥଗିତ ରଖନ୍ତୁ।

## ସୋଫିଙ୍କ ସହ ଧାୱନଙ୍କ ନିର୍ବନ୍ଧ



ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଓ ତାଙ୍କର ବାନ୍ଧବୀ ଆୟର୍ଲାଣ୍ଡର ସୋଫି ସାଇନଙ୍କ ମଧ୍ୟରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ୪୦ ବର୍ଷୀୟ ଧାୱନ ଏହି ସୂଚନା ତାଙ୍କର ପ୍ରଶଂସକଙ୍କୁ ଜଣାଇଛନ୍ତି। ଉଭୟ ଧାୱନ ଓ ସୋଫିଙ୍କ ହାତ ଏହି ଫଟୋରେ ରହିଛି। ଯେଉଁଥିରେ ସୋଫିଙ୍କ ହାତରେ ନିର୍ବନ୍ଧ ମୁଦି ପିନ୍ଧି ଦେଖିବାକୁ ମିଳୁଛି। 'ଆମର ନିର୍ବନ୍ଧ ଲାଗି ଦେଇଥିବା ଭଲପାଇବା, ଆଶୀର୍ବାଦ ଓ ଶୁଭକାମନା ଲାଗି ଋଣୀ। ସବୁଦିନ ଲାଗି ଆମେ ଏକାଠି ରହିବା ଲାଗି ନିଷ୍ପତ୍ତି ନେଇଛୁ' ବୋଲି ଧାୱନ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଫେବୃଆରୀ ୩ୟ ସପ୍ତାହରେ ଧାୱନ ଓ ସୋଫିଙ୍କ ବିବାହ ଦିଲ୍ଲୀ-ଏନସିଆର୍‌ର ଏକ ବଡ଼ ହୋଟେଲରେ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରକାଶଯୋଗ୍ୟ, ଗତବର୍ଷ ଚାମ୍ପିଅନ୍ସ ଟ୍ରଫି ସମୟରେ ଧାୱନ ଓ ସୋଫିଙ୍କ ସମ୍ପର୍କକୁ ନେଇ ପ୍ରଥମେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଧାୱନଙ୍କ ଏହା ୨ୟ ବିବାହ ହେବ। ଏଥିପୂର୍ବରୁ ସେ ୨୦୧୨ରେ ତାଙ୍କଠାରୁ ୮ ବର୍ଷ ବଡ଼ ଅଷ୍ଟ୍ରେଲୀୟ କିକ୍‌ବକ୍ସର ଆୟେଶା ମୁଖାର୍ଜୀଙ୍କ ବିବାହ କରିଥିଲେ। ତେବେ ୨୦୨୩ ଅକ୍ଟୋବରରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା।

## ଦ୍ୱିତୀୟ ବିବାହ କଲେ ମଣ୍ଟି ପାନିସାର୍



ଲଣ୍ଡନ, ୧୨।୧ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ପଞ୍ଜାବୀ କ୍ରିକେଟର ମଣ୍ଟି ପାନିସାର୍ ଦ୍ୱିତୀୟ ବିବାହ କରିଛନ୍ତି। ଗତକାଲି ସେ ସୁବ୍ରାନି ଜୋହାଲଙ୍କୁ ବିବାହ କରିଥିବା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ପୂର୍ବରୁ ଗୁରୁଶରର ରତନଙ୍କ ସହ ପାନିସାର୍‌ଙ୍କର ବିବାହ ହୋଇଥିଲା। କିନ୍ତୁ ଏହା ୩ ବର୍ଷରେ ଭାଙ୍ଗିଯାଇଥିଲା। ବିବାହ ବିଚ୍ଛେଦ ହେଲା ବେଳକୁ ପାନିସାର୍‌ଙ୍କୁ ମାତ୍ର ୩୧ ବର୍ଷ ହୋଇଥିଲା। ଏବେ ସେ ୪୩ ବର୍ଷରେ ଲିସେଷ୍ଟର ବାସିନ୍ଦା ମିଡ୍ ଏଜୁକେସନାଲ ଟ୍ରଷ୍ଟରେ କାର୍ଯ୍ୟକରୁଥିବା ଜୋହାଲଙ୍କୁ ବିବାହ କରିଛନ୍ତି। ଜଣେ ସ୍ପିନର ଭାବେ ଇଂଲଣ୍ଡ ପକ୍ଷରୁ ୫୦ଟି ଟେଷ୍ଟ, ୨୬ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୧୬୭, ୧୭ ଓ ୨ଟି ୱିକେଟ ଅକ୍ତିଆର କରିଛନ୍ତି।

### ମହିଳା ପ୍ରିମିୟର ଲିଗ୍: ହାରିସ୍‌ଙ୍କ ଅର୍ଦ୍ଧଶତକ

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଆର୍‌ସିବି

ନଭି ମୁମ୍ବଇ, ୧୨।୧ (ଏଜେନ୍ସି)



ମହିଳା ପ୍ରିମିୟର ଲିଗ୍‌ରେ ସୋମବାର ଏଠାରେ ଅନୁଷ୍ଠିତ ୫ମ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୯ ୱିକେଟ୍‌ରେ ୟୁପି ୱାରିୟର୍ଜଙ୍କୁ ହରାଇଦେଇଛି। ଓପନର୍ ଗ୍ରେସ ହାରିସଙ୍କ ଦମ୍‌ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆର୍‌ସିବିକୁ କ୍ରମାଗତ ୨ୟ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁଇଟି ମ୍ୟାଚରୁ ୪ ପଏଣ୍ଟ ସହ ଆର୍‌ସିବି ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ଗୁଜରାଟ ଜାଏଣ୍ଟ୍ସ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍ ଆଧାରରେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି।

ୟୁପି ୱାରିୟର୍ଜ ପକ୍ଷରୁ ଧାର୍ଯ୍ୟ ୧୪୪ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ଅଧିନାୟିକା ମନ୍ଧାନା ଓ ଗ୍ରେସ୍ ହାରିସ ପ୍ରଥମ ୱିକେଟ୍ ଭାଗୀଦାରିରେ ୭୦ ବଲରୁ ୧୩୭ ରନ ଉଠାଇ ଦଳକୁ ଏକପାଖିଆ ବିଜୟ ନିକଟତର କରାଇଥିଲେ। ତେବେ ୮୫ ରନ କରି ଖେଳୁଥିବା ହାରିସଙ୍କୁ ଆଉଟ୍ କରି ଶିଖା ପାଣ୍ଡେ ୧୨ତମ ଓଭରରେ ଏହି ଯୋଡ଼ିକୁ ଭାଙ୍ଗିଥିଲେ। ହାରିସ ୪୦ ବଲ୍‌ର ଏହି ଅର୍ଦ୍ଧଶତକୀୟ ପାଳିରେ ୫ଟି ଛକା ଓ ୧୦ଟି ଚୌକା ମାରିଥିଲେ। ଏହାପରେ ରିଚା ଘୋଷ ଅଧିନାୟିକା ମନ୍ଧାନାଙ୍କ ସହ ଯୋଗଦେଇ ଦଳକୁ ୪୭ ବଲ୍ ଓ ୯ ୱିକେଟ୍ ବଳକା ଥାଇ ବିଜୟୀ କରାଇଥିଲେ। ୯ଟି ଚୌକା ବଳରେ ମନ୍ଧାନା ୩୨ ବଲରୁ ୪୭ ରନ ଓ ରିଚା ୨ ବଲରୁ ୪ ରନ କରି ଅପରାଜିତ ରହିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁପି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୩ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଡିଆଣ୍ଡ୍ରା ଡଟିନ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୪୦ ଓ ଦୀପ୍ତି ଶର୍ମା ୪୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ମେଗ୍ ଲାନ୍ନିଂ ୧୪, ଫୋଏବ ଲିଚଫିଲ୍ଡ ୨୦, ହର୍ଲିନ ଦେଓଲ ୧୧ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

**ଆଜିର ମ୍ୟାଚ୍**
**ମୁମ୍ବାଇ ଇଣ୍ଡିଆନ୍ସ-ଗୁଜରାଟ ଜାଏଣ୍ଟ୍ସ**
**ଆରମ୍ଭ: ରାତି ୭ଟା ୩୦**

### ● ମୁମ୍ବଇ ମ୍ୟୁନ୍‌ସିପାଲ ନିର୍ବାଚନ

## ଦର୍ଶକଙ୍କ ବିନା ଖେଳାଯିବ ୨ଟି ମ୍ୟାଚ୍

ମୁମ୍ବଇ, ୧୨।୧ (ଏଜେନ୍ସି): ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ବିନା ଦର୍ଶକରେ ଖେଳାଯିବ ମହିଳା ପ୍ରିମିୟର ଲିଗ୍‌ର ୨ ଦିନର ମ୍ୟାଚ୍। ଏହା ଫଳରେ କ୍ରମାଗତ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଖେଳ ଦେଖିବାକୁ ଦର୍ଶକ ବଞ୍ଚିତ ହେବେ। ଘଟଣାରୁ ଜଣାଯାଇଛି ଜାନୁଆରୀ ୧୫ରେ ମୁମ୍ବଇରେ ମ୍ୟୁନ୍‌ସିପାଲ ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ପୁଲିସ୍ ନିର୍ବାଚନରେ ବ୍ୟସ୍ତ ରହୁଥିବାରୁ ଜାନୁଆରୀ ୧୪ ଓ ୧୫ରେ ଷ୍ଟାଡିୟମ୍‌ରେ ସୁରକ୍ଷା ଯୋଗାଇ ଦେଇପାରିବ ନାହିଁ ବୋଲି ବିସିସିଆଇକୁ ଜଣାଇ ଦିଆଯାଇଛି। ଫଳରେ ଏହି ଦୁଇ ଦିନ ଦର୍ଶକଙ୍କ ଲାଗି ଷ୍ଟାଡିୟମ୍ ବନ୍ଦ ରହିବ। ୧୪ରେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ୟୁପି ୱାରିୟର୍ଜ, ୧୫ରେ ମୁମ୍ବଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ଜ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଗ୍ରହୀ ଦର୍ଶକମାନେ ଟେଲିଭିଜନରେ ଏହି ଖେଳ ଉପଭୋଗ କରିପାରିବେ।

### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ | ପନ୍ତଙ୍କ ପରେ ସୁନ୍ଦର

ଭଦୋଦରା, ୧୨।୧ (ଏଜେନ୍ସି): ଦୀର୍ଘ ୩ ସପ୍ତାହ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଭାରତୀୟ ଦଳ ଆଘାତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜ୍‌ରୁ ୱାଶିଂଟନ ସୁନ୍ଦର ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ଦଳରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ସିରିଜ୍ ଆରମ୍ଭ ହେବା ପୂର୍ବରୁ ୱିକେଟରକ୍ଷକ ଋଷଭ ପନ୍ତ ବାଦ୍ ପଡ଼ିଥିଲେ। ନ୍ୟୁଜିଲାଣ୍ଡ ସହ ପ୍ରଥମ ଦିନିକିଆରେ ବୋଲିଂ କରୁଥିଲାବେଳେ ବଲ ଫିଲ୍ଡି କରିବାକୁ ଯାଇ ସୁନ୍ଦର ଆହତ ହୋଇଛନ୍ତି। ତାଙ୍କ ମାଂସପେସୀ ଟାଣି ହୋଇଯାଇଥିବା ଜାଣିବାକୁ ମିଳିଛି। ଫଳରେ ସେ ମାତ୍ର ୫ ଓଭର ବୋଲିଂ କରିପାରିଥିଲେ। ରନ୍ ଚେଜ୍ କଲାବେଳେ ମଧ୍ୟ ବହୁ କଷ୍ଟରେ ବ୍ୟାଟିଂ କରିଥିଲେ ସୁନ୍ଦର। ଖେଳ ପରେ ତାଙ୍କ ଆଘାତ ସମସ୍ୟାର ତର୍ଜମା କରାଯାଇଥିଲା। ସେଥିରେ ସମସ୍ୟା ଗମ୍ଭୀର ଥିବାରୁ ତାଙ୍କୁ ସିରିଜ୍‌ର ଅବଶିଷ୍ଟ ୨ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ଦିଲ୍ଲୀ ରଣଜୀ ଦଳର ଅଧିନାୟକ ଆୟୂଷ ବଦୋନିଙ୍କୁ ସାମିଲ କରାଯାଇଛି। ପୂର୍ବରୁ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଟି-୨୦ ସିରିଜ୍ ଲାଗି ମନୋନୀତ ତିଲକ ବର୍ମାଙ୍କୁ ମିଶାଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ମନୋନୀତ ହୋଇଥିବା ୩ଜଣ ଖେଳାଳି ଆଘାତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି।

## ଟି-୨୦ ବିଶ୍ୱକପ୍: ତିରୁଅନନ୍ତପୁରମ୍, ଚେନ୍ନଇରେ ଖେଳିପାରେ ବାଂଲାଦେଶ

ଦୁବାଇ, ୧୨।୧ (ଏଜେନ୍ସି): ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ଆଇସିସିକୁ ଅନୁରୋଧ କରିଛି। କିନ୍ତୁ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ। କିନ୍ତୁ ବାଂଲାଦେଶର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର ନ କରିବାକୁ ଆଇସିସି ଓ ସହ ଆୟୋଜକ ବିସିସିଆଇ ରାଜି ନୁହଁନ୍ତି। ବାଂଲାଦେଶ ତାହାର ଲିଗ୍ ମ୍ୟାଚ୍ କୋଲକାତା ଓ ମୁମ୍ବଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଏହି ଦୁଇଟି ଭେନ୍ୟୁକୁ ତାମିଲନାଡୁର ଚେନ୍ନଇ ଓ କେରଳର ତିରୁଅନନ୍ତପୁରମରେ ଆୟୋଜନ କରିବାକୁ ଯୋଜନା ହୋଇଛି। ଉଭୟ ରାଜ୍ୟର କ୍ରିକେଟ ବୋର୍ଡକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଦୁଇଟି ରାଜ୍ୟରେ ବାଂଲା ବିରୋଧି ମନୋଭାବ ସାଧାରଣତଃ ନାହିଁ। ଏଣୁ ମ୍ୟାଚ୍ ସେଠାରେ ମ୍ୟାଚ୍ ହେଲେ ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ଉଭୟ ଆଇସିସି ଓ ବିସିସିଆଇ ଆଶା ପ୍ରକାଶ କରିଛନ୍ତି।

## ମା'ଙ୍କ ନିକଟକୁ ସମସ୍ତ ଟ୍ରଫି ପଠାଇଥା'ନ୍ତି କୋହଲି



ଭଦୋଦରା, ୧୨।୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚକୁ ଘରୋଇ ଭାରତ ୪ ୱିକେଟ୍‌ରେ ଜିତିନେଇଛି। ୯୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିବା ବିରାଟ କୋହଲି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୭୧ଥର ଲାଗି କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିଭଳି ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ୪୫ତମ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଥିଲା। ପୁରସ୍କାର ଗ୍ରହଣ ଅବସରରେ ବିରାଟ କୋହଲି ଏକ ବଡ଼ ଖୁଲାସା କରିଛନ୍ତି। 'ତୁମ ପାଖରେ କେତୋଟି ପ୍ଲେୟର ଅଫ୍ ଦି ଆୱାର୍ଡ ଟ୍ରଫି ରହିଛି' ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ୩୭ ବର୍ଷୀୟ କୋହଲି କହିଥିଲେ ଯେ 'ସତ କହିବାକୁ ଗଲେ ମୋର କୌଣସି ଧାରଣା ନାହିଁ। ମୁଁ ମୋର ସମସ୍ତ 'ପ୍ଲେୟର ଅଫ୍ ଦି ମ୍ୟାଚ୍ ଟ୍ରଫି' ଗୁରୁଗ୍ରାମରେ ରହୁଥିବା ମା'ଙ୍କ ନିକଟକୁ ପଠାଇ ଦେଇଥାଏ। ମୋ ମା' ପୁରସ୍କାର ରଖିବାକୁ ବହୁତ ଭଲ ପାଆନ୍ତି।

### ମହମ୍ମଦ୍ ନବିଙ୍କ ସ୍ୱପ୍ନ ପୂରଣ ହେଲା | ବିପିଏଲ୍‌ରେ ଏକାଠି ଖେଳିଲେ ବାପ-ପୁଅ



ସିଲହଟ୍, ୧୨।୧ (ଏଜେନ୍ସି): ପୁଅ ହାସନ ଐସାଖିଲଙ୍କ ସହ ଏକାଠି ଖେଳିବାକୁ ଆଫଗାନିସ୍ତାନର କିଂବଦନ୍ତି କ୍ରିକେଟର ମହମ୍ମଦ୍ ନବି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଗତକାଲି ଅନୁଷ୍ଠିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ପୂରଣ ହୋଇଛି। ଢାକା କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଉଭୟ ୪୧ ବର୍ଷୀୟ ବାପ ନବି ଓ ୧୯ ବର୍ଷୀୟ ପୁଅ ଐସାଖିଲ ନୋଆଖାଲି ଏକ୍ସପ୍ରେସ୍ ଟିମ୍‌ରୁ ଖେଳିଥିଲେ। କେବଳ ଉଭୟ ମ୍ୟାଚ୍ ଖେଳି ନ ଥିଲେ, ବରଂ ଦଳକୁ ୪୧ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ କରାଇଥିଲେ। ଏହି ମ୍ୟାଚ୍‌ରେ ଐସାଖିଲ ଇନିଂସ ଓପନ କରି ୯୨ ରନ୍ କରିଥିଲେ। ସେ ମଧ୍ୟ ପିତା ନବିଙ୍କ ସହ ୫୩ ରନ୍‌ର ପାର୍ଟନରସିପ୍ କରିଥିଲେ। ଏହି ମ୍ୟାଚ୍ ବିଜୟୀ ଇନିଂସ ଯୋଗୁଁ ଐସାଖିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ■ ବିଜୟ ହଜାରେ ଟ୍ରଫି

## ସେମିରେ କର୍ଣ୍ଣାଟକ, ସୌରାଷ୍ଟ୍ର

ବେଙ୍ଗାଲୁରୁ, ୧୨।୧ (ଏଜେନ୍ସି): କର୍ଣ୍ଣାଟକ ଓ ସୌରାଷ୍ଟ୍ର ଚଳିତବର୍ଷର ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଏଠାରେ ପ୍ରଥମ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଭିଜେଡି ମେଥଡ ଅନୁଯାୟୀ ମୁମ୍ବଇକୁ ୯ ୱିକେଟରେ ଓ ସୌରାଷ୍ଟ୍ର ୭ ୱିକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ସହ ବିଦର୍ଭର ଓ ପଞ୍ଜାବ ସହ ମଧ୍ୟପ୍ରଦେଶର ମୁକାବିଲା ହେବ। ଆଜିର ପ୍ରଥମ କ୍ୱାର୍ଟରରେ ବ୍ୟାଟିଂ କରି ମୁମ୍ବଇ ୮ ୱିକେଟରେ ୨୫୪ ରନ୍ କରିଥିଲା। ସ୍ପିନ ଅଲରାଉଣ୍ଡର ସାମ୍ସ ମୁଲାନି ୮୬, ଅଧିନାୟକ ସିଦ୍ଧେଶ ଲାଡ ୩୮ ଓ ସାଇରାଜ ପାଟିଲ ଅପରାଜିତ ୩୩ ରନ୍ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ବିଦ୍ୟାଧର ପାଟିଲ ୩ଟି ୱିକେଟ ପାଇଥିଲେ। କର୍ଣ୍ଣାଟକ ବ୍ୟାଟିଂ ଆରମ୍ଭ କରି ୩୩ ଓଭରରେ ୧ ୱିକେଟ ହରାଇ ୧୮୭ ରନ୍ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ବନ୍ଦ ରଖାଯାଇଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ କର୍ଣ୍ଣାଟକକୁ ୩୩ ଓଭରରେ ୧୩୪ ରନ୍‌ର ଟାର୍ଗେଟ ରହିଥିଲା। ଏଣୁ କର୍ଣ୍ଣାଟକକୁ ୫୫ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା। ଦେବଦତ୍ତ ପାଡିକଲ ୮୧ ଓ କରୁନ ନାୟାର ୭୪ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଅଭିଷେକ ଗୋସ୍ୱାମୀ ୮୮ ଓ ସମୀର ରିଜଭୀଙ୍କ ଅପରାଜିତ ୮୮ ରନ୍ ସହାୟତାରେ ଉତ୍ତରପ୍ରଦେଶ ୮ ୱିକେଟରେ ୩୧୦ ରନ୍ କରିଥିଲା। ଜବାବରେ ହାର୍ଭିକ ଦେଶାଇଙ୍କ ଅପରାଜିତ ୧୦୦ ରନ୍ ସହାୟତାରେ ସୌରାଷ୍ଟ୍ର ୪୦.୧ ଓଭରରେ ୩ ୱିକେଟ ହରାଇ ୨୩୮ ରନ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ ସୌରାଷ୍ଟ୍ରକୁ ୧୭ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

## ଓଡ଼ିଶା ଆସିବେ ଚେସ୍ କିଂବଦନ୍ତି ଆନନ୍ଦ



ଭୁବନେଶ୍ୱର, ୧୨।୧ (ସମିସ): ଭାରତୀୟ ଚେସର କିଂବଦନ୍ତି ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ସହ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ସଭାପତି ଆର୍କାଡି ଡିଭୋରକୋଭିଚ୍, ଉପସଭାପତି ଡାନା ରେଜିନ୍‌ଙ୍କ ସମେତ ଦେଶ ଓ ବିଦେଶର ଚେସ୍ କର୍ମକର୍ତ୍ତା ଓ ଖେଳାଳି ଓଡ଼ିଶା ଆସିବେ। କିଟ୍ ଡିମ୍‌ଡ ୟୁନିଭର୍ସିଟି ଆନୁକୂଲ୍ୟରେ କିଟ୍ କ୍ୟାମ୍ପସ ଓ ଏକ ଘରୋଇ ହୋଟେଲରେ ଆସନ୍ତା ଜାନୁଆରୀ ୧୪ରୁ ୧୬ ଯାଏ ସୋସିଆଲ ଆଣ୍ଡ ଏଜୁକେସନାଲ ଚେସ୍ ଉପରେ ଏକ କର୍ମଶାଳା ଆୟୋଜିତ ହେବ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସନାଲ ଚେସ୍ ହଲ ଓ ଚେସ୍ ଗ୍ରାଉଣ୍ଡକୁ ଆନନ୍ଦ ଉଦ୍‌ଘାଟନ କରିବେ। ଫିଡେ ସଭାପତି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୪୦ଟି ଦେଶର ପ୍ରାୟ ୫,୨୦୦ ଚେସ୍ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କର୍ମଶାଳା ଦେଶରେ ପ୍ରଥମଥର ଆୟୋଜିତ ହେଉଛି ଓ ଏଥିଲାଗି ଭାରତର ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି ବୋଲି ଇଭେଣ୍ଟ କମିସନ ସଦସ୍ୟ ରଞ୍ଜନ ମହାନ୍ତିଙ୍କଠାରୁ ଜଣାଯାଇଛି।

## କଳିଙ୍ଗରେ ୧୭ରୁ ମାଗଣାରେ ଖେଳ ଦେଖିବେ ଦର୍ଶକ

**ହକି ଇଣ୍ଡିଆ ଲିଗ୍**

ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ତଥା ଭୁବନେଶ୍ୱର ହକି ପ୍ରେମୀଙ୍କ ଲାଗି ଏକ ଶୁଭ ଖବର। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖଯାଏ ଖେଳାଯିବାକୁ ଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ସମସ୍ତ ମ୍ୟାଚ୍ ଦର୍ଶକ ମାଗଣାରେ ଦେଖିପାରିବେ। ଏ ସମ୍ପର୍କରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ଘୋଷଣା କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳାଳିଙ୍କ ଖେଳ ଦେଖିବାକୁ ଓଡ଼ିଶାର ସମସ୍ତ ହକିପ୍ରେମୀ କଳିଙ୍ଗ ଷ୍ଟାଡିୟମ୍ ଆସିବାକୁ ଅନୁରୋଧ କରିଛନ୍ତି। ଦର୍ଶକମାନେ https://ticketgenie.in/event/Hero-Hockey-India-League-୨୦୨୫-୨୬ ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ। ଏଥର ପୁରୁଷ ଏଚ୍‌ଆଇଏଲ୍‌ରେ ୮ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟାଇଟଲ ଦାବିଦାର ରହିଛି। ଏଚ୍‌ଆଇଏଲ୍‌ର ତୃତୀୟ ଭାଗର ସମସ୍ତ ମ୍ୟାଚ୍ କଳିଙ୍ଗରେ ଖେଳାଯିବ। ଏଠାରେ ୯ଦିନ ମ୍ୟାଚ୍ ଅନୁଷ୍ଠିତ ହେବ। ଜାନୁଆରୀ ୨୪ରେ ବିଶ୍ରାମ ଦିବସ, ଜାନୁଆରୀ ୧୯, ୨୧, ୨୨ ଓ ୨୫ରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୨୩ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବ। ଜାନୁଆରୀ ୨୫ରେ କ୍ୱାଲିଫାୟର-୨, ଜାନୁଆରୀ ୨୬ରେ ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ହକି ଇଣ୍ଡିଆ ଲିଗ୍

# ଏସ୍‌ଜି ପାଇପର୍ସର ପ୍ରଥମ ବିଜୟ

ରାଞ୍ଚି, ୧୨।୧ (ଏଜେନ୍ସି)



ଏସ୍‌ଜି ପାଇପର୍ସ ଦଳ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପୁରୁଷ ବିଭାଗରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ସ୍ଥାନୀୟ ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଅନୁଷ୍ଠିତ ଏକ ମ୍ୟାଚରେ ପାଇପର୍ସ ୨-୧ ଗୋଲ୍‌ରେ ହାଇଦରାବାଦ୍ ତୁଫାନ୍ସକୁ ପରାସ୍ତ କରିଥିଲା। ତୋମାସ ଡୋମେନେ ଡବଲ୍ ଗୋଲ୍‌ସ୍କୋର କରି ପାଇପର୍ସକୁ ଟୁର୍ଣ୍ଣାମେଣ୍ଟରେ ପ୍ରତୀକ୍ଷିତ ବିଜୟ ପଏଣ୍ଟ ଭେଟି ଦେଇଥିଲେ। ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଆର୍ଜେଣ୍ଟିନା ଫରୱାର୍ଡ ଡୋମେନ ପ୍ରଥମ ଗୋଲ୍ ଦେଇ ପାଇପର୍ସକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରର ଶେଷ ତଥା ୨୯ତମ ମିନିଟ୍‌ରେ ଡୋମେନ ବ୍ୟକ୍ତିଗତ ୨ୟ ଗୋଲ୍ ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ଗୋଟିଏ ଗୋଲ୍ ଦେଇ ତୁଫାନ୍ସର ଖାତା ଖୋଲିଥିଲେ। ଏହାପରେ ପରବର୍ତ୍ତୀ ୧୯ ମିନିଟ୍‌ରେ ଆଉ କୌଣସି ଗୋଲ୍ ନ ହେବା ଫଳରେ ପାଇପର୍ସ ୨-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା। ଏଥିସହ ପାଇପର୍ସ ୩ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ସୁଟ୍‌ଆଉଟ୍ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲ୍‌ର ୫ମ ସ୍ଥାନରେ ରହିଛି।

**ଶୀର୍ଷରେ ଏଚ୍‌ଆଇଏଲ୍ ଜିସି**

ସୋମବାର ଅନ୍ୟ ଏକ ମ୍ୟାଚରେ ହକି ଇଣ୍ଡିଆ ଲିଗ୍ ଗଭର୍ଣ୍ଣିଂ କାଉନସିଲ୍ (ଏଚଆଇଏଲ୍ ଜିସି) ୪-୨ ଗୋଲରେ ତାମିଲନାଡୁ ଡ୍ରାଗନକୁ ହରାଇଦେଇଛି। କେନ୍ ରସେଲ ହ୍ୟାଟ୍ରିକ ଗୋଲ୍ ଦେଇ ଏଚଆଇଏଲ୍ ଗଭର୍ଣ୍ଣିଂ କାଉନସିଲର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ୪ର୍ଥ ମ୍ୟାଚରୁ ୩ ବିଜୟ ହାସଲ କରି ୧୦ ପଏଣ୍ଟ ପାଇଁ ଦଳ ପଏଣ୍ଟ ଟେବଲ୍ ଶୀର୍ଷକୁ ଉଠିଛି। ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩ଟି ମ୍ୟାଚରୁ ୮ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ମଙ୍ଗଳବାର ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ରାଜ୍ୟ ଲନ୍‌ବଲ ପ୍ରତିଯୋଗିତା ୧୬ରୁ

ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ଲନ୍‌ବଲ ସଂଘ ଆନୁକୂଲ୍ୟରେ ବଲାଙ୍ଗିରର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ନବନିର୍ମିତ ଲନ୍‌ବଲ୍ କୋର୍ଟରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୫ଟି ବିଭାଗରେ ପୁରୁଷ ଓ ମହିଳା ବର୍ଗରେ ୩୦୦ ଜଣ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୩ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଜୋରଦାର ଲଢ଼େଇ ହେବ ବୋଲି ରାଜ୍ୟ ଲନ୍‌ବଲ ସଂଘ ସମ୍ପାଦକ ସୁମିତରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

### ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ଉଦ୍‌ଯାପିତ

## ମୌସୁମୀଙ୍କୁ ଡବଲ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୨।୧ (ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶା ମୌସୁମୀ ଦାସ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଯୁବ ଓ ସିନିୟର ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ବିଭାଗର ସେ ସ୍ନାଚ୍‌ରେ ୭୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୪ କେଜି ଓଜନ ଉଠାଇଥିଲେ। ମୋଟରେ ୧୬୪ କେଜି ଓଜନ ଉଠାଇଥିବା ମୌସୁମୀଙ୍କୁ ୨ଟି ସ୍ୱର୍ଣ୍ଣପଦକ ମିଳିଥିଲା। ଏହାକୁ ମିଶାଇ ଟୁର୍ଣ୍ଣାମେଣ୍ଟର ଉଭୟ ଯୁବ ଓ ବରିଷ୍ଠ ବିଭାଗରେ ରନର୍ସଅପ୍ ହୋଇଛି। କନିଷ୍ଠ ଦଳ ଚାମ୍ପିଅନ ହୋଇଛି। ଓଡ଼ିଶା ଦଳର ଏହି ସଫଳତା ଲାଗି କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି, ମ୍ୟାନେଜର ଟାଙ୍ଗ ଦେବୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS